


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୨୮ ମାର୍ଚ୍ଚ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 28 MARCH 2025

Vol.No. 36 ■ No.82 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ

ନୂଆବର୍ଷ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


## ଲୋକସଭାରେ ଗୃହୀତ ହେଲା ଇମିଗ୍ରେସନ ବିଲ

### ଗୃହମନ୍ତ୍ରୀ କହିଲେ ଭାରତ ନୁହେଁ ଧର୍ମଶାଳା: ଗୃହମନ୍ତ୍ରୀ



ନୂଆଦିଲ୍ଲୀ, ୨୭/୩ : ଲୋକସଭାରେ ଗୃହୀତ ହେଲା ଇମିଗ୍ରେସନ ବିଲ । ଗୃହମନ୍ତ୍ରୀ ଅମିତ ଶାହାଙ୍କ ବଡ଼ ବୟାନ । କହିଲେ ଭାରତ ନୁହେଁ ଧର୍ମଶାଳା । ପର୍ଯ୍ୟଟକ ଭାବେ ବୁଲିବାକୁ ଆସୁଥିବା , ଶିକ୍ଷା ଗ୍ରହଣ କରିବା ଆସୁଥିବା, ସ୍ୱାସ୍ଥ୍ୟ ଅବା ବାଣିଜ୍ୟ ପାଇଁ ଆସୁଥିବା ଲୋକଙ୍କୁ ସ୍ୱାଗତ । ହେଲେ ଭାରତ ପାଇଁ ଭୟ ବଢାଉଥିବା ଲୋକଙ୍କୁ କରାଯିବ ସାବାଡ଼୍ । ଇମିଗ୍ରେସନ ଏବଂ ଫରେନର୍ସ ବିଲ ୨୦୨୫ ଉପରେ ଲୋକସଭାରେ ଆଲୋଚନା ବେଳେ ଏଭଳି କହିଛନ୍ତି ଶାହା । ଗୃହମନ୍ତ୍ରୀ କହିଛନ୍ତି, ମୋଦୀ ସରକାର ସେହିମାନଙ୍କୁ ଭାରତରେ ପଶିବାକୁ ଅନୁମତି ଦେବ ନାହିଁ । ଯେଉଁମାନଙ୍କ ଯୋଗୁ ଭାରତର ଜାତୀୟ ସୁରକ୍ଷା ଉପରେ ଭୟ ସୃଷ୍ଟି ହେଉଛି । ଏହି ଦେଶ ଧର୍ମଶାଳା ନୁହେଁ । ଯେଉଁମାନେ ଦେଶର ବିକାଶ କ୍ଷେତ୍ରରେ ଯୋଗଦାନ କରିବେ ସେମାନଙ୍କୁ ସ୍ୱାଗତ କରାଯିବ । କିନ୍ତୁ ଭାରତ ପ୍ରତି ଭୟ ସୃଷ୍ଟି କରୁଥିବା ଲୋକଙ୍କୁ ନୁହେଁ । ଏଥିସହ ଶାହା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଟାର୍ଗେଟ କରିବା ସହ ପଶ୍ଚିମବଙ୍ଗ ସରକାର ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଦୟା ଦେଖାଉଥିବା କହିଛନ୍ତି ଶାହା । ପଶ୍ଚିମବଙ୍ଗ ସରକାରଙ୍କ ପାଇଁ ବାଂଲାଦେଶ ସୀମାରେ ୩୫୦ କିଲୋମିଟରର ତାର ବାଡ଼ ନିର୍ମାଣ ହୋଇପାରୁନଥିବା କହିଛନ୍ତି ଗୃହମନ୍ତ୍ରୀ ।

## ଠକ ସ୍କୁଲ୍‌ଙ୍କ ପାଇଁ କଠୋର ହେଲା ସିବିଏସଇ

ନୂଆଦିଲ୍ଲୀ, ୨୭/୩ : ବୋର୍ଡ ପରୀକ୍ଷା ନେଇ ସିବିଏସଇ ପକ୍ଷରୁ ବଡ଼ ସୂଚନା । ଦ୍ୱାଦଶ ବୋର୍ଡ ପରୀକ୍ଷାରେ ସାମିଲ ହୋଇପାରିବେନି ଠକ ସ୍କୁଲର ଛାତ୍ରଛାତ୍ରୀ । ଆଫିଲିଏସନ୍ ନଥାଇ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କୁ ଦ୍ୱାଦଶ ବୋର୍ଡ ପରୀକ୍ଷା ଦେବାପାଇଁ ମିଳିବନି ଅନୁମତି । ଯେଉଁ ସ୍କୁଲ ଏଭଳି ପିଲାଙ୍କୁ ପରୀକ୍ଷା ପାଇଁ ରେଫର କରିବେ ସେମାନଙ୍କ ଉପରେ ମଧ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସିବିଏସଇ ପକ୍ଷରୁ ୨୦୨୪ ଡିସେମ୍ବରରେ ଦିଲ୍ଲୀ, ବେଙ୍ଗାଲୁରୁ, ବାରଣାସୀ, ବିହାର, ଗୁଜରାଟ ଏବଂ ଛତିଶଗଡ଼ର ୨୯ ସ୍କୁଲରେ ଡମି ଛାତ୍ରଙ୍କ ନାମାଙ୍କନ ନେଇ ଯାଞ୍ଚ କରାଯାଇଥିଲା । ଏନେଇ ବୋର୍ଡ ପକ୍ଷରୁ ଅନେକ ସ୍କୁଲକୁ ନୋଟିସ କରି ଜବାବ ମଗାଯାଇଥିଲା । ଏବେ ଏଭଳି ପିଲାମାନଙ୍କୁ ବୋର୍ଡ ପରୀକ୍ଷାରେ ବସିବାକୁ ଅନୁମତି ଦିଆଯିବ ନାହିଁ ବୋଲି ସ୍ପଷ୍ଟ କରିଛି ବୋର୍ଡ ।

## ଅଧାରେ ଅଟକିଲା ଚାକିରି ସ୍ୱପ୍ନ: ଦୌଡିବା ବେଳେ ଚାଲିଗଲା ଜୀବନ



ଦେବଗଡ଼, ୨୭/୩ (ନି.ପ୍ର): ଚାକିରି ପାଇଁ ଆସି ଶବ ହୋଇ ଫେରିଲେ ଯୁବକ । ହୋମଗାର୍ଡ ପଦବୀ ପାଇଁ ଦୌଡ ପରୀକ୍ଷା ଦେବା ବେଳେ ଘଟିଛି ବଡ଼ ଅଘଟଣ । ଦେବଗଡ଼ରେ ହୋମଗାର୍ଡ ପଦବୀ ପାଇଁ ଶାରୀରିକ ପରୀକ୍ଷାବେଳେ ଅଘଟଣ । ରିଜର୍ଭ ପୋଲିସ ପଡିଆରେ ଦୌଡିବା ବେଳେ ଅଚେତ ହୋଇପଡ଼ିଲେ ପରୀକ୍ଷାର୍ଥୀ । ଏହାପରେ ଚିକିତ୍ସାଧୀନ ଅବସ୍ଥାରେ ମେଡିକାଲରେ ମୃତ୍ୟୁ ହୋଇଛି । ମୃତକ ହେଲେ ଦେବଗଡ ବୁଡିଦୋ ଗାଁର ସାହେବ ଦେହୁରୀ । ଗତକାଲି ଅପରାହ୍ନରେ ରିଜର୍ଭ ପୋଲିସ୍ ଗ୍ରାଉଣ୍ଡରେ ଦୌଡୁଥିବା ବେଳେ ବେହୋସ ହୋଇପଡିଥିଲେ ସାହେବ । ଏହାପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଏନେଇ ଆଜି ମେଡିକାଲ ପରିସରରେ ଉତ୍ତେଜନା ଦେଖା ଦେଇଥିଲା । ଡାକ୍ତରଙ୍କ ଅବହେଳାରୁ ମୃତ୍ୟୁ ଘଟିଥିବା ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ଓ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ମୃତଦେହ ଧରି ଜିଦରେ ଅଡ଼ି ବସିଥିଲେ ପରିବାରଲୋକେ ଓ ସ୍ଥାନୀୟଲୋକେ । ଘଟଣାସ୍ଥଳରେ ଉପଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବାପରେ

▶▶ପୃଷ୍ଠା ୭

## ଆଗାମୀ ୩ ଦିନ ପାଇଁ ଜାରି ହେଲା ହିଟ୍‌ୱେଭ୍ ୱାର୍ଣ୍ଣିଂ: ୪୦ ଡିଗ୍ରୀରୁ ଅଧିକ ରହିପାରେ ତାପମାତ୍ରା



ଭୁବନେଶ୍ୱର, ୨୭/୩ (ନି.ପ୍ର): ରାଜ୍ୟରେ ଆଗାମୀ ୩ ଦିନ ପାଇଁ ଜାରି ହେଲା ହିଟ୍‌ୱେଭ୍ ୱାର୍ଣ୍ଣିଂ । ଆଗାମୀ ୩ ଦିନ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ଏପ୍ରିଲ ୨ ତାରିଖ ବେଳକୁ ବର୍ଷାର ସମ୍ଭାବନା ଥିବା ମଧ ଆକଳନ କରିଛି ପାଣିପାଗ ବିଭାଗ । ତେବେ ଆସନ୍ତା ୨୪ ଘଣ୍ଟାରେ ବଢ଼ିବ ତାପମାତ୍ରା । ଆଗାମୀ ୩ ଦିନରେ ଦିନ ସମେତ ରାତିର ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବ । ଏହାପରେ ପାଗରେ ବିଶେଷ ପରିବର୍ତ୍ତନ ନାହିଁ । ତେବେ ଆସନ୍ତାକାଲି କେତେକ ସ୍ଥାନରେ ୪୦ କିମ୍ବା ତା ଠାରୁ ଅଧିକ ତାପମାତ୍ରା ରହିପାରେ । କାଲି ପାଇଁ ଗୋଟେ କିମ୍ବା ଦୁଇଟି ଜିଲ୍ଲାରେ ହିଟ୍‌ୱେଭ୍ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୮ ତାରିଖ ପାଇଁ ସମ୍ବଲପୁର ଏବଂ ବୌଦ୍ଧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

▶▶ପୃଷ୍ଠା ୭

## ଲୋୟର ପିଏମଜି ପାଲଟିଲା ରଣକ୍ଷେତ୍ର

➩କଂଗ୍ରେସ କର୍ମୀଙ୍କ ପଥର, ଅଣ୍ଡା, ଟମାଟୋ ଓ ଚେୟାର ମାଡ

➩ପୁଲିସ୍‌ର ପାଣି ମାଡ, ଟିୟର ଗ୍ୟାସ୍ ସହ ଲାଠି ଚାର୍ଜ

➩୧୨ ପୋଲିସ ଆହତ, ଫାଟିଲା ଗଣମାଧ୍ୟମ ପ୍ରତିନିଧିଙ୍କର ମୁଣ୍ଡ

➩ଭକ୍ତ-ତାରା-ମୋକିମଙ୍କୁ ଉଠାଇ ନେଲା ପୁଲିସ





ଭୁବନେଶ୍ୱର, ୨୭/୩ (ନି.ପ୍ର): କଂଗ୍ରେସ କର୍ମୀଙ୍କ ଆନ୍ଦୋଳନ ଯୋଗୁଁ ଭୁବନେଶ୍ୱରର ଲୋୟର ପିଏମଜି ରଣକ୍ଷେତ୍ର ପାଲଟିଛି । ବିଧାନସଭା ଘେରାଉ ପାଇଁ କଂଗ୍ରେସ କର୍ମୀ ମାନେ ବ୍ୟାରିକେଟ୍ ଡେଇଁବାକୁ ଉଦ୍ୟମ କରିଥିଲେ । ସୁରକ୍ଷାକର୍ମୀ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ଆନ୍ଦୋଳନକାରୀମାନେ ପୋଲିସ୍ ଉପରକୁ ପଥର, ଅଣ୍ଡା ଏବଂ ଟମାଟୋ ମାଡ କରିବା ସହିତ ଚେୟାର ଫିଙ୍ଗିଥିଲେ । ପୋଲିସ ସେମାନଙ୍କୁ ଘଉଡ଼ାଇବା ପାଇଁ ଲୁହବୁହା ଗ୍ୟାସ୍ ଏବଂ ପାଣି ତୋପ ବ୍ୟବହାର କରିଥିଲା । ସୂଚନା ଅନୁଯାୟୀ କଂଗ୍ରେସ ପକ୍ଷରୁ ପୂର୍ବ ଘୋଷଣା ଅନୁସାରେ ଗୁରୁବାର ବିଧାନସଭା ଘେରାଉ କରିବାକୁ ଉଦ୍ୟମ କରାଯାଇଥିଲା ।

▶▶ପୃଷ୍ଠା ୭

## ନବମ, ଦଶମ ଶ୍ରେଣୀ ପିଲାଙ୍କୁ ମିଳିବ ମଧ୍ୟାହ୍ନ ଭୋଜନ

ଭୁବନେଶ୍ୱର, ୨୭/୩ (ନି.ପ୍ର): ଏଣିକି ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ବି ମିଳିବ ମଧ୍ୟାହ୍ନ ଭୋଜନ । ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ଦିଆଯିବ ମଧ୍ୟାହ୍ନ ଭୋଜନ । ଏନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି । ଏଥିପାଇଁ ରାଜ୍ୟ ସରକାର ୫୭୦.୭୧ କୋଟି ଟଙ୍କା ବ୍ୟୟ କରିବେ । ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ଏଥିପାଇଁ ରାଜ୍ୟ ସରକାର ଖର୍ଚ୍ଚ କରିବେ ୫୭୦.୭୧ କୋଟି ଟଙ୍କା । ପୂର୍ବରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ଦିଆଯାଉଛି ମଧ୍ୟାହ୍ନ ଭୋଜନ । ସେହିପରି ଏଣିକି ପିଲାଙ୍କୁ ପୁଷ୍ଟିକର ଲଡୁ ସହ ଅଣ୍ଡା ମିଳିବ । ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ୩ଟି ପୁଷ୍ଟିକର ଲଡୁ ସହ ଏକ ଅତିରିକ୍ତ ଅଣ୍ଡା ମିଳିବ ।

▶▶ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ଅଙ୍ଗନବାଡ଼ି ସୁପରଭାଇଜର



କୋରାପୁଟ, ୨୭/୩ (ନି.ପ୍ର): ନୂଆ କରି ଅଙ୍ଗନବାଡ଼ିରେ ଯୋଗ ଦେଇଥିବା ଜଣେ କର୍ମଚାରୀଙ୍କ ଠାରୁ ୫୦ ହଜାର ଟଙ୍କା ଲାଞ୍ଚ ନେଇ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଆଙ୍ଗନବାଡ଼ି ସୁପରଭାଇଜର ରେଣୁକା ପଟ୍ଟନାୟକ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି । କୋରାପୁଟ ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି ଯେ, ମହିଳା ସୁପରଭାଇଜର ରେଣୁକା ପଟ୍ଟନାୟକ ଲକ୍ଷ୍ମୀପୁର ବ୍ଲକରେ ନୂଆ କରି ଅଙ୍ଗନବାଡ଼ିରେ ଯୋଗ ଦେଇଥିବା ଜଣେ କର୍ମଚାରୀଙ୍କ ଠାରୁ ୫୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଯଦି ଟଙ୍କା ନ ଦିଅନ୍ତି ତାଙ୍କୁ କାମରେ ହଇରାଣ କରିବେ ବୋଲି ଧମକ ଦେଇଥିଲେ । ଅଭିଯୋଗକାରୀ ଏହି ରାଶି ଦେବାକୁ ଅକ୍ଷମତା ପ୍ରକାଶ କରି ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ଆଉ ଆଜି ଯୋଜନା ମୁତାବକ ଲାଞ୍ଚ ଟଙ୍କା ନେବାବେଳେ ଭିଜିଲାନ୍ସ ଟିମ୍ ଅଙ୍ଗନବାଡ଼ି ସୁପରଭାଇଜରଙ୍କୁ ଧରିଥିଲା । ଏଥିସହ ତାଙ୍କ ଠାରୁ ସମ୍ପୂର୍ଣ୍ଣ ଲାଞ୍ଚ ଟଙ୍କା ଉଦ୍ଧାର କରାଯାଇଛି ।

## ୟୁକ୍ରେନକୁ ଝଟକା ଦେଲା ନାଟୋ



ନୂଆଦିଲ୍ଲୀ, ୨୭/୩ : ରୁଷ-ୟୁକ୍ରେନ ଯୁଦ୍ଧ ସମୟରେ ପାଶ୍ଚାତ୍ୟ ଦେଶମାନେ ସର୍ବଦା ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କୁ ସେମାନଙ୍କର ସାମରିକ ଏବଂ କୂଟନୈତିକ ସହାୟତା ସହିତ ସମର୍ଥନ କରିଆସିଛନ୍ତି, କିନ୍ତୁ ସମ୍ପ୍ରତି କିଛି ପ୍ରମୁଖ ନାଟୋ ଦେଶ ୟୁକ୍ରେନକୁ ସେନା ପଠାଇବାର ସେମାନଙ୍କର ରଣନୀତିକୁ ପୁନର୍ବିଚାର କରିଛନ୍ତି । ରଏଟର୍ସର ରିପୋର୍ଟ ଅନୁଯାୟୀ, ଏହି ପରିବର୍ତ୍ତନ କେବଳ ୟୁକ୍ରେନର ସୁରକ୍ଷା ଉପରେ ସିଧାସଳଖ ପ୍ରଭାବ ପକାଇବ ନାହିଁ, ବରଂ ଏହା ୟୁରୋପୀୟ ରାଜନୀତି ଏବଂ ରୁଷ ସହିତ ସମ୍ପର୍କରେ ମଧ ପ୍ରଭାବ ପକାଇପାରେ । ୟୁରୋପୀୟ ଅଧିକାରୀମାନେ ୟୁକ୍ରେନର ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ସ୍ଥଳସେନା ପଠାଇବା ସମେତ ଅନେକ ବିକଳ୍ପ ଉପରେ ବିଚାର କରୁଥିଲେ । କିନ୍ତୁ ଏବେ ସେମାନେ ଏହି ଧାରଣାରୁ ଓହରି ଯାଉଛନ୍ତି । ଏହାର ଅନେକ କାରଣ ଅଛି: ଅନେକ ୟୁରୋପୀୟ ଦେଶ ଭୟ କରୁଛନ୍ତି ଯେ ଯଦି ସେମାନେ ୟୁକ୍ରେନକୁ ସେନା ପଠାନ୍ତି, ତେବେ ଏହି ନିଷ୍ପତ୍ତି ରୁଷ ସହିତ ସିଧାସଳଖ ସଂଘର୍ଷ ସୃଷ୍ଟି କରିପାରେ ।


▶▶ପୃଷ୍ଠା ୭

## ରାଜ୍ୟରେ ୨୭ ଜିଲ୍ଲାରେ ହ୍ରାସ ପାଇଛି ଭୂତଳ ଜଳସ୍ତର

ଭୁବନେଶ୍ୱର, ୨୭/୩ (ନି.ପ୍ର): ରାଜ୍ୟର ୨୭ଟି ଜିଲ୍ଲାରେ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି । ଏହି ତାଲିକାରେ ସବୁଠାରୁ ଆଗରେ ଗଜପତି ଜିଲ୍ଲା ରହିଥିବାବେଳେ ଦ୍ୱିତୀୟ ସ୍ଥାନରେ ରହିଛି ରାୟଗଡା ଜିଲ୍ଲା । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତରରେ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

▶▶ପୃଷ୍ଠା ୭

## ଖୁବ୍‌ଶୀଘ୍ର ଭାରତ ଆସିବେ ରଷ ରାଷ୍ଟ୍ରପତି



ନୂଆଦିଲ୍ଲୀ, ୨୭/୩ : ଖୁବ ଶୀଘ୍ର ଭାରତ ଆସିବେ ରଷ ରାଷ୍ଟ୍ରପତି ଭ୍ଲାଦମିର ପୁଟିନ୍ । ୨୦୨୨ ରୁଷ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବାଠୁ ପ୍ରଥମ ଥର ପାଇଁ ରାଷ୍ଟ୍ରପତି ପୁଟିନ ଭାରତ ଗସ୍ତରେ ଆସିବେ । ରଷିଆର ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭରୋଭ ଏନେଇ ସୂଚନା ଦେଇଛନ୍ତି । ଏଥିପାଇଁ ଦୁଇ ଦେଶ ମଧ୍ୟରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିବା ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ ଗ୍ରହଣ କରି ପୁଟିନ୍ ଭାରତ ଆସିବାକୁ ନିଷ୍ପତ୍ତି ନେଇଛନ୍ତି । ପୂର୍ବରୁ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହେବା ପରେ ମୋଦୀ ରଷ ଗସ୍ତ ଯାଇଥିଲେ । ଏବେ ଆମର ପାଳି ବୋଲି କହିଛନ୍ତି ରଷର ବୈଦେଶିକ ମନ୍ତ୍ରୀ । ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ କ୍ଷେତ୍ରରେ ବଡ଼ ଚୁକ୍ତି ସ୍ୱାକ୍ଷର ହୋଇପାରେ ବୋଲି କୁହାଯାଉଛି । ତେବେ କେବେ ପୁଟିନ ଭାରତ ଆସିବେ ସେନେଇ ନିର୍ଦ୍ଧାରିତ ତାରିଖ ସମ୍ପର୍କରେ କିଛି ସୂଚନା ଦେଇନାହାନ୍ତି ସର୍ଗେଇ ।

▶▶ପୃଷ୍ଠା ୭

# ଖୋର୍ଦ୍ଧା ଜିଲ୍ଲା ପୁଲିସରେ ଅଦଳ ବଦଳ

ଖୋର୍ଦ୍ଧା,୨୭/୩ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ପୋଲିସରେ ପରିବର୍ତନ ହୋଇଛି।ଏପିଆର ଏବଂ ଓଆର କନଷ୍ଟେବଳ ଠୁ ନେଇ ଆଇଆଇସି ସ୍ତରରେ ଅଦଳବଦଳ କରିଛନ୍ତି ଏସପି ସାଗରିକା ନାଥ।ତେବେ ନିର୍ବାଚନ ପୂର୍ବରୁ ଜିଲ୍ଲା ପୋଲିସର ଅଦଳବଦଳ ହୋଇନଥିବା ବଳେ ଏବେ ସମ୍ପୂର୍ଣ୍ଣ ନବକଳେବର କରାଯାଇଛି। ଜିଲ୍ଲା ପୋଲିସକୁ ପ୍ରମୁଖ ବଦଳି ମଧ୍ୟରେ ଟାଙ୍ଗୀ ଆଇଆଇସି ସୁଶାନ୍ତ କୁମାର ବେହେରାଙ୍କ ଜଙ୍କିଆ, ଜିଲ୍ଲା ପୋଲିସ ମୁଖ୍ୟାଳୟ ଇନ୍ସପେକ୍ଟର ରବୀନ୍ଦ୍ର କୁମାର ଭୁଜବଳଙ୍କ ଟାଙ୍ଗୀ ଆଇଆଇସି ଓ ଆଦର୍ଶ ଥାନା ଅତିରିକ୍ତ ଆଇଆଇସି ସୁଚିତ୍ରା ଜେନାଙ୍କ ଜିଲ୍ଲା ସ୍ୱତନ୍ତ୍ର ଅପରାଧ ଓ ସାଇବର ଅପରାଧ ୟୁନିଟ କୁ ବଦଳି ହୋଇଛି। ସେହିପରି ଭାବେ ଏସଆଇ ସ୍ତରରେ ବାଙ୍କୋଇ ଫାଣ୍ଡି ଅଧିକାରୀ ଦିଲ୍ଲୀପ ସାହୁଙ୍କ ଗମ୍ଭାରୀମୁଣ୍ଡା ବିଟ ହାଉସ ଅଧିକାରୀ, ଗମ୍ଭାରୀମୁଣ୍ଡା ବିଟ ହାଉସ ଅଧିକାରୀ କେଶବ ବେହେରାଙ୍କ ବାଙ୍କୋଇ ଫାଣ୍ଡି ଅଧିକାରୀ, ଆରଓ ଏସଆଇ ଦିନେଶ କୁମାର ପିଙ୍ଗୁଆ ଙ୍କ ଆଦର୍ଶ ଥାନା, ବାଲୁଗାଁ ଥାନା ଏସଆଇ ଶ୍ରୀନିବାସ ସାମନ୍ତଙ୍କ ନାଭାଲ ଫାଣ୍ଡି ଅଧିକାରୀ, ନାଭାଲ ଫାଣ୍ଡି ଅଧିକାରୀ ରବୀନ୍ଦ୍ରନାଥ ଗୌଡାଙ୍କ ବାଲୁଗାଁ ଥାନା, ନିରାକାରପୁର ଥାନା ଏସଆଇ ଦୀପାଲିସା ନାୟକଙ୍କ ବାଲୁଗାଁ ଥାନା, ଜଙ୍କିଆ ଥାନା ଏସଆଇ ଭାଗ୍ୟଶ୍ରୀ ବେହେରାଙ୍କ ନିରାକାରପୁର ଥାନା, ବୋଲଗଡ଼ ଥାନା ଏସଆଇ ପ୍ରମୋଦ ନାୟକଙ୍କ ଶିଳ୍ପାଞ୍ଚଳ ଥାନା, ଆରଓ ଏସଆଇ ହାଡୁବନ୍ଧୁ ଦାସଙ୍କ ବୋଲଗଡ ଥାନା, ଆରଓ ଏସଆଇ ପୂର୍ଣ୍ଣ ଚନ୍ଦ୍ର ଜେନାଙ୍କ ଆଦର୍ଶ ଥାନା, ବେଗୁନିଆ ଥାନା ଏସଆଇ ଉମାକାନ୍ତ ବେହେରାଙ୍କ ନିରାକାରପୁର ଥାନା, ଆରଓ ଏସଆଇ ଅଭୟ ରାଉତ ଙ୍କ ବେଗୁନିଆ ଥାନା, ବାଣପୁର ଥାନା ଏସଆଇ ସୁକାନ୍ତ ଦଳେଇଙ୍କ ଜିଲ୍ଲା ସ୍ୱତନ୍ତ୍ର ଅପରାଧ ଓ ସାଇବର ଅପରାଧ ୟୁନିଟ, ଆରଓ ଏସଆଇ ବିନାୟକ ମନ୍ତ୍ରୀଙ୍କ ବାଣପୁର ଥାନା, ବାଲୁଗାଁ ଥାନା ଏସଆଇ ସୁନିତା ବେହେରାଙ୍କ ଶିଳ୍ପାଞ୍ଚଳ ଥାନା, ଶିଳ୍ପାଞ୍ଚଳ ଥାନା ଏସଆଇ ସସ୍ମିତା ବେହେରାଙ୍କ ଆଦର୍ଶ ଥାନା, ଆରଓ ଏସଆଇ ମୋଚିରାମ ଜାଲିଙ୍କ ନାଚୁଣୀ ଥାନା, ନାଚୁଣୀ ଥାନା ଏସଆସି ମନୋଜ ଦାସଙ୍କ ଜିଲ୍ଲା ଇଆରଏସଏସ ଓ ସିସିଟିଏନଏସ, ନାଚୁଣୀ ଥାନା ଏସଆଇ ବ୍ୟାସଦେବ ମହାପାତ୍ରଙ୍କ ଜିଲ୍ଲା ଇଆରଏସଏସ ଓ ସଡ଼କ ସୁରକ୍ଷା ସେଲ, ବାଲେଶ୍ୱର ଜିଲାରୁ ବଦଳି ହୋଇ ଆସିଥିବା ଏସଆଇ ବିରଞ୍ଚି ସାହୁଙ୍କ ଆଦର୍ଶ ଥାନା, ଆରଓ ଏସଆଇ ପବିତ୍ର ମୋହନ ପ୍ରଧାନଙ୍କ ବାଣପୁର ଥାନାକୁ ବଦଳି ହୋଇଛି। ଅନୁରୂପ ଭାବେ ଏଏସଆଇ ସ୍ତରରେ ଜଙ୍କିଆ ଥାନା ଏଏସଆଇ ଫୁଲମଣୀ ହେମ୍ବ୍ରମ ଙ୍କ ଆଦର୍ଶ ଥାନା, ବେଗୁନିଆ ଥାନା ଏଏସଆଇ ଭୁବନ ବେହେରାଙ୍କ ଆଦର୍ଶ ଥାନା, ଆଦର୍ଶ ଥାନା ଏଏସଆଇ ସୁଶାନ୍ତ ସାହୁଙ୍କ ଆଦର୍ଶ ଥାନା, ଟାଙ୍ଗୀ ଥାନା ଏଏସଆଇଗୁପ୍ତ ପ୍ରସାଦ ମହାନ୍ତିଙ୍କ ଟାଙ୍ଗୀ ଥାନା, ନିରାକାରପୁର ଥାନା ଏଏସଆଇ ତପନ କୁମାର ପ୍ରଧାନ ଟାଙ୍ଗୀ ଥାନା, ବାଘମାରି ଥାନା ଏଏସଆଇ ରଞ୍ଜିତ କୁମାର ନାୟକଙ୍କ ଭୂଷଣ୍ଡପୁର ଫାଣ୍ଡି, ଭୂଷଣ୍ଡପୁର ଫାଣ୍ଡି ଏଏସଆଇ ବିଶ୍ୱରଞ୍ଜନ ଦାସଙ୍କ ବାଘମାରି ଥାନା, ଆଦର୍ଶ ଥାନା ଏଏସଆଇ ଚନ୍ଦ୍ରମଣି ସାହୁଙ୍କ ସଦର ଥାନା, ସଦର ଥାନା ଏଏସଆଇ ମନୋଜ କୁମାର ବେହେରାଙ୍କ ଆଦର୍ଶ ଥାନା, ଆରଓ ଏଏସଆଇ ଭଗବାନ ସ୍ୱାଇଁଙ୍କ ଶିଳ୍ପାଞ୍ଚଳ ଥାନା, ଆରଓ ଏଏସଆଇ ଭଗବାନ ନାୟକଙ୍କ ଜଙ୍କିଆ ଥାନା, ପୁରୀ ଜିଲ୍ଲାରୁ ବଦଳି ହୋଇଥିବା ଏଏସଆଇ ସୁଷମା ଦାସଙ୍କ ବାଣପୁର କୋର୍ଟ, ବାଣପୁର କୋର୍ଟ ଏଏସଆଇ ମନମୋହନ ଜାଲିଙ୍କ ଖୋର୍ଦ୍ଧା ସଦର କୋର୍ଟ, ପୁରୀ ଜିଲ୍ଲାରୁ ବଦଳି ହୋଇଥିବା ଡବ୍ଲୁ ଏଏସଆଇ ମିନତୀ ମଲ୍ଲିକ ଙ୍କ ନିରାକାରପୁର ଥାନା, ଆରଓ ଏଏସଆଇ ବସନ୍ତ କୁମାର ବେହେରାଙ୍କ ଟାଙ୍ଗୀ ଥାନା ଏବଂ ଆରଓ ଡବ୍ଲୁ ଏଏସଆଇ ଯଶୋଦା ଦେଇଙ୍କ ବୋଲଗଡ ଥାନାକୁ ବଦଳି ହୋଇଛି।

## ଛତୁ ଚାଷ ପାଇଁ ୩ ଦିନିଆ ତାଲିମ କର୍ମଶାଳା

କେନ୍ଦ୍ରାପଡ଼ା,୨୭/୩ (ନି.ପ୍ର): କେନ୍ଦ୍ରାପଡା କୃଷି ବିଜ୍ଞାନ କେନ୍ଦ୍ରରେ ଛତୁ ଚାଷ ପାଇଁ ୩ ଦିନିଆ ତାଲିମ ପ୍ରଦାନ କରାଯାଇଛି । ଭାରତୀୟ କୃଷି ଦକ୍ଷତା ପରିଷଦ ପକ୍ଷରୁ ଆୟୋଜିତ ଏହି ତାଲିମ ରେ ବୈଜ୍ଞାନିକ ଡ଼ଃ ନମିତା ମହାପାତ୍ର ଉପସ୍ଥିତ ଥିବା ଚାଷୀ ମାନଙ୍କୁ ଛତୁ ଚାଷ ସଂପର୍କରେ ତାଲିମ ପ୍ରଦାନ କରିଥିଲେ । ଏହି ତାଲିମ ରେ ଜିଲ୍ଲାର ୯ଗୋଟି ବ୍ଲକର ପ୍ରତ୍ୟେକ ପଂଚାୟତ ରୁ ପ୍ରାୟ ସର୍ବମୋଟ୍ ୫୦ ଜଣ ଚାଷୀ ଏଥିରେ ଅଂଶ ଗ୍ରହଣ କରିଥିଲେ । ଚାଷୀ ମାନଙ୍କୁ ତାଲିମ ପ୍ରଦାନ କରାଯିବା ପରେ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ଥିଲା । ଛତୁ ଚାଷ କରି କିଭଳି ମହିଳା ଓ ପୁରୁଷ ଚାଷୀମାନେ ଆତ୍ମ ନିର୍ଭରଶୀଳ ହୋଇ ପାରିବେ ସେ ସଂପର୍କରେ ତାଙ୍କୁ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ ।

# ସମବାୟ ସମୃଦ୍ଧିରେ ମହିଳାଙ୍କ ଭୂମିକା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ

ଜୟପୁର,୨୭/୩ (ନି.ପ୍ର): ଜୟପୁର ସ୍ଥିତ କେସିସି ବ୍ୟାଙ୍କ ସଭା କକ୍ଷରେ ସମବାୟ ବିଭାଗ ପକ୍ଷରୁ ସମବାୟ ସମୃଦ୍ଧିରେ ମହିଳାଙ୍କ ଭୂମିକା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କେସିସି ବ୍ୟାଙ୍କ ସଭାପତି ଡ. ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ଡିଆରସିଏସ ଭିମସେନ ସାହୁ, ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ମେଲକା, ଏଆରସିଏସ ସଦାନନ୍ଦ ବେହେରା, କେସିସି ବ୍ୟାଙ୍କ ସମ୍ପାଦକ ହରିଶ ଚନ୍ଦ୍ର ବେନାଗଡି, କୃଷି ଅଧିକାରୀ କୋମଳ ଲୋଚନ ମାଝି ଓ ନିର୍ଦ୍ଦେଶକ ରମାକାନ୍ତ ରାଉଳ ପ୍ରମୁଖ ଉପସ୍ଥିତ ରହି ସମବାୟ ବିଭାଗ ପକ୍ଷରୁ ସରକାର ଯେଉଁ ସବୁ ଯୋଜନା କରିଛନ୍ତି ତାହା ବୁଝାଇଥିଲେ। ପ୍ରାଥମିକ କୃଷି ସମବାୟ ସମିତି ବହୁମୁଖୀ କରିବା ପାଇଁ ମଡେଲ ଉପବିଧି, କମ୍ପ୍ୟୁଟରୀକରଣ ମାଧ୍ୟମରେ ପ୍ରାଥମିକ କୃଷି ସମବାୟ ସମିତିକୁ ସୁଦୃଢ କରିବା, ପ୍ରତିପଞ୍ଚାୟତ ରେ ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତି ଦୁଗ୍ଧ/ ମତ୍ସ୍ୟ ସମବାୟ ସମିତି ପ୍ରତିଷ୍ଠା କରିବା, ସମବାୟ କ୍ଷେତ୍ରରେ ବିଶ୍ୱର ସର୍ବବୃହତ ବିକେନ୍ଦ୍ରୀକୃତ ଶସ୍ୟ ସଂରକ୍ଷଣ କାର୍ଯ୍ୟକ୍ରମ ଖାଦ୍ୟ ନିରାପତ୍ତା ସୁନିଶ୍ଚିତତା, ଇ-ସେବାରେ ଉନ୍ନତ ଉପଲବ୍ଧତା ପାଇଁ ପ୍ରାଥମିକ କୃଷି ସମବାୟ ସମିତି ସାଧାରଣ ସେବା କେନ୍ଦ୍ର କରିବା, ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା ନୂତନ କୃଷକ ଉତ୍ପାଦକ ସଂଗଠନ ଗଠନ କରିବା, ଏଲପିଜି ବିତରକ ପଦ ପାଇଁ ପ୍ରାଥମିକ କୃଷି ସମବୟ ସମିତିର ଆବଶ୍ୟକ ଯୋଗ୍ୟତା, ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା ପରିଚାଳିତ ସ୍ୱଳ ଉପଭୋକ୍ତା ପେଟ୍ରୋଲ ପମ୍ପକୁ ଖୁଚୁରା ଦୋକାନରେ ରୁପାନ୍ତରିତ କରିବାକୁ ଅନୁମତି ପ୍ରଦାନ କରିବା, ଗ୍ରାମୀଣ ସ୍ତରରେ ଜେନେରିକ ଔଷଧ ଉପଲବ୍ଧ କରାଇବା ପାଇଁ ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା ଜନ ଔଷଧି କେନ୍ଦ୍ର ଖୋଲିବା ଭଳି ଅନେକ ଗୁଡିକ ସମବାୟ ସହଯୋଗ ମାଧ୍ୟମରେ ସମୃଦ୍ଧି ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିଶିର ଦାସ ପରିଚାଳନା କରିଥିଲେ।

# ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ମାଲକାନଗିରି ,୨୭/୩ (ନି.ପ୍ର): ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଓ ଉପ ଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ ଉପସ୍ଥିତ ଥିଲେ।

ବୈଠକର ନିଷ୍ପତି ଅନୁଯାୟୀ ଏହି ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଓଡ଼ିଆ ପ୍ରବନ୍ଧ ଏବଂ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହେବ। ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ପ୍ରଭାତଫେରି କରାଯିବ। ଓଡ଼ିଶା ଦିବସ ଉପଲକ୍ଷେ ସହର ମଧ୍ୟରେ ଥିବା ସମସ୍ତ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ମାନଙ୍କରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯିବ। ସେହିଭଳି ଜିଲ୍ଲା ର ବିଭିନ୍ନ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ଆଦି ମଧ୍ୟରେ ଥିବା ବରପୁତ୍ର ମାନଂକ ପ୍ରତିମୂର୍ତ୍ତି ରେ ସଂପୃକ୍ତ ଅନୁଷ୍ଠାନ ର ମୁଖ୍ୟଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯିବ। ଏହି ଦିବସ ଅବସର ରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଗୁଡ଼ିକ ଆଲୋକରେ ସାଜସଜ୍ଜା କରିବାକୁ ମଧ ବୈଠକ ରେ ଆଲୋଚନା ହୋଇଥିଲା।

ଏହି ଅବସରରେ ଏକ ସାଧାରଣ ସଭା ଆୟୋଜିତ ହେବା ସହିତ ବିଭିନ୍ନ ପ୍ରତିଯୋଗିତା ରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହେବ ।

ଆଜିର ଏହି ପ୍ରସ୍ତୁତି ବୈଠକ ରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଓଡ଼ିଶା ଦିବସ ଅବସର ରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥାପନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାର ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗର କର୍ମଚାରୀ ହରେକୃଷ୍ଣ କିର୍ତ୍ତନିଆ ଓ ରଞ୍ଜନ ମହାନ୍ତି ବୈଠକ ଆୟୋଜନ କରିବାରେ ସହଯୋଗ କରିଥିଲେ ।

# ମହଙ୍ଗା ପଡିଲା ସ୍କୁଲ ଉପସ୍ଥାନରେ ଶିକ୍ଷୟତ୍ରୀଙ୍କ ଜାଲ ଦସ୍ତଖତ: ଶିକ୍ଷୟତ୍ରୀଙ୍କ ସମେତ ୨ ଶିକ୍ଷକଙ୍କ ଦରମା ବନ୍ଦ କଲେ ବିଇଓ

ଜୟପୁର,୨୭/୩ (ନି.ପ୍ର): କେନ୍ଦ୍ର ସରକାର ଠାରୁ ଆରମ୍ଭ କରି ରାଜ୍ୟ ସରକାର ଶିକ୍ଷା ବ୍ୟବସ୍ଥାର ଉନ୍ନତି ଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏବେବି ଦୁର୍ଗମ ଅଞ୍ଚଳରେ ଶିକ୍ଷାର ଉନ୍ନତି ହୋଇନାହିଁ, କେଉଁଠି ଶିକ୍ଷକ ନାହାନ୍ତି ତ ଆଉ କେଉଁଠି ଉପଯୁକ୍ତ ଶିକ୍ଷକ ଥାଇ ମଧ ନିୟମିତ ବିଦ୍ୟାଳୟକୁ ଆସୁନାହାନ୍ତି । ସରକାରଙ୍କ ଠାରୁ ବେତନ ପାଇ ମଧ ନିଜ କାର୍ଯ୍ୟରେ ଅବହେଳା କରୁଛନ୍ତି କ୍ଷ କିନ୍ତୁ ଏଭଳି କିଛି ଠକ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦରମା ବନ୍ଦ କରିଛନ୍ତି ବିଇଓ । ଏଭଳି ଘଟଣା ଦେଖିବାକୁ ମିଳିଛି ବୈପାରିଗୁଡା ବ୍ଲକ ଅନ୍ତର୍ଗତ ଦଶମନ୍ତପୁର ପଞ୍ଚାୟତର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକୁଲପଡା ଠାରେ। ଘଟଣା ଅନୁଯାୟୀ ଉକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ କଳ୍ପନା ଜେନା ଦୀର୍ଘ ଦିନ ଧରି ବିଦ୍ୟାଳୟରେ ଅନୁପସ୍ଥିତ ରହିଥିବା ବେଳେ ଶିକ୍ଷକ ଉପସ୍ଥାନରେ କିନ୍ତୁ ତାଙ୍କ ଜାଲ ଦସ୍ତଖତ କରାଯାଉଥିଲା । ଦିନେ ହଠାତ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁକାନ୍ତ କାର୍ତ୍ତାମି ପକୁଲପଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ସେହି ସମୟରେ ଶିକ୍ଷୟତ୍ରୀ ଜଣକ ବିନା ଛୁଟି ଦରଖାସ୍ତରେ ଅନୁପସ୍ଥିତ ଥିଲେ କିନ୍ତୁ ଶିକ୍ଷକ ଉପସ୍ଥାନରେ ଶିକ୍ଷୟତ୍ରୀଙ୍କ ଜାଲ ଦସ୍ତଖତ କରାଯାଉଥିଲା । ଏଭଳି ଜାଲିଆତି ହେଉଥିବା ଜାଣିବାକୁ ପାଇ ସଙ୍ଗେ ସଙ୍ଗେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ବିଇଓ । ଏଥିରେ ପ୍ରଧାନ ଶିକ୍ଷକ ଏବଂ ସହ ଶିକ୍ଷକ ସମ୍ପୃତି ଥିବାଯୋଗୁଁ ବିଦ୍ୟାଳୟର ଶିକ୍ଷୟତ୍ରୀ କଳ୍ପନା ଜେନାଙ୍କ ସମେତ ପ୍ରଧାନ ଶିକ୍ଷକ ଏବଂ ସହ ଶିକ୍ଷକଙ୍କ ଦରମା ବନ୍ଦ ସହ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁକାନ୍ତ କାର୍ତ୍ତାମୀ । ଏ ଘଟଣାକୁ ନେଇ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ଗହିରଙ୍କୁ ପଚାରିବାରୁ ସେ ଜାଲ ଦସ୍ତଖତ ହୋଇଥିବା ସ୍ୱୀକାର କରିଛନ୍ତି କିନ୍ତୁ ଶିକ୍ଷୟତ୍ରୀ କଳ୍ପନା ଜେନା ଏନେଇ କୌଣସି ପ୍ରତିକ୍ରିୟା ଦେବା ପାଇଁ ମନା କରିଦେଇଛନ୍ତି ।

## ଓଚିନ୍ଦା ମେଲଣ ଉଦ୍‌ଯାପିତ

କୋରାଇ,୨୭/୩ (ନି.ପ୍ର): କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଂଚାୟତର ଓଚିନ୍ଦା ଗ୍ରାମର ମେଲଣ ଉତ୍ସବ ଉଦଯାପିତ ହୋଇଛି । ଶ୍ରୀ ଗୋପିନାଥ ଓ ରାଧାଙ୍କୁ ନେଇ ବିମାନ ୯ ସାହି ପରିକ୍ରମା କରାଯାଇଥିଲା । ପ୍ରତିବର୍ଷ ପରି ଚଳିତ ବର୍ଷ ଏହି କାର୍ଯ୍ୟକ୍ରମରେ ଗ୍ରାମର ଆବାଳ ବୃଦ୍ଧ ବନିତା ଯୋଗଦାନ କରିଥିଲେ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଅଭିର ଖେଳ ମୁଖ୍ୟ ଆକର୍ଷଣ ପାଲଟିଥିଲ । ଗ୍ରାମ୍ୟ ମୁରବି ରଘୁନାଥ ପାଢୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସିଡିସ ଧଳ, ଶ୍ରୀପତି ପୁରୀ, ଅୟୋଜ୍ୟୋତି ସାମଲ, ଅକ୍ଷୟ ସାମଲ, ଭୀମସେନ ଦାସ, କାର୍ତିକ ମିର୍ଦ୍ଧାଙ୍କ ସମେତ ଗ୍ରାମର ସମସ୍ତ ଯୁବକ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ବ୍ରହ୍ମବରଦା-ବରୁହାଁ ଶଙ୍ଖମଠ ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ

ଧର୍ମଶାଳା,୨୭/୩ (ନି.ପ୍ର): ଦୀର୍ଘ ଦିନ ସ୍ଥାୟୀ ମରାମତିର ଅଭାବ ଓ ଲଗାଣ ବର୍ଷା ପରେ ମୁଖ୍ୟ ରାସ୍ତାମାନଙ୍କରେ ପୁରୁଣା ପିଚୁ ଉଠି ଖାଲଖମାରେ ପରିଣତ ହୋଇଛି । ଫଳରେ ଯାତାୟତ ଅବସ୍ଥାରେ ଲୋକେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉ ନ ଥିବା ନଜରକୁ ଆସିଥିଲା । ତେବେ ଅଭିଯୋଗ ପରେ ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଅସ୍ଥାୟୀ ମରାମତି କାର୍ଯ୍ୟ କରାଯାଇଥିଲା । କେବଳ ତାଳି ପକାଇ କାର୍ଯ୍ୟ ସାରି ଦେଇଥିଲା । ଏବେ ତାଳି ପଡି ଥିବା ସ୍ଥାନରେ ପିଚୁ ଉଠିଗଲାଣି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ପାଣିକୋଇଲି ଡିଭିଜନ ଅନ୍ତର୍ଗତ ବ୍ରହ୍ମବରଦା-ବରୁଆଁ ଆର ଆଣ୍ଡବି ମୁଖ୍ୟ ରାସ୍ତାରେ । ବିଶେଷ କରି ବ୍ରହ୍ମବରଦା ବ୍ରିଜଠାରୁ ବରୁଆଁ ପର୍ଯ୍ୟନ୍ତ ପୁରୁଣା ପିଚୁ ରାସ୍ତା ସ୍ଥାୟୀ ମରାମତି ଅଭାବରୁ ପିଚୁ ଉଠି ଗଲାଣି । ଯାହାକୁ ନେଇ ଏହି ରାସ୍ତା ୨୦ ଗୋଟି ପଂଚାୟତର ମୁଖ୍ୟ ରାସ୍ତା ହୋଇଛି । ଦୈନନ୍ଦିନ ଶହଶହ ଲୋକେ ଏହି ରାସ୍ତା ଦେଇ ବିଭିନ୍ନ ସ୍ଥାନକୁ ଯାତାୟତ କରିଥାନ୍ତି । ରାସ୍ତାରେ ପିଚୁ ଉଠିଯିବା ଫଳରେ ଶହଶହ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ କିଛି ଦିନ ପୂର୍ବେ ଅସ୍ଥାୟୀ ମରାମତି କରି ପିଚୁରେ ତାଳି ପକାଇ କାମ ସାରି ଦେଇଥିଲା । ଏବେ ଏହି ମୁଖ୍ୟ ରାସ୍ତ ଶଙ୍ଖମଠ ନିକଟରେ ପିଚୁ ଉଂଇଗଲାଣି । ଏହି ସ୍ଥାନ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଭାବେ ବେଶ ଜଣାଶୁଣା । ଏହି ରାସ୍ତା ଦେଇ ଜିଲା ମୁଖ୍ୟାଳୟ ଓ ବିଭିନ୍ନ ଶକ୍ତି ପୀଠକୁ ମୁଖ୍ୟ ରାସ୍ତା ହୋଇଛି । ଏବଂ ଶଙ୍ଖମଠ ନିକଟରେ ବଡ ବୁଲାଣି ଥିବାରୁ ରାସ୍ତା ଖରାପ ହେବା କାରଣରୁ ଜନସାଧାରଣ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଏହି ସବୁ ଗୁରୁତ୍ୱ ପୂର୍ଣ୍ଣ ସ୍ଥାନ ମରାମତି ହେଉ ନ ଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ରାସ୍ତାର ସ୍ଥାୟୀ ମରାମତି କରିବାକୁ ଅଂଚଳବାସୀ ଦାବି କରିଛନ୍ତି । ଏନେଇ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ତାଙ୍କର କୌଣସି ପ୍ରତିକ୍ରୀୟା ମିଳି ପାରି ନାହିଁ । ତେବେ ଏହି ରାସ୍ତା ପ୍ରତି ଉଚ୍ଚ କର୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦୃଢ ଦାବି ହେଉଛି ।

## ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ଶୋକସଭା

କେନ୍ଦ୍ରାପଡ଼ା, ୨୬ ମାର୍ଚ୍ଚ (ହି.ସ.) : ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରାପଡା ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ୍ ସଂଘ ତରଫରୁ ଏକ ଶୋକସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ଓଡିଶା କ୍ରିକେଟ୍ ଆସୋସିଏସନ ସଦସ୍ୟ ଶୁଭାଶିଷ ସେନାପତିଙ୍କ ସଭାପତିତ୍ୱରେ ପ୍ରଥମେ ସ୍ୱର୍ଗତ ଶର୍ମାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏଥିରେ ସଂଘର ସଦସ୍ୟ ପ୍ରଫୁଲ୍ଲ ଦାସ, ଏମ୍ଡି ନୟିମ୍ ଭାଇ, ନୃସିଂହ ରଥ, କେଶବ ସାହୁ, ନିରଞ୍ଜନ କର, ସମିର ମହାପାତ୍ର, ଚିରଞ୍ଜିବୀ ବଳ, ହରିହର ବେହେରା, ଖେଳାଳି ରାଜଶ୍ରୀ ଚୁଲି ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ ।

# ବେଆଇନ ଗଛ କଟାକୁ ଗ୍ରାମବାସୀଙ୍କ ବିରୋଧ

ଚମ୍ପୁଆ,୨୭/୩ (ନି.ପ୍ର): ସରକାରୀ ଜମିରୁ ବେଆଇନ ଗଛ କଟାକୁ ନେଇ ଚମ୍ପୁଆ ବ୍ଲକ ଭଣ୍ଡା ଗ୍ରାମର କନ୍ଦାରନାଳୀ ସାହିବାସୀ ବିରୋଧ କରି ଥିବାବେଳେ ଏହାକୁନେଇ ଗ୍ରାମରେ ଉତ୍ତେଜନା ଦେଖା ଦେଇଛି। ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଭଣ୍ଡା କନ୍ଦାରନାଳୀରେ ଥିବା ଏକ ସରକାରୀ ଜମିରୁ ଚଂଚକତା କରାଯାଇ ବେଆଇନ ଭାବେ ୟୁକାଲିପଟାସ ଗଛ କଟା ଯାଉଥିବା ବେଳେ ଏହାକୁ ନେଇ କିଛି ଗ୍ରାମବାସୀ ବିରୋଧ କରିଛନ୍ତି। ଏ ନେଇ ଜିଲ୍ଲା ବନ ଅଧିକାରୀଙ୍କୁ ମଧ ଗ୍ରାମବାସୀଙ୍କ ତରଫରୁ ସୂଚନା ଦିଆ ଯାଇଥିବା ଜଣା ପଡିଛି। ତେବେ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଭଣ୍ଡା କନ୍ଦାରନାଳୀ ସାହିର ତ୍ରିଲୋଚନ ଦାସ ଓ ବିଦେଶୀ ଦାସ ନାମକ ଦୁଇ ଜଣ ବ୍ୟକ୍ତି ଗ୍ରାମବାସୀଙ୍କୁ ନ ଜଣାଇ ସରକାରୀ ଜମିକୁ ନିଜର ପଟା ଜମି କହି ବେଆଇନ ଭାବେ ଗଛ କଟିବା ଆରମ୍ଭ କରିଥିବା ବେଳେ ସାହିର କିଛି ମହିଳା ଏହାକୁ ବିରୋଧ କରିବାରୁ ଜନୈକ ବ୍ୟକ୍ତି ମାନେ ଫରେଷ୍ଟର ଓ ରେଞ୍ଜରଙ୍କ ପରାମର୍ଶରେ କାଟୁଛୁ ବୋଲି କହିଥିବା ବେଳେ ବନ ବିଭାଗ ଗ୍ରାମବାସୀଙ୍କ ସହିତ କୌଣସି ପରାମର୍ଶ ନ କରି ଗଛ ବିକ୍ରି କରିବାକୁ ଅନୁମତି ପ୍ରଦାନ କରି ଥିବାରୁ ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ଗ୍ରାମବାସୀ ଡିଏଫ୍ଓ କେନ୍ଦୁଝରଙ୍କୁ ଅଭିଯୋଗ କରିବା ପରେ ଖବର ପାଇ ଉଖୁଣ୍ଡା ବନପାଳ ଘଟଣା ସ୍ଥଳରେ ପହଂଚି ଗଛ କଟାକୁ ବନ୍ଦ କରିଥିବା ଜଣାପଡିଛି। ସୂଚନା ଅନୁସାରେ ଜୈନେକ କାଠ ମାଫିଆ ମାନେ ଚମ୍ପୁଆ ଅଂଚଳର ଅଧିକାଂଶ ଗ୍ରାମରେ ଲୋକଙ୍କୁ ପ୍ରଲୋଭିତ କରି ଏହିପରି ବେ ଆଇନଭାବେ ଗଛ କାଟୁ ଥିଲେ ମଧ ବନ ବିଭାଗ ନିରବ ଦ୍ରଷ୍ଟା ସାଜୁ ଥିବାରୁ ଏହାକୁ ନେଇ ଅନେକ ଗ୍ରାମରେ ଅସନ୍ତୋଷ ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି।

# ପରିସଂଖ୍ୟାନ ବିଭାଗ ପକ୍ଷରୁ ସଚେତନତା ଶୋଭାଯାତ୍ରା

ଖୋର୍ଦ୍ଧା,୨୭/୩ (ନି.ପ୍ର): ଭାରତ ସରକାରଙ୍କ ପରିସଂଖ୍ୟାନ ମନ୍ତ୍ରଣାଳୟ ଅଧୀନରେ ଥିବା ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ଖୋର୍ଦ୍ଧାରେ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଜାତୀୟ ନମୁନା ସର୍ବେକ୍ଷଣ ର ୭୫ ବର୍ଷ ପୂର୍ତ୍ତୀ ଉପଲକ୍ଷେ ଏକ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ନୂଆ ବସ୍ ଷ୍ଟାଣ୍ଡ ପର୍ଯ୍ୟନ୍ତ ହୋଇଥିଲା । ଖୋର୍ଦ୍ଧା ପରସଂଖ୍ୟାନ କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ ଶଙ୍କର ବେହେରା ସହ ଉପସ୍ଥିତ ରହି ରାଲିଟିକୁ ସଫଳ ରୂପାୟନ ଦେଇଥିଲେ । ଏହି କାର୍ଯ୍ୟକ୍ରମ ମଧ୍ୟରେ ବଜାର କମିଟି ଗୁଡିକ ର କର୍ମକର୍ତା ଙ୍କୁ ଖୁଚୁରା ପାଇକାରୀ ମୂଲ୍ୟ ର ସୂଚକାଙ୍କ ଗଢିବାରେ ସାହାଯ୍ୟ କରିଥିବାରୁ କାର୍ଯ୍ୟାଳୟ ର ମୁଖ୍ୟ ଅନୁପମ ଲାହିଡି ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଭବିଷ୍ୟତ ରେ ତାଙ୍କ ନିକଟକୁ ଆସୁଥିବା ସର୍ଭେ ଏନୁମେରେଟର ମାନଙ୍କୁ ସଠିକ ତଥ୍ୟ ଦେବାକୁ ଅନୁରୋଧ କରିଥିଲେ । ଏନଏସଓ ତରଫରୁ ଚାଲୁଥିବା ସମସ୍ତ ସର୍ଭେ ଯଥା ରୋଜଗାର ବେରୋଜଗାର, ସାମାଜିକ ଅର୍ଥନୈତିକ, ଅଣକୃଷିଭିତିକ ଶିଳ୍ପ ବିଷୟରେ ଆଲୋକପାତ କରିବାକୁ ଯାଇ ଲୋକମାନଙ୍କୁ ବିଭିନ୍ନ ସର୍ଭେ ର ଉପାଦେୟତା ଉପରେ ବୁଝାଇବା ସହ ଆଗାମୀ ଦିନ ମାନଙ୍କରେ ଜନସାଧାରଣ ଙ୍କୁ ସଠିକ ତଥ୍ୟ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ ।

# ମା'ଦରିଆ ରାମଚଣ୍ଡୀଙ୍କ ବାର୍ଷିକ ମେଳା ପାଇଁ ପ୍ରଶାସନିକ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,୨୭/୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକର ଆରାଧ୍ୟା ଦେବୀ ମା'ଦରିଆ ରାମଚଣ୍ଡୀଙ୍କ ବାର୍ଷିକ ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ମହାକାଳପଡା ତହସିଲଦାର, ବିଡିଓ, କେନ୍ଦ୍ରାପଡା ଏସଡିପିଓ, ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ମେଳା କୁ ସରସ ସୁନ୍ଦର କରିବା ସହ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବାକୁ ଜନ ସାଧାରଣଙ୍କ ସହଯୋଗ କାମନା କରିଥିଲେ । ମେଳା ଅବଧି ମଧ୍ୟରେ ନିରନ୍ତର ବିଦ୍ୟୁତ୍ ସେବା ଯୋଗାଇ ଦେବା ଓ ପାନୀୟ ଜଳ ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ଅଖିଳ ଭାରତ ସାହିତ୍ୟ ପରିଷଦର ପୁରୀରେ ବୈଠକ ଆୟୋଜିତ

ଭୁବନେଶ୍ୱର,୨୭/୩ (ନି.ପ୍ର): ରାଷ୍ଟ୍ରବାଦୀ ସାହିତ୍ୟ ସଂଗଠନ, ଅଖିଳ ଭାରତୀୟ ସାହିତ୍ୟ ପରିଷଦର କାର୍ଯ୍ୟକୁ ପୁରୀ ଜିଲ୍ଲାରେ ତ୍ୱରାନ୍ୱିତ ଓ ପ୍ରସାର କରିବା ଉଦ୍ଦେଶ୍ୟରେ ଏକ ବୈଠକ ସ୍ଥାନୀୟ ଘୋଡ଼ା ବଜାର ସରସ୍ୱତୀ ଶିଶୁ/ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ଥାନୀୟ କବି, ସାହିତ୍ୟିକ ଓ ବୁଦ୍ଧିଜୀବୀମାନେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ପରିଷଦର କ୍ଷେତ୍ର ସଂଗଠନ ମନ୍ତ୍ରୀ ଶ୍ରୀ ନାରାୟଣ ନାୟକ, ରାଜ୍ୟ ସମ୍ପାଦକ ଶ୍ରୀ ରାମକୃଷ୍ଣ ତ୍ରିପାଠୀ ଓ ସରସ୍ୱତୀ ଶିଶୁ ମନ୍ଦିର ସମ୍ପାଦକ ଶ୍ରୀ ଅରବିନ୍ଦ ଶତପଥି ଉପସ୍ଥିତ ରହି ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ବିଶିଷ୍ଟ ଅତିଥି ଭାବେ ଡ. ପ୍ୟାରୀମୋହନ ପଟ୍ଟନାୟକ- ପ୍ରାଧ୍ୟାପକ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀ ନୃସିଂହ ଚରଣ ସାହୁ-ପ୍ରାଧ୍ୟାପକ ସଦାଶିବ ସଂସ୍କୃତ ମହାବିଦ୍ୟାଳୟ, ପ୍ରାକ୍ତନ ଶିକ୍ଷକ ତଥା ବରିଷ୍ଠ ସାମାଜିକ କାର୍ଯ୍ୟକର୍ତ୍ତା ଶ୍ରୀ ରାଜକିଶୋର ସାହୁ ଯୋଗଦାନ କରି ଆଧୁନିକ ଯୁଗରେ ସମାଜ ଗଠନରେ ସାହିତ୍ୟର ଭୂମିକା ବିଷୟରେ ଦିଗଦର୍ଶନ ଦେଇଥିଲେ। ଅଧ୍ୟାପକ ପ୍ରଭାତ ରଞ୍ଜନ ମହାପାତ୍ର, ଡ. କେଶବ ଚନ୍ଦ୍ର ପାତ୍ର, ଶ୍ରୀ ନାରାୟଣ ନନ୍ଦ, ଡ. କଲ୍ୟାଣୀ ନନ୍ଦୀ, ଶ୍ରୀ ଶ୍ୟାମ ପ୍ରକାଶ ସେନାପତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶ୍ରୀ ଶ୍ୟାମ ସୁନ୍ଦର ହାଲଦାର କାର୍ଯ୍ୟକ୍ରମକୁ ପରିଚାଳନା କରୁଥିଲେ। ନାଟ୍ୟକାର ଶ୍ରୀ ସାରଙ୍ଗଧର ଷଡ଼ଙ୍ଗୀ ସଂଯୋଜନା କରିଥିଲେ।

# କୃଷି ବିଜ୍ଞାନ କେନ୍ଦ୍ରରେ ଚାଷୀ ଉତ୍ପାଦନ ଗୋଷ୍ଠୀ ସଂପର୍କରେ ଆଲୋଚନା

କେନ୍ଦ୍ରାପଡ଼ା,୨୭/୩ (ନି.ପ୍ର): କେନ୍ଦ୍ରାପଡା କୃଷି ବିଜ୍ଞାନ କେନ୍ଦ୍ରରେ ଚାଷୀ ଉତ୍ପାଦନ ଗୋଷ୍ଠୀଙ୍କ ସହିତ ସମସ୍ୟାର ସମାଧାନ ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ଙ୍କ ସହିତ ଆଲୋଚନା କରାଯାଇଛି । କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ଅରବିନ୍ଦ ଦାସଙ୍କ ଅଧକ୍ଷତା ରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ଭୁବନେଶ୍ୱର ର ଓୟୁଏଟି କ୍ଷେତ୍ର ବିଜ୍ଞାନର ପ୍ରଫେସର ଡ଼ଃ ମନୋରଞ୍ଜନ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା କୃଷି ବିଭାଗର ମୁଖ୍ୟ ଅଧିକାରୀ କଲ୍ୟାଣ କୁମାର ରାୟ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀ ଉତ୍ପାଦନ ଗୋଷ୍ଠୀ ମାନଙ୍କ ସହ ଆଲୋଚନା କରିଥିଲେ ।

# ହତ୍ୟାକାରୀକୁ ପାଂଚ ବର୍ଷ ଜେଲ ଦଣ୍ଡାଦେଶ

ଚମ୍ପୁଆ,୨୭/୩ (ନି.ପ୍ର): ଚାରି ବର୍ଷ ତଳେ ଘଟିଥିବା ଏକ ହତ୍ୟାକାଣ୍ଡର ବିଚାର କରି ଆଜି ଚମ୍ପୁଆ ଅତିରିକ୍ତ ଜିଲ୍ଲା ଦୌରାଜଜ ପ୍ରଣୟ କୁମାର ଦାସ ହତ୍ୟାକାରୀକୁ ପାଂଚ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଗତ ୨୦୨୧ ମସିହା ମାର୍ଚ୍ଚ ମାସ ୬ ତାରିଖ ସଂଧ୍ୟା ପ୍ରାୟ ଆଠ ଘଟିକାରେ ଚମ୍ପୁଆ ଥାନା ଅନ୍ତର୍ଗତ କୋଦଗାଡ଼ିଆ ଗ୍ରାମରେ ଏକ ଜଘନ୍ୟ ହତ୍ୟା କାଣ୍ଡ ଘଟିଥିଲା । କୋଦଗାଡ଼ିଆ ବସ ଷ୍ଟାଣ୍ଡ ଛକରେ ଦୋକାନ କରିଥିବା ଗୌରହରି ମହାନ୍ତ (୬୦) ତାର ପଡୋଶୀ ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କ ପୁଅ ଲିପୁନ ମହାନ୍ତ (୨୭) ଙ୍କ ସଙ୍ଗେ ହୋଇଥିବା ସାମାନ୍ୟ ବଚସାରୁ ଉତ୍ତେଜିତ ହୋଇ ଲିପୁନଙ୍କ ଛାତିରେ ଏକ ଧାରୁଆ ଛୁରୀ ଭୂଷି ଦେଇ ଥିଲା। ଏଥି ସହିତ ମୁଣ୍ଡକୁ ମଧ ଆଘାତ କରିଥିଲା। ଲିପୁନଙ୍କୁ ସଙ୍ଗେ ସଙ୍ଗେ ଏକ ପିକ ଅପ ଭ୍ୟାନରେ ଚମ୍ପୁଆ ଡାକ୍ତରଖାନାକୁ ଅଣା ଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କାରିଥିଲେ। ମୃତ ଲିପୁନଙ୍କ ପିତା ପୂର୍ଣ୍ଣ ଚନ୍ଦ୍ର ମହାନ୍ତ ତାଙ୍କ ପୁଅ ଲିପୁନକୁ ଗୌରହାରୀ ମହାନ୍ତ ହତ୍ୟା କରିଥିବା ନେଇ ଚମ୍ପୁଆ ଥାନାରେ ଏତାଲା ଦେଇଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କ ଏତଲା କ୍ରମେ ଚମ୍ପୁଆ ପୋଲିସ ଥାନା କେସ ନଂ ୩୨/ ୨୧ ରେ ମାମଲା ରୁଜୁ କରି ଅଭିଯୁକ୍ତ ଗୌରହରିକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହି ମାମଲାର ଶୁଣାଣୀ କରି ୧୭ ଜଣ ପ୍ରତୀକ୍ଷଦର୍ଶୀ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଚମ୍ପୁଆ ଅତିରିକ୍ତ ଜିଲ୍ଲା ଦୌରାଜଜ ପ୍ରଣୟ କୁମାର ଦାସ ଆସାମୀ ଗୌରହରି ମହାନ୍ତକୁ ଆଇପିସି ଦଫା ୩୦୪(କ) ଅନୁସାରେ ପାଂଚବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ଦଶ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି।

# ଖଇର କାଠ ଜବତ: ଜଣେ ଗିରଫ

ନୂଆପଡ଼ା,୨୭/୩ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳ ବନବିଭାଗ ପକ୍ଷରୁ ଗତକାଲି ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ଖଇର କାଠ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ଅର୍ନ୍ତଗତ ଜାମୁଟଝୁରି ଗାଁର ଲିଲୁରାମ ମାଝୀ । ଗତକାଲି ଖଡିଆଳ ବନ ବିଭାଗ କର୍ମଚାରୀମାନେ ପେଟ୍ରୋଲିଂ କରୁଥିବା ବେଳେ ଖଡିଆଳ ଗୋଶାଳା ନିକଟରେ ଖଇର କାଠ ବୋଝେଇ ହୋଇଥିବା ଏକ ଟାଟା ମେଜିକ୍ ଗାଡ଼ିକୁ ଜବତ କରିଥିଲେ । ଏଥିସହ ବନବିଭାଗ କର୍ମଚାରୀ ଜଣେ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଅଭିଯୁକ୍ତ ଘଟଣାସ୍ଥଳରୁ ଏବେବି ଫେରାର ଅଛନ୍ତି ।

# ପିଲାଙ୍କ ପାଠ ପଢ଼ାରେ ମନ ଲାଗୁନି: ଘରେ ରଖନ୍ତୁ ଏହି ସବୁ ଜିନିଷ

ଅନେକ ପିଲା ଅଛନ୍ତି ପାଠ ପଢ଼ିବାକୁ ଇଚ୍ଛା ପ୍ରକାଶ କରନ୍ତି ନାହିଁ। ସବୁବେଳେ ଖେଳକୁଦରେ ମାତିଥାନ୍ତି। ପାଠ ପଢ଼ିବା ପାଇଁ କହିଲେ ବିଭିନ୍ନ ବାହାନା କରିଥାନ୍ତି। ଏଥିପାଇଁ ବାପାମା' ସବୁବେଳେ ଚିନ୍ତିତ ରହିଥାନ୍ତି। ଆପଣ ଜାଣିଛନ୍ତି ଏମିତି କାହିଁକି ହୁଏ? ଏହାର କାରଣ ହୋଇପାରେ ଆପଣଙ୍କ ଘରର କିଛି ବାସ୍ତୁ ଦୋଷ। ଏପରି କିଛି ଜିନିଷ ଅଛି, ବାସ୍ତୁଶାସ୍ତ୍ର ଅନୁଯାୟୀ ଯାହାକୁ ଘରେ ରଖିଲେ ପିଲାଙ୍କର ପାଠପଢ଼ାରେ କିଛି ସମସ୍ୟା ରହିବନି ଓ ପିଲାର କ୍ୟାରିୟର ଉଜ୍ଜ୍ୱଳ ହେବ। ଏହି ଜିନିଷଗୁଡ଼ିକୁ ପିଲାଙ୍କ ପଢ଼ା ଘରେ ରଖିଲେ ତାଙ୍କ ମନକୁ ଶାନ୍ତି ମିଳିବା ସହିତ ପାଠପଢ଼ାରେ ସବୁବେଳେ ମନ ଲାଗିରହିବ।




ସରସ୍ୱତୀ ମୂର୍ତ୍ତି: ପ୍ରାୟ ସମସ୍ତେ ଜାଣନ୍ତି ଦେବୀ ସରସ୍ୱତୀ ହେଉଛନ୍ତି ବିଦ୍ୟାର ଦେବୀ। ତେଣୁ ପିଲାଙ୍କ ପାଠ ପଢ଼ା ଘରେ ସରସ୍ୱତୀଙ୍କ ମୂର୍ତ୍ତି ରଖିଲେ ପିଲାଙ୍କୁ ମା'ଙ୍କର ଆର୍ଶୀବାଦ ମିଳିଥାଏ। ଫଳରେ ପିଲାର ପାଠ ଭଲ ହୋଇଥାଏ।ଘରେ ସରସ୍ୱତୀଙ୍କ ମୂର୍ତ୍ତି ନିକଟରେ ଯଦି ଆପଣ ବୀଣା ରଖୁଛନ୍ତି ତା'ହେଲେ ସୁଖ ଶାନ୍ତି ଲାଭ କରିବା ସହ ଆପଣଙ୍କ ଘରେ ପାଠ ପଢୁଥିବା ପିଲାଙ୍କ କ୍ୟାରିୟର ପାଇଁ ଏହା ବହୁତ ଭଲ ହେବ।

ହଂସର ଫଟୋ: ହଂସର ଫଟୋ କିମ୍ବା ମୂର୍ତ୍ତି ଘରର ଦ୍ୱାର ମୁହଁରେ ରଖିଲେ ଶୁଭ ହୋଇଥାଏ। କାରଣ ହଂସ ସରସ୍ୱତୀଙ୍କର ବାହନ ହୋଇଥିବାରୁ ବାସ୍ତୁ ଅନୁସାରେ ଏହା ଘର ପାଇଁ ଶୁଭ ଫଳ ଦେଇଥାଏ।

ମୟୂର ପୁଚ୍ଛ: ଘରେ ମୟୂର ପୁଚ୍ଛ ମଧ୍ୟ ରଖିଲେ ବହୁତ ଭଲ। କାରଣ ଏହା ଘରକୁ ନକାରାତ୍ମକ ଶକ୍ତି ପ୍ରବେଶ କରିବାକୁ ଦ୍ୱେନାହିଁ। ପିଲାଙ୍କ ମନ ଶାନ୍ତ ରହିବ। ପିଲାମାନେ ପାଠ ପଢ଼ିବା ପାଇଁ ମନ ବଳାଇବେ।







# ଘରେ ତିଆରି କରନ୍ତୁ ମନ୍ଦାର ଫୁଲ ତେଲ; ଚୁଟିରେ ମାରିଲେ ଝଡ଼ିବ ନାହିଁ କି ପାଚିବ ନାହିଁ




ଚୁଟିର ଯତ୍ନରେ ବିଭିନ୍ନ ପ୍ରକାର ଫୁଲ ଏବଂ ପତ୍ରର ମଧ୍ୟ ବହୁତ ପ୍ରଭାବ ପଡିଥାଏ। ନିମ ପତ୍ର, ତୁଳସୀ ପତ୍ର ଏବଂ ଅଁଳା ଏବଂ ଇଠା ପରି ଜଡିବୁଟି ମଧ୍ୟ ଚୁଟିରେ ବହୁଳ ଭାବରେ ବ୍ୟବହୃତ ହୁଏ। କିନ୍ତୁ, ଆପଣ ଜାଣନ୍ତି କି ମନ୍ଦାର ଫୁଲ ମଧ୍ୟ ଚୁଟି ଉପରେ ଚମତ୍କାର ପ୍ରଭାବ ପକାଇଥାଏ। ଏହା ଚୁଟି ଯତ୍ନ ନେବାରେ ଅନେକ ପ୍ରକାରର ଲାଭ ଦେଇଥାଏ।

ଆଜିର ଖରାପ ଜୀବନଶୈଳୀ ଯୋଗୁଁ ଶରୀର ଉପରେ ଅନେକ କୁପ୍ରଭାବ ପଡୁଛି। ଏଥି ମଧ୍ୟରୁ ଚୁଟି ପାଚିବା, ଝଡିବା, ଛିଡିବା ଆଦି ସମସ୍ୟା ପ୍ରାୟ ସମସ୍ତଙ୍କ କ୍ଷେତ୍ରରେ ଦେଖିବାକୁ ମିଳେ। ସେ ପୁରୁଷ ହୁଅନ୍ତୁ କି ମହିଳା ପ୍ରାୟ ସମସ୍ତେ ଏଥିରେ ପିଡିତ। ଚୁଟିର ଯତ୍ନ ନେବା ପାଇଁ କେହି କେହି ବିଭିନ୍ନ ପ୍ରକାର ଚେଷ୍ଟା କରନ୍ତି।

ଚୁଟିର ଯତ୍ନରେ ବିଭିନ୍ନ ପ୍ରକାର ଫୁଲ ଏବଂ ପତ୍ରର ମଧ୍ୟ ବହୁତ ପ୍ରଭାବ ପଡିଥାଏ। ନିମ ପତ୍ର, ତୁଳସୀ ପତ୍ର ଏବଂ ଅଁଳା ଏବଂ ଇଠା ପରି ଜଡିବୁଟି ମଧ୍ୟ ଚୁଟିରେ ବହୁଳ ଭାବରେ ବ୍ୟବହୃତ ହୁଏ। କିନ୍ତୁ, ଆପଣ ଜାଣନ୍ତି କି ମନ୍ଦାର ଫୁଲ ମଧ୍ୟ ଚୁଟି ଉପରେ ଚମତ୍କାର ପ୍ରଭାବ ପକାଇଥାଏ। ଏହା ଚୁଟି ଯତ୍ନ ନେବାରେ ଅନେକ ପ୍ରକାରର ଲାଭ ଦେଇଥାଏ।

ଏଥିରେ ଫ୍ଲାଭୋନାଏଡ୍ ଏବଂ ଆମିନୋ ଏସିଡ୍ ଥାଏ ଯାହା ଚୁଟିର ବୃଦ୍ଧି ପାଇଁ କାମ କରିଥାଏ। ଏହା ବିଶେଷତଃ ପତଳା ଚୁଟିର ସମସ୍ୟାର ସମାଧାନ କରିଥାଏ। ମନ୍ଦାର ଫୁଲ ବ୍ୟବହାର କରିବା ଦ୍ୱାରା ଚୁଟିକୁ ସୂର୍ଯ୍ୟ କିରଣ କ୍ଷତିରୁ ମଧ୍ୟ ରକ୍ଷା କରାଯାଏ। ଏହା ଛଡା ଧଳା କେଶକୁ କଳା କରିବାରେ ଏହାର ପ୍ରଭାବ ମଧ୍ୟ ଦେଖାଯାଏ। ଏହା ମଧ୍ୟ ମୁଣ୍ଡରୁ ରୁପି ଦୂର କରିବାରେ ସାହାଯ୍ୟ କରେ। ତେବେ ଚୁଟିର ଯତ୍ନରେ ଏହି ଫୁଲକୁ କେଉଁ କେଉଁ ଉପାୟରେ ବ୍ୟବହାର କରାଯାଏ ଏବଂ ଏହା କିପରି ପ୍ରୟୋଗ କରାଯାଏ ଆସନ୍ତୁ ଜାଣନ୍ତୁ।

ହେୟାର ମାସ୍କ:
ଚୁଟି ପାଇଁ ମନ୍ଦାର ହେୟାର ମାସ୍କ ବହୁତ ଲାଭଦାୟକ। ହେୟାର୍ ମାସ୍କ ତିଆରି କରିବା ପାଇଁ ସମ ପରିମାଣର ମନ୍ଦାର ଫୁଲ ଏବଂ ମନ୍ଦାର ପତ୍ର ମିଶାଇ ଗ୍ରାଇଣ୍ଡ୍ କରନ୍ତୁ। ଏହି ପେଷ୍ଟ୍‌କୁ ଚୁଟିରେ ଲଗାନ୍ତୁ ଏବଂ କିଛି ସମୟ ରଖି ଧୋଇ ଦିଅନ୍ତୁ। ଏହି ପେଷ୍ ?କୁ ସପ୍ତାହରେ ଦୁଇଥର ମୁଣ୍ଡରେ ଲଗାଇଲେ ଚୁଟି ବଢିବାରେ ଲାଭଦାୟକ ହୁଏ।

ମନ୍ଦାର ତେଲ:
ମନ୍ଦାର ତେଲ ତିଆରି କରି ପାଇଁ ୮ ରୁ ୧୦ଟି ମନ୍ଦାର ପତ୍ର ଏବଂ ସମାନ ସଂଖ୍ୟକ ମନ୍ଦାର ଫୁଲ ନିଅନ୍ତୁ। ଏହାକୁ ଏକାଠି ଗ୍ରାଇଣ୍ଡ୍ କରନ୍ତୁ ଏବଂ ଏକ ମୋଟା ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏକ ପାତ୍ରରେ କିଛି ନଡ଼ିଆ ତେଲ ନିଅନ୍ତୁ। ଏହାକୁ ନିଆଁରେ ବସାଇ ଫୁଟାନ୍ତୁ ଏବଂ ଏଥିରେ ମନ୍ଦାର ପେଷ୍ଟ ଢାଳି ଗରମ କରନ୍ତୁ। ତେଲ ଫୁଟିଲା ପରେ ଏହାକୁ ଛାଣି ଏକ ବୋତଲରେ ରଖନ୍ତୁ। ଏହାକୁ ଆଙ୍ଗୁଠିରେ ନେଇ ଖପୁରୀକୁ ଭଲ ଭାବରେ ମାଲିସ୍ କରନ୍ତୁ। ଏକ ଘଣ୍ଟା ରଖିଲା ପରେ ମୁଣ୍ଡ ଧୋଇ ଦିଅନ୍ତୁ।

ମନ୍ଦାର ଫୁଲ ଏବଂ ଅଁଳା ମାସ୍କ:
ଚୁଟି ପାଇଁ ଅଁଳା ଚମତ୍କାର ଭାବରେ କାମ କରେ। ଏପରି ପରିସ୍ଥିତିରେ ଅଁଳା ଏବଂ ମନ୍ଦାର ଏକାଠି ପ୍ରୟୋଗ କରିବା ଦ୍ୱାରା ଚୁଟି ଉପରେ ଚମତ୍କାର ପ୍ରଭାବ ପଡିଥାଏ। ହେୟାର୍ ମାସ୍କ ତିଆରି କରିବା ପାଇଁ ସମାନ ପରିମାଣର ମନ୍ଦାର ଫୁଲ ଏବଂ ପତ୍ର ମିଶାନ୍ତୁ ଏବଂ ଏଥିରେ ଅଧା ପରିମାଣର ଅଁଳା ମିଶାନ୍ତୁ। ଏସବୁ ଏକତ୍ର ଗ୍ରାଇଣ୍ଡ୍ କରନ୍ତୁ। ଏବେ ହେୟାର ମାସ୍କ ପ୍ରସ୍ତୁତ। ଏହାକୁ ଚୁଟିରେ ଲଗେଇ ୪୦ରୁ ୫୦ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ ଏବଂ ଧୋଇ ଦିଅନ୍ତୁ। ଏହି ହେୟାର ମାସ୍କ ସପ୍ତାହରେ ଥରେ ପ୍ରୟୋଗ କରାଯାଇପାରେ।

# ଜାଣନ୍ତୁ କେଉଁ ଦିନରେ କ'ଣ କରଣୀୟ ଓ ଅକରଣୀୟ

**ଜ୍ୟୋତିଷ ଶାସ୍ତ୍ରରେ ପ୍ରତ୍ୟେକ କାର୍ଯ୍ୟର ଦିନ ନିର୍ଦ୍ଧାରଣ କରାଯାଇଛି। ଧାର୍ମିକ ଗ୍ରନ୍ଥ ଏବଂ ଶାସ୍ତ୍ର ଅନୁସାରେ, ଯଦି ଦିନ ହିସାବରେ କୌଣସି ଶୁଭକାର୍ଯ୍ୟ କରାଯାଏ, ସେହି କାର୍ଯ୍ୟର ସଫଳ ହେବା ସମ୍ଭାବନା ଅଧିକ ଥାଏ।**

ସୋମବାର: ବିବାହ, ନାମକରଣ, ଗୃହ ନିର୍ମାଣ, ବିଦ୍ୟାଳୟକୁ ପ୍ରବେଶ କରିବା ପାଇଁ ଏହି ଦିନ ଶୁଭ। ଏହିଦିନରେ ଜନ୍ମହୋଇଥିବା ବ୍ୟକ୍ତି ସଜ୍ଜନ ହୋଇଥାନ୍ତି। ଏହିଦିନ ଦକ୍ଷିଣ ଦିଗରୁ ଯାତ୍ରା କଲେ ନିଶ୍ଚିତ ସଫଳତା ମିଳିଥାଏ ବୋଲି କୁହାଯାଏ।

ମଙ୍ଗଳବାର: ଏହିଦିନ ଶୁଭ-ଅଶୁଭର ମିଶ୍ରିତ ଫଳ ପ୍ରଦାନ କରେ। ସେହିପରି ମଙ୍ଗଳବାର କିଛି କାର୍ଯ୍ୟ ପାଇଁ ଶୁଭ ହୋଇଥିବା ବେଳେ ଆଉ କିଛି କାର୍ଯ୍ୟ ପାଇଁ ଅଶୁଭ ହୋଇଥାଏ। ମଙ୍ଗଳବାରରେ ଘର କିଣିବା, ବସ୍ତ୍ର କିଣିବା ଅନୁଚିତ। ଏହିଦିନ ଜନ୍ମ ନେଇଥିବା ବ୍ୟକ୍ତି କ୍ରୋଧୀ ପ୍ରକୃତିର ହୋଇଥାନ୍ତି।

ବୁଧବାର: ଏହା ଶୁଭ ବାର ଶ୍ରେଣୀରେ ଆସିଥାଏ। ଗୃହ ପ୍ରବେଶ, ଅଧ୍ୟୟନ ପ୍ରାରମ୍ଭ କରିବା ପାଇଁ ଏହା ହେଉଛି ଉତ୍ତମ ଦିନ। ଏହିଦିନ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିବିଶେଷ ଧାର୍ମିକ ପ୍ରବୃତ୍ତିର ହୋଇଥାନ୍ତି।

ଗୁରୁବାର: ଏହିଦିନର ସ୍ୱାମୀ ଗ୍ରହ ହେଉଛନ୍ତି ବୃହସ୍ପତି। ଗୁରୁବାର ମଧ୍ୟ ସମସ୍ତ କାର୍ଯ୍ୟ ପାଇଁ ମଙ୍ଗଳଦାୟକ। ଏହିବାରରେ ଆରମ୍ଭ କରାଯାଉଥିବା ସମସ୍ତ କାର୍ଯ୍ୟ ସିଦ୍ଧ ହୋଇଥାଏ। ଏହିଦିନ ଜନ୍ମଗ୍ରହଣ କରିଥିବା ବ୍ୟକ୍ତି ବିଶେଷ ସଦ୍‌ଗୁଣ, ଧାର୍ମିକ ଓ ତେଜସ୍ୱୀ ହୋଇଥାନ୍ତି।

ଶୁକ୍ରବାର: ଏହିଦିନରେ ଜନ୍ମଗ୍ରହଣ କରିଥିବା ବ୍ୟକ୍ତି ରସିକ ସ୍ୱଭାବର ହୋଇଥାନ୍ତି। ତା'ସହ ବିଳାସପୂର୍ଣ୍ଣ ଜୀବନ ଅତିବାହିତ କରିବାରେ ରୁଚି ରଖନ୍ତି। ଶୁକ୍ରବାର ସନ୍ଧ୍ୟାରେ ଆରମ୍ଭ କରାଯାଉଥିବା ସମସ୍ତ କାର୍ଯ୍ୟ ଶୁଭ ହୋଇଥାଏ।

ଶନିବାର: ସମସ୍ତ ବାର ମଧ୍ୟରେ ଶନିବାରକୁ ଅଶୁଭ ବୋଲି କୁହାଯାଏ। ଏହିଦିନ ଆରମ୍ଭ କରାଯାଉଥିବା କାର୍ଯ୍ୟ ପୂର୍ଣ୍ଣ ହୋଇପାରି ନ ଥାଏ। କୁହାଯାଏ, ଏହିବାରରେ ସଫଳତା ସମ୍ଭାବନା ଥାଏ ଖୁବ୍ କମ୍। ଏହି ଦିନ ଜନ୍ମଗ୍ରହଣ କରିଥିବା ଲୋକଙ୍କଠାରେ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ।

ରବିବାର: ସମସ୍ତ ପ୍ରକାର କାର୍ଯ୍ୟ ପାଇଁ ଏହି ବାର ଶୁଭ। ଏହିଦିନ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିବିଶେଷ ଭାଗ୍ୟଶାଳୀ ହୋଇଥାନ୍ତି। ଏହିଦିନ ପୂର୍ବ ଦିଗରୁ ଯାତ୍ରା କଲେ ନିଶ୍ଚିତ ଭାବେ ସଫଳତା ମିଳିଥାଏ।



# ଗରମ ଦିନରେ ବିନା ଏସିରେ ବି ଘର ରହିବ ଥଣ୍ଡା: ଏହି ଛୋଟ ଛୋଟ ଉପାୟ ମାନନ୍ତୁ

ଧିରେ ଧିରେ ଗରମ ବଢିବାରେ ଲାଗିଛି। ଏଭଳି ପରିସ୍ଥିତିରେ ଘରେ ବସି ମଧ୍ୟ ଝାଳ ବୋହିଯାଉଛି। ଯଦି ଘରେ ଅତ୍ୟଧିକ ଗରମ ହୁଏ ତେବେ ଏସି, ଫ୍ୟାନ୍ ଏବଂ କୁଲର୍ ମଧ୍ୟ କାମ କରେ ନାହିଁ। ଏଭଳି ପରିସ୍ଥିତିରେ ଘର ଭିତରର କିଛି ପରିବର୍ତ୍ତନ ହିଁ ଗରମରୁ ମୁକ୍ତ କରିବ। ଫଳରେ ଏସି ଚଲାଇବାକୁ ମଧ୍ୟ ପଡିବ ନାହିଁ।

ମଣିଷ ପାଇଁ ଗଛ ବହୁତ ଉପକାରୀ ହୋଇଥାଏ। ଗଛ ଯେଉଁଠାରେ ରହିବ ସେ ଜାଗା ଥଣ୍ଡା ହେବ ଏବଂ ଏହା କରିବା ସବୁଠାରୁ ଶସ୍ତା ଆଉ ସହଜ। ଆପଣ ଛାତ ଉପରେ ଅଧିକରୁ ଅଧିକ ଗଛ କୁଣ୍ଡ ରଖିପାରିବେ। ଯେତେ ଅଧିକ ସବୁଜିମା ରହିବ, ସେତେ ଅଧିକ ଶୀତଳତା ରହିବ। ଛାତ ବ୍ୟତୀତ ବାଲ୍‌କୋନୀ ଏବଂ ରୁମ୍‌ରେ ମଧ୍ୟ ଗଛ ରଖାଯାଇପାରିବ। ଏହା ଘରର ତାପମାତ୍ରା ବଜାୟ ରଖେ ଏବଂ ପ୍ରଦୂଷଣରୁ ଦୂରେଇ ରଖିବ।

ଘରକୁ ଥଣ୍ଡା ରଖିବା ପାଇଁ ପରଦା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଘରେ ଏକ ବ୍ଲାକ୍‌ଆଉଟ୍ ପରଦା ଲଗାଇବାକୁ ଚେଷ୍ଟା କରନ୍ତୁ। ଏପରି କରିବା ଦ୍ୱାରା ସୂର୍ଯ୍ୟ କିରଣ ଘର ଭିତରକୁ ଆସିବ ନାହିଁ କିମ୍ବା ଗରମ ପବନ ମଧ୍ୟ ପ୍ରବେଶ କରିପାରିବ ନାହିଁ। ଫଳରେ ଘରର ତାପମାତ୍ରା ସାମାନ୍ୟ ଡିଗ୍ରୀରୁ ତଳେ ରହିବ।

ଯଦି କାନ୍ଥରେ ଲାଗିଥିବା ରଙ୍ଗ ମୋଟା ହୋଇଥାଏ ତେବେ ଏହା ଉତ୍ତାପକୁ ଅବଶୋଷଣ କରିଥାଏ। ଫଳରେ ଘର ଅଧିକ ଗରମ ହୋଇଥାଏ। ତେଣୁ ସବୁବେଳେ କାନ୍ଥର ରଙ୍ଗକୁ ହାଲୁକା ରଖନ୍ତୁ। ଧଳା ଏବଂ କ୍ରିମ୍ ରଙ୍ଗ ବ୍ୟବହାର କରନ୍ତୁ। ଏହା ମଧ୍ୟ ମନେରଖନ୍ତୁ ଯେ ସୋଫା କଭର ଏବଂ ବେଡ୍‌ସିଟ୍‌ର ରଙ୍ଗ ମଧ୍ୟ ହାଲୁକା ହେବା ଉଚିତ। ଏହି କାରଣରୁ, ଅଧିକ ଗରମ ଲାଗିବ ନାହିଁ।

ଘରେ ଲାଗିଥିବା ଲାଇଟ୍ ପ୍ରତି ପ୍ରତି ଧ୍ୟାନ ଦେବା ଜରୁରୀ। ଏହା ମଧ୍ୟ ଘର ଭିତରର ତାପମାତ୍ରାକୁ ବଢାଇଦିଏ। ଯଦି ଘରେ ହଳଦିଆ କିମ୍ବା ଗାଢ଼ା ରଙ୍ଗର ଆଲୋକ ଥାଏ, ତେବେ ସେଗୁଡ଼ିକୁ ପରିବର୍ତ୍ତନ କରନ୍ତୁ। ଝୁମର ମଧ୍ୟ ଜଳାନ୍ତୁ ନାହିଁ। ସମଗ୍ର ଘରେ କେବଳ ଏଲଇଡି ଲାଇଟ୍ ବ୍ୟବହାର କରିବାକୁ ଚେଷ୍ଟା କରନ୍ତୁ। ଏହି ଲାଇଟ୍ କୁଲିଂ ଇଫେକ୍ଟ ପକାଇଥାଏ ଏବଂ ବିଦ୍ୟୁତ୍ ବିଲ୍ ମଧ୍ୟ ଅଧିକ ହୋଇ ନ ଥାଏ।

ଯଦି ଆପଣ ଗ୍ରୀଷ୍ମ ଋତୁରେ ଘରକୁ ଥଣ୍ଡା ରଖିବାକୁ ଚାହାଁନ୍ତି, ତେବେ ଘରର ଝରକା ଉପରେ ଡବଲ୍ କିମ୍ବା ଟ୍ରିପଲ୍ ୱିଣ୍ଡୋ ଲଗାନ୍ତୁ। ଏମିତି କଲେ ଗରମ ଘରେ ପ୍ରବେଶ କରିବ ନାହିଁ, ଘର ଭିତରେ ଥିବା ତାପମାତ୍ରା ମଧ୍ୟ ଥଣ୍ଡା ରହିବ। ଏହା ବ୍ୟତୀତ ଝରକା ଏବଂ କବାଟ ସବୁବେଳେ ପୂର୍ବ ଦିଗକୁ ଖୋଲିବା ଉଚିତ।

ଏହା କରିବା ଦ୍ୱାର ସକାଳର ସୂର୍ଯ୍ୟ କିରଣ ଘରକୁ ଆସିପାରିବ ଏବଂ ଅପରାହ୍ନ ଏବଂ ସନ୍ଧ୍ୟାର ପ୍ରବଳ ଗରମରୁ ରକ୍ଷା ମିଳିବ। ଝରକା ଓ କବାଟ ପଶ୍ଚିମ ଦିଗରେ ରହିଲେ ଘର ଅଧିକ ଗରମ ରହିଥାଏ।

ଯଦି ଆପଣ ଗରମକୁ ଦୂରେଇ ରଖିବାକୁ ଚାହୁଁଛନ୍ତି, ତେବେ ଛାତ ଉପରେ ମଧ୍ୟ ଧ୍ୟାନ ଦେବାରେ ଅଛି। ଛାତରେ ଉତ୍ତାପ ହ୍ରାସ କରୁଥିବା ଟାଇଲ ଲଗାନ୍ତୁ। ଏହା ଛାତକୁ ଗରମ କରାଏ ନାହିଁ। ଛାତ ଉପରେ ଥର୍ମାଲ୍ ଇନ୍‌ସୁଲେସନ୍ ମଧ୍ୟ କରାଯାଇପାରିବ।

ଏହା ବ୍ୟତୀତ ଛାତ ଉପରେ ଚୂନ ମଧ୍ୟ ଲଗାଯାଇପାରିବ। ଏହାଦ୍ୱାରା ଅଧିକ ତାପମାତ୍ରା ଘର ଉପରେ ପ୍ରଭାବ ପକାଏ ନାହିଁ ଏବଂ ଘରକୁ ଥଣ୍ଡା ରଖେ। ଏହା ବ୍ୟତୀତ ଛାତ ଉପରେ ଡବଲ୍ ସ୍ଲାବ୍ ମଧ୍ୟ ଲଗା ଯାଇପାରିବ।

ଘରର ଚଟାଣ ମଧ୍ୟ ଗରମ ଦୂର କରିବାରେ ସହାୟକ ହୋଇପାରେ। ଅନେକ ଲୋକ ଚଟାଣରେ କାର୍ପେଟ୍ ପକାନ୍ତି। ଯଦି ଗରମ ଦିନରେ କାର୍ପେଟ୍ ପକାଯାଏ, ତେବେ ଏହା ଘର ଭିତରେ ଥିବା ଉତ୍ତାପକୁ ବଢାଇଥାଏ। ତେଣୁ ଏହାକୁ ହଟାଇ ଦିଅନ୍ତୁ।

ଚଟାଣରେ ମାର୍ବଲ ପକାନ୍ତୁ କିମ୍ବା କାଠ ଫ୍ଲୋରିଂ କରିବାକୁ ଚେଷ୍ଟା କରନ୍ତୁ। ଏହା କୋଠରୀକୁ ଥଣ୍ଡା ରଖିବ।





## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଶିକ୍ଷା ମନ୍ଦିରର ଭିତର କଥା



**ଭୋଳାନାଥ ସାହୁ**

ବିଦ୍ୟାଳୟ ବିଦ୍ୟାର ମନ୍ଦିର। ଯେଉଁଠି ଶାନ୍ତ, କମନୀୟ ଶୈକ୍ଷିକ ପରିବେଶ ଭିତରେ ଗଢ଼ାଯାଏ ଶିକ୍ଷାର୍ଥୀର ଜୀବନ। ଯାହା ଶିକ୍ଷାର୍ଥୀଙ୍କ ପାଇଁ ହୋଇଯାଏ ଅବିସ୍ମରଣୀୟ। ଗର୍ବର ସହିତ ସେ କହେ – 'ଏହା ମୋ ବିଦ୍ୟାଳୟ।' ସେଦିନ ଗ୍ରୀକ ସଭ୍ୟତାରେ ନାଗରିକ ମାନେ ଅବସର ସମୟ ଅତିବାହିତ କରିବା ପାଇଁ ମିଳିତ ହେଉଥିବା ସଂଗଠନକୁ 'ସ୍କୋଲେ' ବୋଲି କୁହାଯାଉଥିଲା। ସ୍କୋଲେ (Skhole) ଶବ୍ଦର ଅର୍ଥ ଅବସର (leisure)। ଅର୍ଥାତ୍ ବ୍ୟସ୍ତ ବହୁଳ ଜୀବନ ଭିତରୁ ଅବସର ସମୟ ଟିକେ ପାଇଲେ ସେମାନେ ଗୋଟିଏ ସ୍ଥାନରେ ମିଳିତ ହୋଇ ଦେଶର ବିକାଶ କଥା ଚିନ୍ତା କରୁଥିଲେ। ସେହି ସ୍କୋଲେ ଶବ୍ଦରୁ ସୃଷ୍ଟି ହୋଇଛି ଆଜିର **School** ବା ବିଦ୍ୟାଳୟ। ଯେଉଁଠାରେ ଏବେ ଦେଶ ଓ ଦେଶାନ୍ତରରେ କେବଳ ଶିକ୍ଷାଦାନ କାର୍ଯ୍ୟ ପରିଚାଳନା କରାଯାଇ ଆସୁଅଛି।

ପରିବାର ରୂପୀ ନନ୍ଦନକାନନରୁ ପାଦ ଡ଼େଇଁବା ପରେ ଶିଶୁର ପାଦପଡ଼ିଥାଏ ବିଦ୍ୟାଳୟରେ। ପରିବାରର ସଂସ୍କୃତି ଓ ପରମ୍ପରାକୁ ପାଥେୟ କରି ଶିଶୁଟି ଶିକ୍ଷାର୍ଥୀ ରୂପରେ ନାମ ଲେଖାଇ ତାର ଶୈକ୍ଷିକ ଭିତି ସ୍ଥାପନ ନିମନ୍ତେ ପାଦ ଆଗକୁ ବଢ଼ାଏ। ବିଦ୍ୟାଳୟର ପ୍ରତିଟି 'ଭଲ' ଓ 'ମନ୍ଦ' ଆଚରଣ ଭିତରେ ସେ ପ୍ରଶ୍ନବାଚୀ ହୋଇ ରହେ – 'ସେ କାହା ଘରର ପିଲା ?' ଯାହା ଭିତରେ ଥାଏ ପରିବାରର ବାପା ମା'ଙ୍କର ସ୍ନେହଭରା ଆଲିଙ୍ଗନ ଓ ଚୁମ୍ବନ ତଥା ଜେଜେବାପା/ ଜେଜେ ମା'ଙ୍କର ଚରିତ୍ର ଗଠନ କରିବାର ଅସରନ୍ତି କାହାଣୀ। ଯାହାକୁ ନେଇ ଶିଶୁଟି ଆଗକୁ ବଢ଼ିଥାଏ ଓ ତାର ପରିଚୟ ବହନ କରିଥାଏ। ମାଟି ଖାଇବାର ଦୁଷ୍ଟାମୀରୁ ଆକଟ କରିବା ପାଇଁ ଯଶୋଦା ମା'ର କୃଷ୍ଣଙ୍କ କାନ ଧରିବା ପ୍ରସଙ୍ଗ କାହାକୁ ଅଜଣା ନାହିଁ। ଏହାହିଁ ପରିବାରର ଅନୁଶାସନ। ଯେଉଁ ଅନୁଶାସନ ଶିଶୁକୁ କୁଆଚରଣ ଠାରୁ ଦୁରେଇଆଣି ସୁଆଚରଣ ଗଠନ କରିବାର ଭିତି ସ୍ଥାପନ କରେ। ଯେଉଁ ଆଚରଣକୁ ପାଥେୟ କରି ଶିକ୍ଷାର୍ଥୀଟିଏ ବିଦ୍ୟାଳୟ ଜୀବନକୁ ସାକାର କରିଥାଏ। ଶିଶୁ ପ୍ରାୟତଃ ଅନୁକରଣପ୍ରିୟ। ତେଣୁ ପ୍ରତ୍ୟେକ ପିତାମାତା ଓ ଅବିଭାବକ ପଲାଙ୍କ ସମ୍ମୁଖରେ କଳି କରିବା, ମିଛ କହିବା, ଅନ୍ୟାୟ କରିବା, ଅନୀତି କରିବା ପ୍ରଭୃତି ଆଚରଣ ପ୍ରଦର୍ଶନ କରିବା ଅନୁଚିତ। ଯାହା ଶିଶୁ ବିପଥଗାମୀ ହେବାର ଗୋଟିଏ ଗୋଟିଏ ଉପାଦାନ ଭାବରେ ସହାୟତା ଯୋଗାଇ ଥାଏ। ପିତା ମାତା ଓ ଆତ୍ମୀୟସ୍ୱଜନ ପରିବାର ମଧ୍ୟରେ ଯେମିତି ଆଚରଣ ପ୍ରଦର୍ଶନ କରିବେ ତାହାର ପ୍ରତିଫଳନ ଶିଶୁ ଆଚରଣରେ ଦେଖାଦେବ ଏହା ଭୁଲିଯିବା ଅନୁଚିତ। ଏହା ଶିକ୍ଷାର୍ଥୀ ଜୀବନରେ ଏକ କଳଙ୍କିତ ଅଧ୍ୟାୟକୁ ସୃଷ୍ଟି କରିଥାଏ।

ଶିକ୍ଷକ ଶିକ୍ଷାମନ୍ଦିରର ସାର୍ଥକ ପୂଜାରୀ। ମନ୍ଦିରର ପୂଜାରୀ ଯେପରି ଷୋଡଶ ଉପଚାର ଦେଇ ଦେବା ଦେବୀଙ୍କୁ ସନ୍ତୁଷ୍ଟ କରିଥାଏ, ସେହିପରି ଶିକ୍ଷକ ଶିକ୍ଷାରୂପକ ଜୀବନ୍ୟାସ ଦେଇ ଶିକ୍ଷାର୍ଥୀର ଆଦର୍ଶ ଭବିଷ୍ୟତ ଗଠନ କରିଥାନ୍ତି। ତାଙ୍କୁ ଏକ ମାଳିର ଭୂମିକା ବହନ କରିବାକୁ ପଡ଼ିଥାଏ। ମାଳି ଯେପରି ନିଜର ସେବା ଓ ଯତ୍ନ ବଳରେ ବୃକ୍ଷକୁ ଫୁଲ ଓ ଫଳ ସମ୍ଭାରରେ ପରିପୂର୍ଣ୍ଣ କରେ, ଶିକ୍ଷକ ସେହିପରି ତାର ଯାଦୁକାରୀ ଶିକ୍ଷାଦାନ କଳାରେ ଶିକ୍ଷାର୍ଥୀଙ୍କୁ ପ୍ରକୃତ ଜ୍ଞାନର ଅଧିକାରୀ କରିଥାନ୍ତି। ଶିକ୍ଷକଙ୍କ ଉତୁଙ୍ଗ ବ୍ୟକ୍ତିତ୍ୱ ଓ ଆଦର୍ଶ ଶିକ୍ଷାର୍ଥୀ ଜୀବନ ଗଠନରେ ଏକାନ୍ତ ସହାୟ। ଏଥିପାଇଁ ପିତା ମାତାଙ୍କ ଅପେକ୍ଷା ଶିକ୍ଷାର୍ଥୀଟିଏ ଗୁରୁଙ୍କ ଉପରେ ଅଧିକ ବିଶ୍ୱାସ ରଖିଥାଏ। କଥା କଥାରେ ସେମାନେ କହନ୍ତି – 'ଆମ ସାର କହିଛନ୍ତି।' ଏଥିରୁ ଗୁରୁଙ୍କ ସ୍ଥାନ ଯେ ବହୁ ଉର୍ଦ୍ଧ୍ୱରେ ତାହା ସ୍ପଷ୍ଟ କରିଥାଏ। ବୈଦିକ ଯୁଗର ଗୁରୁ ଥିଲେ ଜ୍ଞାନର ଗନ୍ତାଘର। ସେମାନେ ସମାଜର 'ଚଳନ୍ତି ଓ ଭ୍ରାମ୍ୟମାଣ ପାଠାଗାର।' କାରଣ ସେମାନେ ଯେଉଁଠିକୁ ଯାଉଥିଲେ ଶିକ୍ଷାହିଁ ପ୍ରଦାନ କରୁଥିଲେ। ତାଙ୍କର ମୁଖ ନିସୃତ ଧ୍ୱନି, ଶବ୍ଦ ଓ ବାକ୍ୟ ହିଁ ଥିଲା ଶିକ୍ଷା। ଯାହାକୁ ଶିକ୍ଷାର୍ଥୀ ମାନେ ଏକ ଲୟରେ ଏକ ଧ୍ୟାନରେ ଚାହିଁ ରହୁଥିଲେ ସଠିକ୍ ଭାବରେ ଶୁଣିବା ପାଇଁ। କାରଣ ସେମାନେ କେବଳ ଶୁଣି ଶୁଣି ହିଁ ଶିକ୍ଷା ଗ୍ରହଣ କରୁଥିଲେ। ଶିକ୍ଷକ ଯାହା କହୁଥିଲେ ତାହା କରୁଥିଲେ ଏବଂ ଯାହା କରୁଥିଲେ ତାହା କହୁଥିଲେ। ତାଙ୍କର 'କହିବା' ଓ 'କରିବା' ମଧ୍ୟରେ ସାମଞ୍ଜସ୍ୟ ଥିଲା। ଶିକ୍ଷକଙ୍କ ଉପରେ ସମାଜର ଅଗାଧ ବିଶ୍ୱାସ ଥିଲା। ତେଣୁ ତାଙ୍କୁ ସମାଜର "ଦ୍ୱିତୀୟ ଭଗବାନ" ବୋଲି କୁହାଯାଉଥିଲା। ଗୁରୁଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଶିକ୍ଷାର୍ଥୀ ୧୨ ବର୍ଷ ଶିକ୍ଷା ଗ୍ରହଣ କରି 'ବସୁ', ୨୪ବର୍ଷ ଶିକ୍ଷା ଲାଭ କରି 'ରୁଦ୍ର' ଓ ୩୬ ବର୍ଷ ଶିକ୍ଷାଲାଭ କରି 'ଆଦିତ୍ୟ' ଉପାଧି ଲାଭ କରି ସାମାଜିକ ଜୀବନ ବିତାଇବାକୁ ଗୃହକୁ ପ୍ରତ୍ୟାବର୍ତନ କରୁଥିଲା। ଏହି ଯଥାର୍ଥ ଶିକ୍ଷା ହିଁ ସେମାନଙ୍କୁ ସାର୍ଥକ ଏବଂ ସଫଳ ସାମାଜିକ ଜୀବନ ବିତାଇବାକୁ ସମର୍ଥ କରୁଥିଲା। କିନ୍ତୁ ଆଜିର ଗୁରୁ ଓ ବୈଦିକ ଯୁଗର ଗୁରୁଙ୍କ ମଧ୍ୟରେ ତୁଳନା କଲେ ବହୁ ବ୍ୟତିକ୍ରମ ଦେଖାଦିଏ। ପ୍ରଥମତଃ, ଆଜିର ଅନେକ ଶିକ୍ଷକ ଅନ୍ୟ ବୃତି ନପାଇ ଶିକ୍ଷକକତା ବୃତିକୁ ବାଛିବାକୁ ବାଧ ହୋଇଛନ୍ତି। ତେଣୁ ସେମାନେ ଶିକ୍ଷାର୍ଥୀଙ୍କ ନିକଟତର ହେବାକୁ ଇଚ୍ଛାକରନ୍ତି ନାହିଁ। ଦ୍ୱିତୀୟତଃ, ବହୁ ଉଚ୍ଚ ଡ଼ିଗ୍ରୀଧାରି ବ୍ୟକ୍ତି ମଧ୍ୟ ପ୍ରାଥମିକ ସ୍ତରର ଶିକ୍ଷକତା କରୁଛନ୍ତି। ସେମାନେ ଭାଷାଗତ ସନ୍ତୁଳନ ଆଣିବାରେ ଅସମର୍ଥ। ତୃତୀୟରେ ବହୁ ଶିକ୍ଷକ ଇଚ୍ଛାଥାଇ ମଧ କର୍ତବ୍ୟ ସମ୍ପାଦନରେ ଅନିଚ୍ଛୁକ। କାରଣ ସମାନ କାମକୁ ସରକାରଙ୍କ ଅସମାନ ଦରମା ବ୍ୟବସ୍ଥା ଏହାର ବ୍ୟତିକ୍ରମ। ଏଥିପାଇଁ କେତେକ ଶିକ୍ଷକ ପାରିବାରିକ ସନ୍ତୁଳନ ଅଭାବରୁ ମଦ୍ୟପାନ ପୂର୍ବକ ନୈତିକତା ହରାଉଛନ୍ତି। କିଛି ଶିକ୍ଷକ ମଧ ଶିକ୍ଷାର୍ଥୀଙ୍କୁ ଉପଦେଶ ଦେଇ କହନ୍ତି – "ମୁଁ ଯାହା କହୁଛି ତାହା କର, ମୁଁ ଯାହା କରୁଛି ତାହା କର ନାହିଁ।" ଉଦାହରଣ ସ୍ୱରୂପ - "ଧୂମପାନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ, ମାତ୍ର ଶିକ୍ଷକ ନିଜେ ନିରନ୍ତର ଧୂମପାନକାରୀ।" ଏଥିରୁ ଶିକ୍ଷକଙ୍କ ଉପରେ କେଉଁ ପ୍ରଭାବ ପଡ଼ିବ ତାହା ବିଚାରଣୀୟ। ଶିକ୍ଷକ ସାମାଜିକ କଳଙ୍କ ଦୂର କରନ୍ତୁ କିନ୍ତୁ ନିଜେ କଳଙ୍କିତ ନହୁଅନ୍ତୁ।

ବାସ୍ତବରେ ଆଜିର ଶିକ୍ଷାନୁଷ୍ଠାନ 'ବାଣିଜ୍ୟିକ କେନ୍ଦ୍ର' ରେ ପରିଣତ ହୋଇଛି। ଏଠାରେ 'ଦେବା' ଓ 'ନେବା' ନୀତି ପରିଚାଳିତ। ଅର୍ଥାତ ଶିକ୍ଷା ଏକ 'ପଣ୍ୟ ଦ୍ରବ୍ୟ' ଯେଉଁଠାରେ କିଛି ଶିକ୍ଷକ 'ବିକ୍ରେତା' ଓ ଶିକ୍ଷାର୍ଥୀ 'କ୍ରେତା' ଭୂମିକାରେ ଅବତୀର୍ଣ୍ଣ। ପଇସା ନାହିଁତ ଶିକ୍ଷା ନାହିଁ। ଶିକ୍ଷକ ଶିକ୍ଷାନୁଷ୍ଠାନର ଶ୍ରେଣୀ ଗୃହରେ ଶିକ୍ଷାଦାନ ପରିବର୍ତେ ଟିଉସନ ମାନିଆ ହୋଇ ପଡ଼ିଛନ୍ତି। ଏଥିପାଇଁ ଶିକ୍ଷାର୍ଥୀଙ୍କୁ ପରୀକ୍ଷାରେ କପି ଦେବା ଭଳି ଅନ୍ୟାୟୋଚିତ କର୍ମରେ ନିଜକୁ ନିୟୋଜିତ କରୁଛନ୍ତି। ପାଠ କଣ ଶ୍ରେଣୀଗୃହରେ ବୁଝି ହୁଏନି ଟିଉସନ ଗୃହରେ ବୁଝି ହୁଏ? ଏଥିରୁ ଶିକ୍ଷକଙ୍କ ଶିକ୍ଷାଦାନଗତ ବ୍ୟବହାରିକ ବିଭେଦ ବିଚାରଣୀୟ। ଏଥିପାଇଁ ଶିକ୍ଷାନୁଷ୍ଠାନ ମାନଙ୍କରେ ଏକ ବିଶୃଙ୍ଖଳିତ ପରିବେଶ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସମାଜର ବଡ଼ ପଣ୍ଡା ମାନେ ଏଥିପ୍ରତି ଯତ୍ନବାନ ହେବା ଉଚିତ। କାରଣ ସେଦିନ କୁରୁସଭାସ୍ଥଳେ ଦ୍ରୌପଦୀ ବିବସିତା ହେଉଥିବା ବେଳେ ପିତାମହ ଭୀଷ୍ମ ଓ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କର ନୀରବତା ଯେପରି ମହାଭାରତ ପରି ଯୁଦ୍ଧକୁ ପ୍ରୋତ୍ସାହିତ କରିଥିଲା, ସେହିପରି ସମାଜର ଜ୍ଞାନୀଗୁଣି ଯଦି ଏଥିପ୍ରତି ସଚେତନ ନହୁଅନ୍ତି ତେବେ ସମାଜ ରସାତଳଗାମୀ ହୋଇଯିବ। ଶିକ୍ଷାର୍ଥୀର ଜୀବନ ବହୁମୂଲ୍ୟବାନ। ଏହା ଥରେ ଚାଲିଗଲେ ଆଉ ଫେରିଆସେ ନାହିଁ। ତେଣୁ ସେମାନେ ଘଟଣା ଓ ଦୁର୍ଘଟଣା ପ୍ରତି ଯତ୍ନବାନ ପୂର୍ବକ ମ୍ୟାଟ୍ରିକ ପରବର୍ତୀ ୫/୬ ବର୍ଷ କଠିନ ପରିଶ୍ରମ କଲେ ଜୀବନର ଅବଶିଷ୍ଟ ୫୦/୬୦ ବର୍ଷ ସୁଖ ଓ ଶାନ୍ତିରେ ବିତାଇପାରିବେ। ଅନୁଷ୍ଠାନ ଗର୍ବକରି କହିପାରିବ ଆମ ଶିକ୍ଷାର୍ଥୀ ବହୁ ପଦପଦବୀରେ ପ୍ରତିଷ୍ଠିତ ଏବଂ ଶିକ୍ଷାର୍ଥୀ ମଧ ଉଦାତ କଣ୍ଠରେ କହିପାରିବ – "ମୋ ବିଦ୍ୟାଳୟ ମୋ ପାଇଁ ବିଦ୍ୟାର ମନ୍ଦିର।

ପ୍ରାକ୍ତନ ପ୍ରାଧାପକ ଓ ମୁଖ୍ୟ ଶିକ୍ଷା ବିଭାଗ,
ଉଦଳା ମହାବିଦ୍ୟାଳୟ, ଉଦଳା, ମୟୂରଭଞ୍ଜ
ମୋ: ୯୯୩୭୧୫୧୩୧୦

## କେତେ ଫଳପ୍ରଦ ରାଗିଂ ନିରୋଧୀ ଆଇନ...

ବହୁଦିନ ଧରି ଗୋଟିଏ କଥା ଚାଲି ଆସିଲେ ତାହା ପ୍ରଥା ପାଲଟି ଯାଏ। ଏଇ ଚଳଣି ଭିତରେ ତା'ର କିଛି ସମର୍ଥକ ସୃଷ୍ଟି ହୋଇଯା'ନ୍ତି। ସେମାନେ ତାଙ୍କୁ ସୁହାଉଥିବା କାରଣମାନଙ୍କୁ ଖୋଜନ୍ତି ଏବଂ ସେଇ ଦୃଷ୍ଟିରୁ ସେ ପ୍ରଥାଟି ଅନନ୍ତ କାଳ ଯାଏଁ ଚାଲୁଥାଉ ବୋଲି ତାଙ୍କର ପ୍ରଯତ୍ନ ଜାରି ରଖିଥା'ନ୍ତି। ସେହିକ୍ରମରେ ଆମରି ସଭ୍ୟତା ଓ ସଂସ୍କୃତିରେ ବହୁ ଅନ୍ଧବିଶ୍ୱାସ ଚଳି ଆସିଥିଲା ଏବଂ ଆଜି ବି ବହୁ ଚାଲୁଛି। ଆଜିକାଲି ଶିକ୍ଷାନୁଷ୍ଠାନଗୁଡ଼ିକ ଭିତରୁ ଅନେକରେ ଅଲିଖିତ ଭାବରେ ଚାଲିଛି ନୂଆ ଶିକ୍ଷାର୍ଥୀମାନଙ୍କୁ ମଣ କରିବା ପାଇଁ ହେଉଥିବା କୁତ୍ସିତ ପରମ୍ପରା। ମାତ୍ର ତାଙ୍କର କିଛି ଗୋଷ୍ଠୀ ଥାଇପାରେ, ଯେଉଁମାନେ ଚାହୁଁଥିବେ ଆମେ ତ ନୂଆ ନୂଆ ଆସିଥିଲା ବେଳେ ସେଇ ଯନ୍ତ୍ରଣା ପାଇଥିଲୁ, ଅପଦସ୍ତ ହୋଇଥିଲୁ। ଆଜିକାଲିର ପିଲାଏ ପାଇଗଲେ ତ କେଉଁ ପ୍ରଣବ ଅଶୁଦ୍ଧି ହୋଇଗଲା ? ମାତ୍ର ସୁଧାର ସୁକୋମଳ ଛାତ୍ରଛାତ୍ରୀଙ୍କ ଭିତରେ ଏଇ ଅମାନୁଷିକ ଆଚରଣର ପ୍ରଭାବ ଯେ ସାରାଜୀବନ ରହିଯାଏ, ତାହା ହୁଏତ ଅନ୍ୟମାନେ ଜାଣିପାରନ୍ତି ନାହିଁ। କେତେକଙ୍କ ମତରେ ଏଇ ରାଗିଂ ପ୍ରକ୍ରିୟାର ମୂଳ ଲକ୍ଷ୍ୟ ହେଲା ନବାଗତମାନଙ୍କୁ କୌତୁକ ମାଧମରେ ନୂଆ ପରିବେଶ ସହିତ ପରିଚିତ କରେଇବା, ସେମାନଙ୍କର ଲାଜ ଛଡ଼େଇବା ଏବଂ ସେମାନଙ୍କ ଭିତରେ ଥିବା ଗାଉଁଲି ଢଙ୍ଗ ବଦଳେଇବା। ମାତ୍ର ଏଇ ଧାରା କେତେ ଛାତ୍ରଛାତ୍ରୀଙ୍କ ଭିତରେ ଯେଉଁ ଭୟ ସୃଷ୍ଟି କରୁଛି, ତାହା ଯେ ସାରାଜୀବନ ସେମାନଙ୍କୁ ସନ୍ତ୍ରସ୍ତ କରୁଛି ସେକଥା କ'ଣ ଜାଣିପାରନ୍ତି ସେଇ ଉତ୍ପୀଡ଼କ ଗୋଷ୍ଠୀ ? ମଜା କରିବା ନାଁରେ ଏଇ ପ୍ରଥା ଅନେକ ମେଡିକାଲ ଓ ଇଞ୍ଜିନିୟରିଂ କ୍ୟାମ୍ପସ୍‌ରେ ସୀମା ଟପେ। ବହୁ ସମୟରେ ଶାରୀରିକ ଓ ମାନସିକ ଶୋଷଣର ଶିକାର ହୁଅନ୍ତି ନବାଗତମାନେ। କୌଣସି ହୃଦୟବାନ ଓ ନୀତିବାନ ବ୍ୟକ୍ତି ଏହାକୁ ଗ୍ରହଣ କରିପାରିବେ ନାହିଁ କେତେବେଳେ। ଶିକ୍ଷାନୁଷ୍ଠାନରେ ପିଲାମାନଙ୍କୁ ଅଜବ ପ୍ରଶ୍ନ ପଚରାଯାଏ। ସେଥିରେ ଅଶ୍ଳୀଳତା ଥାଏ ମୂଳ ଆଧାର। ଅଶ୍ଳୀଳତା ଜୀବନର ଏକ ଅସ୍ୱାଭାବିକ ବିକାର। ଏହା ନଗ୍ନତା ନୁହେଁ କେବଳ। ସୁକୁମାର ବାଳକଟିଏ, ଯିଏ ଜୀବନରେ କେବେବି ସେଇ ଶବ୍ଦଟିଏ ଉଚ୍ଚାରଣ କରିବାକୁ ନିଜର ଲକ୍ଷ୍ମଣଗାରର ଆରପାରି ବୋଲି ମନେମନେ ଭାବି ନେଇଥିଲା, ତାକୁ ବାଧ କରାଯାଏ ସେଇ କଥା କହିବାକୁ। ଆଉ ଗୋଟିଏ ଚାରଣ ଗୋଷ୍ଠୀ ଥା'ନ୍ତି ମଜା ଦେଖିବାକୁ, ଥଟ୍ଟା ପରିହାସ କରିବାକୁ। ପରିହାସ ଯଦି ବୁଦ୍ଧି ପ୍ରଦୀପକ, ତା'ହେଲେ ତାହା ଅଗ୍ରହଣୀୟ ନୁହେଁ। ମାତ୍ର ଏଇ ଅନୁଷ୍ଠାନରେ ବରିଷ୍ଠମାନଙ୍କ ଦ୍ୱାରା କରାଯାଉଥିବା ରାଗିଂ ବୁଦ୍ଧିର ପରୀକ୍ଷା ନୁହେଁ; ଏହା ନିର୍ଯାତନାର ଏକ ଭୟଙ୍କର ରୂପ। ରାଗିଂ ପିରିଅଡରେ ନିଜର ପୁତ୍ରକନ୍ୟାଙ୍କର ସୁରକ୍ଷା ପାଇଁ ଅଭିଭାବକମାନେ ଏତେ ଚିନ୍ତାଗ୍ରସ୍ତ ହୋଇପଡ଼ନ୍ତି ଯେ ସେମାନେ ମଧ ମାନସିକ ଭାରସାମ୍ୟ ହରେଇ ବସନ୍ତି। ଆଲିଗଡ଼ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟରେ ଉଣେଇଶଶହ ଚାଳିଶ ଦଶକରେ ଘଟିଥିବା ଘଟଣାଟିଏ। ସେ ସ୍ନାତକୋତ୍ତର ଅଧ୍ୟୟନ ପାଇଁ ସେଠାରେ ଦାଖିଲ ହୋଇଥା'ନ୍ତି। ଥରେ ଜଣେ ସିନିଅର ତାଙ୍କୁ ପଚାରିଲେ- 'ତମେ ଜାଣିଛ ଏଇ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କିଏ?' ପ୍ରଫେସର ହୁସେନଙ୍କ ପାଇଁ ଉତ୍ତର ଦେବାରେ କିଛି ଅସୁବିଧା ନ ଥିଲା। ମାତ୍ର ତା'ର ପ୍ରଶ୍ନଟି ଥିଲା ଏମିତି – 'ତମେ ତାଙ୍କୁ ଦେଖିଛ ?' ମୁଣ୍ଡ ହଲେଇ ନାସ୍ତିସୂଚକ ବାଣୀ ଜଣେଇଦେଲେ ସେ। ତହୁଁ ତାଙ୍କୁ ଏକ ହଲ୍‌କୁ ନିଆଗଲା। ସେଇଠି ଗୋଟିଏ ଟେବୁଲ ଉପରେ ଚୌକିଟିଏ ପକା ହୋଇଥାଏ। ତାଙ୍କୁ ଗୋଟିଏ କୋଟ୍ ଦିଆଗଲା ପିନ୍ଧିବାକୁ। ଆଉ ସେଇ ଚଉକି ଉପରେ ବସିବାକୁ କୁହାଗଲା। ତାଙ୍କ ସାମ୍ନାରେ ଏକ ବିଶାଳ ଦର୍ପଣ ଟାଙ୍ଗି ଦିଆଗଲା। ଅନ୍ୟ ନବାଗତଙ୍କୁ କୁହାଗଲା ଯେ ହେଉଛନ୍ତି ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା। ପ୍ରଫେସର ହୁସେନ ବି କମ୍ ମଜାଦାର ଲୋକ ନୁହନ୍ତି। ସେ କହିଲେ, 'ସେଠାରେ କିଛି ସମୟ ବସିବା ପରେ ତାଙ୍କର ଧାରଣା ହେଲା ହୁଏତ ସେ ସେଇ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା।' ପରିସ୍ଥିତି ଏତେ ବୀଭତ୍ସ ହେଲା ଯେ ଦୁଇହଜାରନଅ ବେଳକୁ ସାରା ଦେଶର ଯୁବକମାନଙ୍କର ଏହା ଏକ ଅତି ବଡ଼ ସମସ୍ୟା ଭାବରେ ଉଭା ହେଲା। କାରଣ ମେଡିକାଲ ଇଞ୍ଜିନିଅରିଂ ଭିତରେ ସୀମିତ ନ ରହି ଏଇ ଦୁଷ୍ଟ ପରମ୍ପରାର ଡେଣା ସାଧାରଣ ଅନୁଷ୍ଠାନକୁ ବ୍ୟାପିଗଲା। ଉଚ୍ଚତମ ନ୍ୟାୟାଳୟ ଏଇ ଘଟଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ତତ୍କାଳୀନ ସିବିଆଇର ନିର୍ଦ୍ଦେଶକ ଶ୍ରୀଯୁକ୍ତ ରାଘବନଙ୍କ ନେତୃତ୍ୱରେ ଏକ କମିଟି ଗଠନ କଲେ। ଶିକ୍ଷାନୁଷ୍ଠାନରୁ ଏଇ କଳଙ୍କିତ ପରମ୍ପରା ସମୂଳେ ବିନାଶ କରିବା ପାଇଁ ସେଇ କମିଟି ଯେଉଁ ପରାମର୍ଶ ଦେଇଥିଲେ, ସେଇ ଆଧାରରେ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ ଦୁଇହଜାର ଏଗାରରେ ବିସ୍ତୃତ ନିୟମାବଳୀ ଜାରି କଲେ। ସବୁ ଉଚ୍ଚଶିକ୍ଷା ଅନୁଷ୍ଠାନ ଏହାକୁ କଡ଼ାକଡ଼ି ମାନିବା ବାଧ୍ୟତାମୂଳକ କରାଯାଇଛି। ଯଦି କୌଣସି ଉଚ୍ଚଶିକ୍ଷା ଅନୁଷ୍ଠାନ ଏହାକୁ ନ ମାନନ୍ତି, ତା'ହେଲେ ତାଙ୍କର ଅନୁବନ୍ଧନ ବାତିଲ କରିବାର ପ୍ରାବଧାନ ରହିଛି। ଏହାସତ୍ତ୍ୱେ ଏ ପର୍ଯ୍ୟନ୍ତ କିଛି ଅନୁଷ୍ଠାନରେ ଏହା ଚାଲୁ ରହିଛି। ଏହା ଏକ ଧର୍ତ୍ତବ୍ୟ ଅପରାଧ ହୋଇଥିଲେ ମଧ ଏବଂ ଏଥିରେ ସର୍ବାଧିକ ପାଞ୍ଚ ବର୍ଷ ଜେଲଦଣ୍ଡ ସାଙ୍ଗକୁ ଜୋରିମାନା ହେବାର ସମ୍ଭାବନା ଥିଲା ବେଳେ କିପରି ଏହା ଚାଲୁରହିଛି ତାହା ଚିନ୍ତାଜନକ। ପ୍ରତି ଛାତ୍ର ଓ ଅଭିଭାବକଙ୍କୁ ଅନୁଷ୍ଠାନରେ ପ୍ରବେଶବେଳେ ଏକ ହଲପନାମା ଦାଖଲ କରିବାକୁ ହେଉଛି। ପ୍ରତି ଉଚ୍ଚଶିକ୍ଷା ଅନୁଷ୍ଠାନରେ ଗୋଟିଏ ଗୋଟିଏ ଆଣ୍ଟିରାଗିଂ ସ୍କ୍ୱାର୍ଡ ରହିଛି। ଏତେ ହେବା ପରେ ବି ଯାଦବପୁର ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର ତୃତୀୟ ମହଲାରୁ ର୍ୟାଗିଂ ଆତଙ୍କରେ ଡେଇଁ ପ୍ରାଣତ୍ୟାଗ କରିଛନ୍ତି। ଦୁଇହଜାର ଚବିଶରେ ୟୁଜିସିଙ୍କ ନିକଟରେ ପ୍ରାୟ ଆଠଶହ ଅଭିଯୋଗ ପହଞ୍ଚିଛି। ବେଶୀ ଭାଗ ଅଭିଯୋଗ ମେଡିକାଲ କଲେଜରୁ ଆସୁଥିବା ବେଶ୍ ଚିନ୍ତାଜନକ। ମାତ୍ର ଏଥିରେ ଅଭିଯୋଗ ପ୍ରମାଣ କରିବା ପ୍ରକ୍ରିୟା ନବାଗତଙ୍କୁ ବୋଧହୁଏ ଉପଯୋଗୀ ହେଉନାହିଁ। ଅନେକ ଅନୁଷ୍ଠାନ ଏଇ ଅଭିଯୋଗକୁ ଲୁଚେଇବାକୁ ଚେଷ୍ଟା କରୁଛନ୍ତି ଏବଂ କିଛି ସଲାସୁତୁରା କରି ମାମଲାଗୁଡ଼ିକୁ ଚାପି ଦେଉଛନ୍ତି। ପ୍ରଶ୍ନ ଉଠୁଛି ଯେଉଁମାନେ ନିଜେ ଏଇ ଯନ୍ତ୍ରଣାଦାୟକ ଅନୁଭୂତ ପାଇଥା'ନ୍ତି ସେମାନେ ପୁନର୍ବାର କେମିତି ଅନ୍ୟକୁ ଦୁଃଖ ଦେଇପାରୁଛନ୍ତି।

# ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନରେ ଗ୍ଲେସିୟରର ଭୂମିକା



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ସାଧାରଣ ଭାବରେ କୌଣସି ସ୍ଥାନର ଜଳବାୟୁର ବର୍ଣ୍ଣନା କରିବାକୁ କହିଲେ ଉକ୍ତ ସମୟରେ ସେଠାକାର ଜଳବାୟୁ ଅବସ୍ଥାକୁ ବୁଝାଏ। ବିଭିନ୍ନ ହାରାହାରି ଅବକ୍ଷେପନ ବା ପ୍ରେସିପିଟେସନ ତଥା ଉତ୍ତାପ ଓ ସ୍ୱାଭାବିକ ପରିବର୍ତ୍ତନଶୀଳ ପରିସୀମାକୁ ନେଇ ଜଳବାୟୁର ବର୍ଗୀକରଣ କରାଯାଏ। ଜଳବାୟୁ ଓ ପାଣିପାଗ ମଧ୍ୟରେ ଫରକକୁ ଏକ ଜନପ୍ରିୟ ଶବ୍ଦାବଳୀରେ ପ୍ରକାଶ କରାଯାଏ: 'ତୁମେ ଯାହା ଆଶା କର ତାହା ଜଳବାୟୁ, ତୁମେ ଯାହା ପାଅ ତାହା ପାଣିପାଗ। ଐତିହାସିକ ସମୟରୁ ଦ୍ରାଘିମା, ଉଚ୍ଚତା, ଜଳ-ସ୍ଥଳର ଅନୁପାତ ଓ ସମୁଦ୍ର-ପର୍ବତ ଭଳି ଅନେକ ଗୁଡ଼ିଏ ସ୍ଥିର ଭାରିଏବଲ ଅଛି। ପ୍ଲେଟ ଟେକ୍ଟିନିକସ ଯୋଗୁ ଏମାନଙ୍କର ନିୟୁତ ନିୟୁତ ବର୍ଷ ଧରି ପରିବର୍ତ୍ତନ ହୋଇଆସୁଛି। ଅନ୍ୟାନ୍ୟ ନିର୍ଦ୍ଧାରକମାନଙ୍କ ମଧ୍ୟରେ ସମୁଦ୍ରର ଥର୍ମୋହାଲାଇନ ସଞ୍ଚାଳନ ଯୋଗୁ ଅନ୍ୟାନ୍ୟ ସମୁଦ୍ର ବେସିନ ଅପେକ୍ଷା ଆଟଲାଣ୍ଟି ସମୁଦ୍ରରେ ୫° ସେଲ୍‌ସିଅସ୍ ଯାହା ୯° ଫାରେନହିଟ ଉଷ୍ମତା ବୃଦ୍ଧି ହେଉଛି। ଅନବରତ ପରିବର୍ତ୍ତନଶୀଳ ବିଶ୍ୱରେ ଅନେକ ଘଟନା ଆପେ ଆପେ ଘଟେ। ଯାହା ବିବର୍ତ୍ତନର ଦ୍ୱାର ଖୋଲେ। ତନ୍ମଧ୍ୟରୁ ମହାଦେଶୀୟ ଭୁସ୍ଖଳନ, ଆଗ୍ନେୟଗିରି ଉଦ୍ଗୀରଣ, ପୃଥିବୀର ଭାରସାମ୍ୟ ନଷ୍ଟ ଓ ସାମୁଦ୍ରିକ ସ୍ରୋତ ଜଳବାୟୁ ପରିବର୍ତ୍ତନର ମୁଖ୍ୟ ଭୂମିକା ଗ୍ରହଣ କରିଛି। ଜଳବାୟୁ କହିଲେ ଦୀର୍ଘ ସମୟ ମଧ୍ୟରେ ହାରାହାରି ପାଣିପାଗକୁ ବୁଝାଏ। ତେଣୁ ଉଭୟ ପାଣିପାଗ ଓ ଜଳବାୟୁ ଘନିଷ୍ଠ ଭାବରେ ସମ୍ପୃକ୍ତ। ଜଳବାୟୁ ଦ୍ୱାରା ବିଭିନ୍ନ ରକମର ଉଭିଦ ଜାତ ହୁଅନ୍ତି। ପୃଥିବୀର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ରକମର ଜଳବାୟୁ ଦେଖାଯାଏ। କେବଳ ଗୋଟିଏ ସ୍ଥାନର ବିଷୁବରେଖାଠାରୁ ଦୂରତ୍ୱ ଜଳବାୟୁ ପରିବର୍ତ୍ତନ କରେ ନାହିଁ। ସମୁଦ୍ର ସ୍ରୋତ ମଧ ଜଳବାୟୁ ନିର୍ଣ୍ଣୟ କରେ। ଉଷ୍ଣ ଓ ଶୀତଳ ସମୁଦ୍ର ସ୍ରୋତମାନ ପ୍ରବାହିତ ହେଲେ, ସେହି ଅଞ୍ଚଳମାନଙ୍କୁ ଗରମ ଓ ଥଣ୍ଡା ରଖେ। ତାଛଡା ପୃଥିବୀର ବାୟୁ ପ୍ରବାହ ବ୍ୟବସ୍ଥା, ଜଳିଆ ବାଷ୍ପର ପରିମାଣ, ଜଳବାୟୁ ଉପରେ ପ୍ରଭାବ ପକାଏ। କେତେ ବର୍ଷ ଅନ୍ତରରେ ପ୍ରବାହିତ ହେଉଥିବା ଏଲ୍ନିନୋ ସମୁଦ୍ର ସ୍ରୋତ ମଧ ଜଳବାୟୁକୁ ବଦଳାଏ। ଅନେକ ସମୟରେ ବାଣିଜ୍ୟ ବାୟୁ ଦୁର୍ବଳ ହୁଏ ଏବଂ ତାପମାତ୍ରା ଓ ବୃଷ୍ଟିପାତ ବ୍ୟବସ୍ଥା ବଦଳେ। ଏହାକୁ ଦକ୍ଷିଣ ଅସିଲେସନ୍ କହନ୍ତି। ଏହା ପୃଥିବୀର ଜଳବାୟୁକୁ ବଦଳାଏ।

ବୈଜ୍ଞାନିକମାନଙ୍କ ସବୁଠାରୁ ବଡ଼ ଚିନ୍ତା ହେଉଛି ବିଶ୍ୱର ବରଫ ତରଳିବା ହେତୁ ସମୁଦ୍ରର ଜଳ ସ୍ତର ବୃଦ୍ଧି। ପୃଥିବୀର ପ୍ରାକୃତିକ ଓ ଆଭ୍ୟନ୍ତରୀଣ ଉତ୍ତାପ ଗ୍ଲେସିୟରର ତରଳିବା ହାର ବୃଦ୍ଧି କରିବାରେ ସହାୟକ ହେଉଛି। ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପମାତ୍ରା ପାଇଁ ମାନବ କାର୍ଯ୍ୟକଳାପ ମୁଖ୍ୟତ ଦାୟୀ ବୋଲି ବିବେଚନା କରାଯାଏ। କିନ୍ତୁ ଏହାକୁ ପ୍ରଭାବିତ କରୁଥିବା ପ୍ରାକୃତିକ କାରଣ ମଧ ଅଛି। ବର୍ତ୍ତମାନ, ଜଳବାୟୁରେ ସବୁଠାରୁ ବଡ଼ ଚିନ୍ତା ହେଉଛି ବିଶ୍ୱର ବରଫ ତରଳିବା ହେତୁ ସମୁଦ୍ରର ଜଳ ସ୍ତର ବୃଦ୍ଧି। ଏଥିରେ ସବୁଠାରୁ ବଡ଼ ବିପଦ ହେଉଛି ପଶ୍ଚିମ ଆଣ୍ଟାର୍କଟିକାର ବରଫ ସିଟ୍ ନିକଟରେ ଥ୍ୱାଇଟ୍ ଗ୍ଲେସିୟର ତରଳିବା। ଏକ ରିପୋର୍ଟ ଅନୁଯାୟୀ, ୧୯୮୦ ଦଶକରୁ ଏହି ଗ୍ଲେସିୟର ୫୯୫ବିଲିୟନ ଟନ ବରଫ ହରାଇଛି। ତେଣୁ ବୈଜ୍ଞାନିକମାନେ ଏହି ଗ୍ଲେସିୟରର ତରଳିବା ବରଫର ପ୍ରତ୍ୟେକ ଇଞ୍ଚ ଉପରେ ନଜର ରଖିଛନ୍ତି। ବୈଜ୍ଞାନିକ ମାନେ ମଧ ଏହି ଗ୍ଲେସିୟର ତରଳିବାର କାରଣଗୁଡ଼ିକ ବିଷୟରେ ଅଧ୍ୟୟନରୁ ସୂଚନା ପାଇଛନ୍ତି ଓ ଏହାକୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ମଧ ଖୋଜୁଛନ୍ତି। ତଥାପି, ବିଶ୍ୱର ସମସ୍ତ ବୈଜ୍ଞାନିକ ବିଶ୍ୱାସ କରନ୍ତି ଯେ ବିଶ୍ୱ ତାପମାତ୍ରାରେ ଆନ୍ଥ୍ରୋପୋଜେନିକ କାର୍ଯ୍ୟର ଭୂମିକାକୁ ଅଣଦେଖା କରାଯାଇପାରିବ ନାହିଁ।

ନୂତନ ଅଧ୍ୟୟନରୁ ଜଣାପଡ଼ିଛି ଯେ ପୃଥିବୀର ପ୍ରାକୃତିକ ଓ ଆଭ୍ୟନ୍ତରୀଣ ଉତ୍ତାପ ମଧ ଏହି ଗ୍ଲେସିୟରର ତରଳିବା ହାର ବୃଦ୍ଧି କରିବାରେ ସହାୟକ ହେଉଛି। ଏହି ଗ୍ଲେସିୟରକୁ ଡୁମସଡେ ଗ୍ଲାସିଅର କୁହାଯାଏ। ୧୯୨ ହଜାର ବର୍ଗ କିଲୋମିଟର ଉପରେ ବ୍ୟାପିଥିବା ଏହି ଗ୍ଲେସିୟର ତରଳିବା ପାଇଁ ଜଳବାୟୁ ବୈଜ୍ଞାନିକମାନେ ବହୁତ ଚିନ୍ତିତ ଓ ଏହା ଉପରେ ବିଶେଷ ଗବେଷଣା କରୁଛନ୍ତି। କାରଣ ଏହାର ଜଳ ପୃଥିବୀର ଅନେକ ଉପକୂଳବର୍ତ୍ତୀ ଅଞ୍ଚଳରେ ଜଳମଗ୍ନ କରିବାର କ୍ଷମତା ଅଛି। ଏହି ଗବେଷଣାରେ ବୈଜ୍ଞାନିକମାନେ ଏହି ଗ୍ଲେସିୟର ଉପରେ ବିଶ୍ୱ ତାପମାତ୍ରା ବ୍ୟତୀତ ପୃଥିବୀର ଆଭ୍ୟନ୍ତରୀଣ ଉତ୍ତାପର ଦ୍ରୁତ ପ୍ରଭାବ ଜାଣିବାକୁ ପାଇଛନ୍ତି। ବୈଜ୍ଞାନିକମାନେ ବହୁ ପୂର୍ବରୁ ସନ୍ଦେହ କରୁଥିଲେ ଯେ ପୃଥିବୀର ପ୍ରାକୃତିକ ଉତ୍ତାପ ଏହି ଅଞ୍ଚଳର ପୃଷ୍ଠକୁ ସ୍ପର୍ଶ କରୁଛି। ଏହା ସମ୍ଭବତଃ ପଶ୍ଚିମ ଆଣ୍ଟାର୍କଟିକା, ଯେଉଁଥିରେ ଥ୍ୱାଇଟ ଅନ୍ତର୍ଭୁକ୍ତ, ଏକ ଟେକ୍ଟୋନିକ ପ୍ଲେଟରେ ଅଛି ଯାହା ପୂର୍ବ ଆଣ୍ଟାର୍କଟିକାଠାରୁ ବହୁତ ପତଳା ଓ ବହୁତ ସାନ ଅଟେ। ପଶ୍ଚିମ ଆଣ୍ଟାର୍କଟିକାର ଭୂତଳ ମାତ୍ର ୧୭ ରୁ ୨୫ କିଲୋମିଟର ମୋଟା ହୋଇଥିବାବେଳେ ପୂର୍ବ ଭାଗ ୪୦ ମିଟର ମୋଟା। ଏହି କାରଣରୁ, ଆଣ୍ଟାର୍କଟିକାର ଅନେକ ଭୂମି ସମୁଦ୍ର ପତ୍ତନଠାରୁ ଦୁଇ କିଲୋମିଟର ତଳେ ଆରମ୍ଭ ହୁଏ। ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ୧୭ ରୁ ୨୫ କିଲୋମିଟର ମୋଟା ମଧ୍ୟରେ ପୃଥିବୀର ଭୂତଳ ୧୫୦ ମିଲିୱାଟ ବର୍ଗ ଧାରଣ କରିଥାଏ। ଜିଓଟର୍ମାଲ ଉତ୍ତାପ ପ୍ରତି ମିଟର ପ୍ରବାହିତ ହୋଇପାରେ। ତେଣୁ ଏହା ଗ୍ଲେସିୟରର ତରଳିବାର ହାର ବଢ଼ାଇ ପାରେ। ଗ୍ଲେସିୟର ତଳେ ଥିବା ତାପମାତ୍ରା ଅନେକ କାରଣ ଉପରେ ନିର୍ଭର କରେ ଯେପରିକି ଜମି କେତେ କଠିନ, ଏଥିରେ କେତେ କଠିନ ପଥର କିମ୍ବା ଜଳ ଅବସାଦ ରହିଛି। ଜଳ ଉତ୍ତାପର ଏକ ଭଲ କଣ୍ଡକ୍ଟର ଭାବରେ କାର୍ଯ୍ୟ କରେ। କିନ୍ତୁ ଏହା ଗ୍ଲେସିୟରରେ ପହଞ୍ଚିବା ପୂର୍ବରୁ ଉତ୍ତାପ ବିସ୍ତାର କରେ। ବିଗତ କିଛି ଦଶନ୍ଧି ମଧ୍ୟରେ ବରଫ ତରଳିବାର ସ୍ତର ଉପରେ ଅନେକ ଗବେଷଣା ଚେତାବନୀ ଦେଇଛି। ଯେତେବେଳେ ଏହି ଗ୍ଲେସିୟର ତରଳିଯାଏ, ଏହା ବିଶ୍ୱର ଅନେକ ଛୋଟ ଦ୍ୱୀପ ଓ ଉପକୂଳବର୍ତ୍ତୀ ଅଞ୍ଚଳକୁ ବୁଡ଼ାଇବାର କ୍ଷମତା ରଖିଥାଏ।

ପୃଥିବୀରେ ପ୍ରଥମେ ହିମ ବା ବରଫ ଯୁଗ ଥିଲା। ଯେତେବେଳେ ଥଣ୍ଡା ଜଳବାୟୁ ଯୋଗୁଁ ପୃଥିବୀର ଅଧିକାଂଶ ଭାଗ ବରଫ ଆଚ୍ଛାଦିତ ଥିଲା। ତା'ପରେ ଉଷ୍ଣ ଯୁଗ ଆସିଲା। ତା'ପରେ ପୁଣି ବରଫ ଯୁଗ ଆସିଲା। ନିୟୁତ ନିୟୁତ ବର୍ଷ ଧରି ଏଭଳି ଭାବରେ ପୃଥିବୀର ଜଳବାୟୁ ଚାଲୁଛି। ଲମ୍ବା ହିମ ବା ବରଫ ଯୁଗ ଏବଂ ତାପରେ ସ୍ୱଳ୍ପ ଉଷ୍ଣ ଯୁଗ। ବରଫ ଯୁଗ ପରେ ମଧ ତାପମାତ୍ରା ବଦଳେ। ବୈଜ୍ଞାନିକମାନେ ମତପୋଷଣ କରନ୍ତି ଯେ, ପୃଥିବୀର ଜଳବାୟୁ ବରାବର ବଦଳେ। ଯେତେବେଳେ ପୃଥିବୀଉ ସୂର୍ଯ୍ୟରୁ ଆସୁଥିବା ଉତ୍ତାପ କମିଯାଏ, ସେତେବେଳେ ହିମ ଯୁଗ ଆସେ। ଏହାର କାରଣ ହେଲା ପୃଥିବୀର ଅକ୍ଷ ବେଶି ଢଳିବା, ପୃଥିବୀର ଘୂର୍ଣ୍ଣନର ପରିବର୍ତ୍ତନ ହୀବା ଏବଂ ପୃଥିବୀର ପରିକ୍ରମା କକ୍ଷ ଲମ୍ବାକୃତି ହେବା। ବର୍ତ୍ତମାନ ୨୯୦ ନିୟୁତ ବର୍ଷ ପୂର୍ବେ ଥିବା ପୃଥିବୀର ହିମ ଯୁଗର ସନ୍ଧାନ ମିଳିଅଛି। ଗତ ୨ ନିୟୁତ ବର୍ଷ ମଧ୍ୟରେ ଚାରୋଟି ବୃହତ ବରଫ ଯୁଗ ଅତିବାହିତ ହୋଇଛି। ବରଫ ଯୁଗ କାଳରୁ ଉତ୍ତର ଓ ଦକ୍ଷିଣ ମେରୁରେ ବରଫମାନ ରହିଅଛି। ବିଗତ ବରଫ ଯୁଗରେ ପୃଥିବୀରେ ବିରାଟକାୟ ଲୋମଭରା ଜନ୍ତୁମାନେ ଥିଲେ। ହାତୀ ସେ ସମୟରେ ବିରାଟ ଲୋମକାୟ ଜନ୍ତୁ ଥିଲା। ୬୫ ନିୟୁତ ବର୍ଷ ପୂର୍ବେ ଜଳବାୟୁ ପରିବର୍ତ୍ତନ ହେବା ଫଳରେ ବିରାଟକାୟ ଡାଇନୋସରସ୍ ଭଳି ଜନ୍ତୁମାନେ ମରିଗଲେ। ସେହିପରି ୧୪୦ ନିୟୁତ ବର୍ଷ ପୂର୍ବେ ଥିବା ସାପ ଓ ଝିଟିପିଟି ଜାତୀୟ ବିରାଟକାୟ ଜୀବ ଲୋପ ପାଇଲେ।

ପୃଥିବୀରେ ଯେତେ ସବୁ ସମସ୍ୟା ସୃଷ୍ଟି ହେଉଛି ତାର ମୂଳରେ ହିଁ ମଣିଷ। ଏକଥା କହିବା ଅନାବଶ୍ୟକ ଯେ ମଣିଷ ହିଁ ସମସ୍ୟା ସୃଷ୍ଟି କରେ ଓ ତା'କୁ ସମାଧାନ କରିବାକୁ ଚେଷ୍ଟାକରେ ମାତ୍ର ସେ ଭାବି ପାରିନଥାଏ ଯେ ସବୁ ସମସ୍ୟାର ସମାଧାନ ତା'ହାତରେ ନାହିଁ ବୋଲି ? ଏଭଳି ମନୁଷ୍ୟକୃତ କାରଣ ମାନଙ୍କ ମଧ୍ୟରୁ ଜଳବାୟୁ ପରିବାର୍ତ୍ତନର ମୁଖ୍ୟଭୂମିକା ଗ୍ରହଣ କରିଥିବା କାରକ ହେଉଛି ପରିବେଶ ପ୍ରଦୂଷଣ ଓ ତତ୍ ଜନିତ ସବୁଜଗୃହ ବାଷ୍ପ। ଯେଉଁ ଯେଉଁ ଉତ୍ପତ୍ତିସ୍ଥଳରୁ ଏହି ଗ୍ୟାସ ସମୂହ ବାହାରୁଛି ତାହାର ମୁଖ୍ୟ ପ୍ରଯୋଜକ ହିଁ ମଣିଷ। ମଣିଷ ମାନେ ପ୍ରତିଦିନ ଏହି ଗ୍ୟାସ ବୃଦ୍ଧିରେ ସହାୟକ ହେଉଛନ୍ତି। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ, ମିଥେନ, ନାଇଟ୍ରସ ଅକ୍ସାଇଡ ଆଦି ସବୁଜଗୃହ ପ୍ରଭାବ ସୃଷ୍ଟିକାରୀ ଗ୍ୟାସର ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଶିଳ୍ପ ବିପ୍ଳବ ପରଠାରୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ପରିମାଣ ୩୦ ପ୍ରତିଶତ ବୃଦ୍ଧି ପାଇଛି। ଆମେରିକା, ଋଷ, ଚୀନ, ଜାପାନ ଓ ଭାରତ ବିଶ୍ୱରେ ସବୁଠାରୁ ଅଧିକଗୃହ ଗ୍ୟାସ ସୃଷ୍ଟି କରୁଛନ୍ତି। ଏହି ଗ୍ୟାସ ଯୋଗୁଁ ବାୟୁମଣ୍ଡଳୀୟ ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାରିବାରେ ଲାଗିଛି। ଏହାର ପ୍ରଭାବ ଯୋଗୁଁ ଶୀତଦିନେ ମଧ ତାପମାତ୍ରା ଯଥେଷ୍ଟ ଉଚ୍ଚରେ ରହୁଛି। ଏସବୁ କୁ ନିରୀକ୍ଷା କଲେ ଜଣାଯାଏ ଯେ ଏହି ହିମ ପର୍ବତର ତରଳିବା ତିବ୍ରତା କୁ ଯଦି ରୋକା ନ ଯିବ ତେବେ ଏ ପୃଥିବୀର ପ୍ରଳୟ ଆସିବାକୁ କେହି ରୋକି ପାରିବେ ନାହିଁ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୯୯୩୮୯୦୬୦୭୦




## ହେ ସମୟ

**ଭାବଗ୍ରାହୀ ମେହେର**

ହେ ସମୟ...
ତୁମେ ଅଟକି ଗଲକି
ନା ତୁମ ପାଦରେ ସିକୁଳି ବନ୍ଧା
ପଡିଛି
ନା ଅଳସୁଆମୀକୁ ଆପଣେଇ
ନେଲ ?

ଆଜିକାଲି ତୀବ୍ର ଗତିରେ
ଦୌଡ଼ିବା ବୋଧେ ବନ୍ଦ
କରିଦେଇଛ...
ଦିନ ଥିଲା
ତୁମକୁ ଯେତେ ଅଟକେଇଲେ ମଧ
ଅଟକିବାର ନାମ ନଉନ ଥିଲ ।।

ହେଲେ ଆଜିକାଲି କୁମ୍ଭକର୍ଣ୍ଣ
ପାଲଟି ଯାଇଛ ବୋଧେ
ଶୋଇପଡିଛ ଗାଢ଼ ନିଦ୍ରାରେ
ଉଠିବାକୁ ପ୍ରୟାସ ବି କରୁନ ।।

+କଁସିଲ, ବଙ୍ଗୋମୁଣ୍ଡା, ବଲାଙ୍ଗୀର
ମୋ - ୯୭୭୭୫୦୬୪୮୩



## ତାଙ୍କରି ଇଚ୍ଛାରେ

**ନିରୁପମା ପଣ୍ଡା**

ଦେଇଥାନ୍ତି ଯାହା ଆମକୁ ଠାକୁର
ତାହା ଆମ ପାଇଁ ଶୁଭ
ଦେଇଛନ୍ତି ସେହି କର୍ମ ବଳେ ବାଣ୍ଟି
ଅଧିକ ରେ ନାହିଁ ଲାଭ ॥

ମୁଣ୍ଡ ଗୁଞ୍ଜିବାକୁ ଚାଳ ଖଣ୍ଡେ ଅଛି
ଦାନ ମିଳୁଛି ପେଟକୁ
ଅଧିକ ଆଶାରେ କଷ୍ଟ ଦୁଃଖ ଅଛି
ନ ଦେଖିବା ଉପରକୁ ॥

ଯାହା ଦେଇଛନ୍ତି ସ୍ୱୀକାର କରିଣ
ସୁଖେ ଜୀବନ କାଟିବା
କାହାରି ଅନିଷ୍ଟ କିମ୍ବା ଲାଂଛ ନେଇ
ଅଟ୍ଟାଳିକା ନ ଗଢ଼ିବା ॥

ନିଷ୍ଠା ନୀତି ଆଉ ନିୟମେ ଚାଲିବା
ଜୀବନେ ସୁଖ ଭରିବ
ପରୋଉପକାର ଜୀବନେ କରିଲେ
ମୁକତି ନିଶ୍ଚେ ମିଳିବ ॥

ଜୀବନ ଡଙ୍ଗାକୁ ସେ କଳା ନାଉରି
ବାହି ନିଏ ତା ଇଚ୍ଛାରେ
ମନ ଜାଣି ଫଳ କେମିତି ମିଳିବ
ବହୁ ଦୁଃଖୀ ଏ ସଂସାରେ ॥

ରହିବାକୁ ନାହିଁ ଚାଳ ଘରଟିଏ
ଖାଇବାକୁ ନାହିଁ ଦାନା
ରାସ୍ତା କଡ଼ରେ ବି ଜୀବନ କଟୁଛି
ଏହି ବିହି ବିଡମ୍ବନା ॥

ଭୋକିଲା ପେଟରେ ଲୁହ ଝରିଯାଏ
ଆଖି ଲୁହ ପିଏ ଆଖି
ଏମିତି ଯନ୍ତ୍ରଣା ଆମର ନାହିଁତ
ଦୟାଳୁ ସେ ଚକାଆଖି ॥

କିଏ ଭିକ ମାଗି ପୋଷଇ କୁଟୁମ୍ବ
କିଏ ଖଟେ ପର ଘରେ
କିଏ ହୋଇଯାଏ ରୋଗଗ୍ରସ୍ତ ପୁଣି
ଗୋଡ଼ ହାତ ଅଚଳରେ ॥

କାହାର ରହିଛି ଅଚଳ ସମ୍ପତ୍ତି
ଖାଇବାକୁ କେହି ନାହିଁ
କେହି ପୁଣି ସବୁ ଥାଇ କାନ୍ଦୁଥାଇ
ସନ୍ତାନ ସୁଖ ନ ପାଇ ॥

ତାଙ୍କ କରୁଣା ରୁ ଯେତିକି ମିଳିଛି
ସୁଖି ରହିବା ସେଥିରେ
ଭଲ କର୍ମ କରି ଯଶ ରଖିଯିବା
ଅମର ହେବା ମହିରେ ॥

+ଆଳି, କେନ୍ଦ୍ରାପଡା

# ସୁଶାନ୍ତ ସିଂହଙ୍କ ମୃତ୍ୟୁ ମାମଲାର ପୁଣିଥରେ ହେବ ତଦନ୍ତ



ଲୋକପ୍ରିୟ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ମାମଲାର ପୁଣି ଥରେ ତଦନ୍ତ ହେବ। ଏହି ନିଷ୍ପତ୍ତି ନେଇଛନ୍ତି ମହାରାଷ୍ଟ୍ର ସରକାର । ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ମାମଲାକୁ ନେଇ ବିଜେପି ବିଧାୟକ ରାମ କଦମ ଅଭିଯୋଗ କରି କହିଛନ୍ତି,'ଉଦ୍ଧବ ଠାକରେ ସରକାର ୬୮ ଦିନ ପର୍ଯ୍ୟନ୍ତ ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ମାମଲାକୁ ସିବିଆଇକୁ ହସ୍ତାନ୍ତର କରି ନଥିଲା। ଯେତେବେଳେ ସୁଶାନ୍ତ ସିଂହଙ୍କ ଘରର ଫର୍ଣ୍ଣିଚର କାଢ଼ିଦିଆଗଲା, ଘରଟି ରଙ୍ଗ କରାଗଲା, ଘରଟି ପୁରୁଣା ମାଲିକଙ୍କୁ ହସ୍ତାନ୍ତର କରାଗଲା ସେତେବେଳେ ଯାଇ ମାମଲା ସିବିଆଇକୁ ହସ୍ତାନ୍ତର ହେଲା। ସେ ସମୟରେ ଯାଞ୍ଚ ପାଇଁ ବିହାରରୁ ଆସିଥିବା ପୁଲିସକୁ ତଦନ୍ତ କରିବାକୁ ଅନୁମତି ଦିଆଗଲା ନାହିଁ। ଏଥିରୁ ସ୍ପଷ୍ଟ ହୋଇଯାଉଛି ଯେ ଉଦ୍ଧବ ଠାକରେଙ୍କ ସରକାର ପ୍ରମାଣ ନଷ୍ଟ କରିବାର ଦୁସାହସ କରିଥିଲା। ନିକଟରେ ଏହି ମାମଲାରେ ସିବିଆଇ ଏକ କ୍ଲୋଜର ରିପୋର୍ଟ ଦାଖଲ କରିଛି। ଯେଉଁଥିରେ କୁହାଯାଇଛି ଯେ ଅଭିନେତାଙ୍କ ମୃତ୍ୟୁର କାରଣ ଜୀବନ ହାରିବା ହେତୁ ହୋଇଥିଲା। କେହି ତାଙ୍କୁ ଏଥିପାଇଁ ଉସୁକାଇ ନଥିଲେ। ସୁଶାନ୍ତ ସିଂହ ରାଜପୁତଙ୍କ ପରିବାରକୁ ଆଜି ପର୍ଯ୍ୟନ୍ତ ନ୍ୟାୟ ମିଳିଲା ନାହିଁ। ସିବିଆଇ ନ୍ୟାୟପାଳିକା ସମ୍ମୁଖରେ କ୍ଲୋଜର ରିପୋର୍ଟ ଉପସ୍ଥାପନ କରିଛନ୍ତି। ତେବେ ଆରୁଷିଙ୍କ ମାମଲାରେ ଯେଉଁଭଳି ଭାବରେ ଉପସ୍ଥାପନ ହୋଇଥିବା କ୍ଲୋଜର ରିପୋର୍ଟକୁ ନ୍ୟାୟପାଳିକା ଗ୍ରହଣ କରି ନଥିଲେ ସେହିପରି ପୁଣିଥରେ ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ମାମଲାରେ ତଦନ୍ତ କରାଯିବା ଉଚିତ।

# ଯେତିକି ଦିନ ଲେଖାଥିବ, ସେତିକି ଦିନ ବଞ୍ଚିବି; ଲରେନ୍ସର ଧମକକୁ ନେଇ ସଲମାନଙ୍କ ପ୍ରତିକ୍ରିୟା




ବଲିଉଡ ସୁପରଷ୍ଟାର ସଲମାନ ଖାନଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ସିକନ୍ଦର' ରିଲିଜ୍ ହେବାକୁ ଯାଉଛି। ଏହି ଫିଲ୍ମରେ ରଶ୍ମିକା ମନ୍ଦନା ସଲମାନ ଖାନଙ୍କ ସହ ପରଦାରେ ରୋମାନ୍ସ କରୁଥିବାର ନଜର ଆସିବେ। 'ସିକନ୍ଦର' ରିଲିଜ୍ ହେବା ପୂର୍ବରୁ, ସଲମାନ ଖାନ କୁଖ୍ୟାତ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗରୁ ତାଙ୍କୁ ମିଳୁଥିବା ଲଗାତାର ହତ୍ୟା ଧମକ ଉପରେ ନିଜର ନୀରବତା ଭାଙ୍ଗିଛନ୍ତି। ଗତ କିଛି ମାସ ମଧ୍ୟରେ, ସଲମାନଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗରୁ ଅନେକ ହତ୍ୟା ଧମକ ମିଳିଛି। ଅକ୍ଟୋବର ୨୦୨୪ରେ, ସଲମାନ ଖାନଙ୍କ ଘନିଷ୍ଠ ବନ୍ଧୁ ଏବଂ ଏନସିପି ନେତା ବାବା ସିଦ୍ଦିକିଙ୍କୁ ବିଷ୍ଣୋଇ ଗ୍ୟାଙ୍ଗ ଟାର୍ଗେଟ କରିଥିବା ଅଭିଯୋଗ ହୋଇଥିଲା। ତାଙ୍କ ଜୀବନ ପ୍ରତି ବିପଦ ସତ୍ତ୍ୱେ, ସଲମାନ ଏହାକୁ ତାଙ୍କ ବୃତ୍ତିଗତ ଜୀବନ ଉପରେ ପ୍ରଭାବ ପକାଇବାକୁ ଦେଇନାହାନ୍ତି। ଏତେ ଥର ହତ୍ୟା ଧମକ ମିଳିବା ପରେ ନିଜ ସୁରକ୍ଷାକୁ ନେଇ ସେ ଚିନ୍ତିତ କି ନାହିଁ ବୋଲି ଏକ ସାକ୍ଷାତକାରରେ ପଚରାଯିବାରୁ ସଲମାନ କହିଛନ୍ତି ଯେ, 'ଭଗବାନ, ଆଲ୍ଲା ସମସ୍ତେ ଉପରେ। ଯେତିକି ଦିନ ଲେଖାଥିବ, ସେତିକି ଦିନ ବଞ୍ଚିବି। ବେଳେବେଳେ ଆମକୁ ଏତେ ଲୋକଙ୍କୁ ସାଙ୍ଗରେ ନେବାକୁ ପଡ଼ିଥାଏ, ସେଇଟା ହିଁ ସମସ୍ୟା।' ଉଲ୍ଲେଖଯୋଗ୍ୟ, ଗତ ତିନି ବର୍ଷ ଧରି ସଲମାନ ଖାନ ଏବଂ ତାଙ୍କ ପରିବାର ଓ ବନ୍ଧୁମାନଙ୍କ ଉପରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ନଜର ରଖୁଛି।

ପୂର୍ବରୁ, ସଲିମ ଖାନ ତାଙ୍କ ସକାଳ ଚାଲିବା ସମୟରେ ଏକ ଧମକପୂର୍ଣ୍ଣ ଚିଠି ପାଇଥିଲେ। ତା'ପରେ ସଲମାନଙ୍କ ଘର ଏବଂ ଫାର୍ମ ହାଉସ୍ ରେକି କରାଯାଇଥିଲା ଏବଂ ସଲମାନଙ୍କ ଘର ଉପରେ ଗୁଳିଚାଳନା କରାଯାଇଥିଲା। ଏହି ଘଟଣାଗୁଡ଼ିକ ଦ୍ୱାରା ସୁପରଷ୍ଟାରଙ୍କ ପରିବାର ଏବେ ଭୟଭୀତ ଅଛନ୍ତି।

# ଘର ଆଗରେ ଐଶ୍ୱର୍ଯ୍ୟାଙ୍କ କାରକୁ ଧକ୍କା ଦେଲା ବସ୍

ଦୁର୍ଘଟଣାର ଶିକାର ହୋଇଛି ନୀଳନୟନା ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ କାର। ବୁଧବାର ଦିନ ମୁମ୍ବାଇର ଜୁହୁ ଉପନଗରରେ ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ବିଳାସମୟ ଗାଡ଼ି ସହ ଏକ ବସ୍ ଧକ୍କା ହୋଇଥିବା ଜାଣିବାକୁ ମିଳିଛି। ଜଣେ ଅଧିକାରୀ କହିଛନ୍ତି ଯେ ଦୁର୍ଘଟଣାରେ କେହି ଆହତ ହୋଇ ନାହାଁନ୍ତି। ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ବ୍ରିହନମୁମ୍ବାଇ ଇଲେକ୍ଟ୍ରିକ୍ ସପ୍ଲାଏ ଆଣ୍ଡ୍ ଟ୍ରାନ୍ସପୋର୍ଟ (ବିଇଏସ୍‌ଟି) ଉପକ୍ରମର ସର୍ବବ୍ୟାପୀ ଲାଲ ବସ୍ ପଛରେ ଥିବା କାର ଦେଖାଯାଉଛି। ସୂତ୍ର ପଛରୁ ବସ୍ ଧକ୍କା ଦେବା ସମୟରେ ଐଶ୍ୱର୍ଯ୍ୟା କାର ଭିତରେ ନଥିଲେ। ଭିଡିଓରେ ଦେଖାଯାଉଛି ଯେ ବସ୍ ଧକ୍କା ଯୋଗୁ କୌଣସି ବଡ଼ କ୍ଷତି ହୋଇ ନଥିଲା। ବସ୍‌ଟି କିଛି ସମୟ ପରେ ଦ୍ରୁତ ଗତିରେ ଚାଲିଯାଇଥିଲା। ଦୁର୍ଘଟଣା ପରେ, ଜୁହୁ ତାରା ରୋଡ୍ ସ୍ଥିତ ମେଗାଷ୍ଟାର ଅମିତାଭ ବଚ୍ଚନଙ୍କ ବାସଭବନ ନିକଟରେ ଥିବା ଏକ ବଙ୍ଗଳାରୁ ଜଣେ ବାଉନ୍ସର (ଏକ ପ୍ରକାରର ସୁରକ୍ଷା କର୍ମୀ) ବାହାରି ଆସି ବସ୍ ଡ୍ରାଇଭରଙ୍କୁ ଚାପୁଡ଼ା ମାରିଥିଲେ ବୋଲି ଜଣେ ଅଧିକାରୀ କହିଛନ୍ତି। ଅଧିକାରୀଙ୍କ ଅନୁଯାୟୀ, ବସ୍‌ଟି ଜୁହୁ ଡିପୋରୁ ବାହାରି ଅମିତାଭ ବଚ୍ଚନଙ୍କ ବାସଭବନ ନିକଟରେ ପହଞ୍ଚିବା ମାତ୍ରେ ଏହା କାରକୁ ଧକ୍କା ଦେଇଥିଲା।

# ସୁପରଷ୍ଟାରଙ୍କୁ ଭେଟିବା ଉଦ୍ୟମ କରି ପୁଲିସ୍‌ଠୁ ମାଡ଼ ଖାଇଲେ

ସୁପରଷ୍ଟାର ଶାହରୁଖଙ୍କ ପ୍ରଶଂସକଙ୍କ ଉପରେ ପଡ଼ିଛି ପୁଲିସ୍‌ର ମାଡ଼। ଘଟଣାଟି ହେଉଛି ଗତ ଶନିବାରର। ସୁରକ୍ଷା ଭାଙ୍ଗି ସୁପରଷ୍ଟାରଙ୍କୁ ଭେଟିବାକୁ ଚେଷ୍ଟା କରିଥିବା ଜଣେ ଶାହରୁଖ ଖାନଙ୍କ ପ୍ରଶଂସକଙ୍କୁ ଧରି ପୁଲିସ୍ ବାଡ଼େଇଥିବା ଜାଣିବାକୁ ମିଳିଛି।

ମାର୍ଚ୍ଚ ୨୨ ତାରିଖ (ଶନିବାର) କୋଲକାତାର ଇଡେନ୍ ଗାର୍ଡେନ୍ସରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ମଧ୍ୟରେ ଆଇପିଏଲ୍ ୨୦୨୫ର ଉଦଘାଟନୀ ମ୍ୟାଚ୍ ସମୟରେ ଏହି ଘଟଣା ଘଟିଥିଲା।

ସମ୍ପୂର୍ଣ୍ଣ ଘଟଣାର ଏକ ଭିଡିଓ ଏବେ ଭାଇରାଲ ହୋଇଛି। କ୍ଲିପରେ ଦେଖାଯାଇଛି ଯେ ଜଣେ ପ୍ରଶଂସକ ଷ୍ଟାଣ୍ଡରେ ଥିବା ବଲିଉଡ୍ ଆଇକନଙ୍କୁ ଭେଟିବା ପାଇଁ ଉଚ୍ଚ ବାଡ଼ ଚଢ଼ିବାକୁ ଚେଷ୍ଟା କରୁଛନ୍ତି। ତାଙ୍କୁ ପୁଲିସ ଏବଂ ସମ୍ପୃକ୍ତ କର୍ତ୍ତୃପକ୍ଷ ତୁରନ୍ତ ଟାଣି ଆଣିଥିଲେ। ଯେଉଁମାନେ ତାଙ୍କୁ ମାଡ଼ ମାରିବା ପୂର୍ବରୁ ତାଙ୍କର କଲର ଧରିଥିଲେ।




ଦେଢ଼ ଦଶନ୍ଧି ଧରି ଭାରତୀୟ କ୍ରିକେଟ୍‌ର ଅନ୍ୟତମ ପରିଚୟ ପାଲଟିଥିବା ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)ର ଆଉ ଏକ ସଂସ୍କରଣ ଶନିବାରଠାରୁ ଆରମ୍ଭ ହୋଇଥିଲା। ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ଚାଲିବାକୁ ଥିବା ଏହି ଲୋଭନୀୟ ଲିଗ୍ କୋଲକାତାର ଐତିହାସିକ ଇଡେନ୍ ଗାର୍ଡେନ୍ସରୁ ଆରମ୍ଭ ହୋଇ ସେହିଠାରେ ମେ' ୨୫ ତାରିଖରେ ଶେଷ ହେବ। ୨୦୦୮ ମସିହାର ପ୍ରଥମ ସଂସ୍କରଣ ପରଠାରୁ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ପ୍ରଥମ ଥର ଏକ ଉଦ୍‌ଘାଟନୀ ମ୍ୟାଚ୍‌ରେ ମୁକାବିଲା କରିଥିଲେ।

# ପ୍ରତୀକଙ୍କୁ ଜନ୍ମଦେବାର ୧୫ ଦିନ ପରେ ଚାଲିଯାଇଥିଲେ ସ୍ମିତା

ବଲିଉଡର ଦିବଂଗତ ଅଭିନେତ୍ରୀ ସ୍ମିତା ପାଟିଲ ଇଣ୍ଡଷ୍ଟ୍ରିର ଜଣେ ପ୍ରତିଭାଶାଳୀ ଅଭିନେତ୍ରୀ ଥିଲେ। କିନ୍ତୁ ସେ ବହୁତ କମ୍ ବୟସରେ ଏହି ଦୁନିଆ ଛାଡି ଚାଲିଯାଇଥିଲେ । ସ୍ମିତା ତାଙ୍କ ଶେଷ ଦିନଗୁଡ଼ିକରେ ବହୁତ କଷ୍ଟ ପାଇଥିଲେ। ତାଙ୍କର ଅବସ୍ଥା ଭଲ ନଥିଲା। ସ୍ମିତା ୧୩ ଡିସେମ୍ବର ୧୯୮୬ରେ ୩୧ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ। ୧୫ ଦିନ ପୂର୍ବେ ସେ ପୁଅ ପ୍ରତୀକଙ୍କୁ ଜନ୍ମ ଦେଇଥିଲେ। କିନ୍ତୁ ପୁଅ ଜନ୍ମ ସମୟରେ ଅନେକ ଜଟିଳତା ଦେଖାଦେଲା। ଡିସେମ୍ବର ୧୨ ତାରିଖରେ ସ୍ମିତାଙ୍କ ଅବସ୍ଥା ଆହୁରି ଖରାପ ହୋଇଯାଇଥିଲା ବୋଲି ରିପୋର୍ଟ ଆସିଥିଲା। ତାଙ୍କ ମୁହଁ ହଳଦିଆ ପଡ଼ିଯାଇଥିଲା ଏବଂ ସେ ବାନ୍ତି କରୁଥିଲେ। ଏହା ପରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା ଏବଂ ସେ କୋମାକୁ ଚାଲିଯାଇଥିଲେ। ତାଙ୍କର ୧୩ ଡିସେମ୍ବରରେ ମୃତ୍ୟୁ ହୋଇଥିଲା। ସ୍ମିତାଙ୍କ ଶେଷ ଇଚ୍ଛା ଥିଲା ତାଙ୍କ ଅନ୍ତିମ ସଂସ୍କାର ଏକ ବଧୂ ପରି କରାଯାଉ। ତାଙ୍କ ମୃତ୍ୟୁ ପରେ, ତାଙ୍କର ଇଚ୍ଛା ପୂରଣ ହୋଇଥିଲା ଏବଂ ତାଙ୍କୁ ବଧୂ ପରି ସଜାଯାଇଥିଲା। ଉଲ୍ଲେଖ ଥାଉ କି ଯେ ସ୍ମିତା ଏବଂ ରାଜଙ୍କ ପ୍ରେମ କାହାଣୀ ବହୁତ ଚର୍ଚ୍ଚାରେ ଥିଲା। ସ୍ମିତା ପାଟିଲ ୧୯୮୫ ମସିହାରେ ରାଜ ବବରଙ୍କୁ ବିବାହ କରିଥିଲେ। ରାଜ ପୂର୍ବରୁ ବିବାହିତ ଥିଲେ ଏବଂ ଦୁଇଟି ସନ୍ତାନର ପିତା ଥିଲେ। ରାଜ ସ୍ମିତାଙ୍କ ପାଇଁ ତାଙ୍କ ପ୍ରଥମ ସ୍ତ୍ରୀ ନାଦିରାଙ୍କୁ ଛାଡି ଦେଇଥିଲେ। ତଥାପି, ସେମାନଙ୍କର ଛାଡପତ୍ର ହୋଇନଥିଲା। ସ୍ମିତାଙ୍କ ବାପାମାଆ ମଧ୍ୟ ଏହି ସମ୍ପର୍କରେ ଖୁସି ନଥିଲେ। କିନ୍ତୁ ସ୍ମିତାଙ୍କ ମୃତ୍ୟୁ ପରେ, ରାଜ ବବର ତାଙ୍କ ସ୍ତ୍ରୀ ନାଦିରାଙ୍କ ପାଖକୁ ଫେରି ଆସିଥିଲେ । ରାଜ ବବର ଏବଂ ସ୍ମିତା ପାଟିଲଙ୍କ ପୁଅର ନାମ ପ୍ରତୀକ ବବର। ପ୍ରତୀକ ଏବେ ବଲିଉଡ ଇଣ୍ଡଷ୍ଟ୍ରିରେ ସକ୍ରିୟ ଅଛନ୍ତି। ସେ କିଛି ଦିନ ପୂର୍ବରୁ ପ୍ରିୟା ବାନାର୍ଜୀଙ୍କୁ ବିବାହ କରିଥିଲେ। ରାଜ ବବର ଏହି ବିବାହରେ ଯୋଗ ଦେଇ ନଥିଲେ। ଆଉ ଏହାପରେ ପ୍ରତୀକ ତାଙ୍କ ସାଙ୍ଗିଆକୁ ପ୍ରତୀକ ସ୍ମିତା ପାଟିଲ କରିଛନ୍ତି।



# ହାଇଦ୍ରାବାଦର ଜଣେ ବିଶିଷ୍ଟ ବ୍ୟବସାୟୀଙ୍କ ଝିଅଙ୍କୁ ବିବାହ କରିବେ ପ୍ରଭାସ !




'ବାହୁବଲୀ' ଷ୍ଟାର ପ୍ରଭାସଙ୍କୁ ନେଇ ପୂର୍ବରୁ ଅନେକ ଚର୍ଚ୍ଚା ହୋଇଆସିଛି । ସେ କେବେ ଓ କାହାକୁ ବିବାହ କରିବେ ତାହା ଦେଖିବା ପାଇଁ ଅନାଇ ବସିଛନ୍ତି ପ୍ରଭାସଙ୍କ ପ୍ରଶଂସକ । ପୂର୍ବରୁ ତାଙ୍କ ସହ କଳାକାର ଅଭିନେତ୍ରୀ ଅନୁଷ୍କା ସେଟ୍ଟୀଙ୍କ ସହ ତାଙ୍କର ନାଁ ଯୋଡ଼ାଯିବା ସହ ପ୍ରଭାସ, ଅନୁଷ୍କାଙ୍କୁ ବିବାହ କରିବେ ବୋଲି ଚର୍ଚ୍ଚା ହୋଇଥିଲା । କିନ୍ତୁ କିଛି ଦିନ ପରେ ଏହି ଚର୍ଚ୍ଚା ବନ୍ଦ ହୋଇଯିବା ସହ ପ୍ରଭାସ ଅନୁଷ୍କାଙ୍କୁ ବିବାହ କରିବେ ନାହିଁ ବୋଲି ସାମ୍ନାକୁ ଆସିଥିଲା।

ଏବେ ପ୍ରଭାସଙ୍କ ବିବାହକୁ ନେଇ ଏକ ତାଜା ଖବର ମିଳିଛି । କୁହାଯାଉଛି ଯେ, ସେ ହାଇଦ୍ରାବାଦର ଜଣେ ବିଶିଷ୍ଟ ବ୍ୟବସାୟୀଙ୍କ ଝିଅ ସହିତ ତାଙ୍କର ବିବାହ ସ୍ଥିର ହୋଇଛି। ଅଭିନେତାଙ୍କ ପରିବାର ଲୋକେ ପ୍ରସ୍ତୁତି ଆରମ୍ଭ କରିସାରିଛନ୍ତି। ତେବେ ଏନେଇ ଅଭିନେତା କୌଣସି ପ୍ରତିକ୍ରିୟା ରଖିନାହାନ୍ତି।

ଚଳିତ ବର୍ଷ ଜାନୁଆରି ମାସରେ ସିନେ ସମୀକ୍ଷକ ମନୋବାଲା ବିଜୟବାଲାନଙ୍କ ଏକ୍ସ ପୋଷ୍ଟ ଦେଖିବା ପରେ ପ୍ରଭାସ ଖୁବଶୀଘ୍ର ବିବାହ କରିବେ ବୋଲି ଚର୍ଚ୍ଚା ହୋଇଥିଲା। ଏକ୍ସରେ ସେ ପ୍ରଭାସଙ୍କ ନାମ ଲେଖିଥିବା ବେଳେ ଚର୍ଚ୍ଚ ଓ ଏକ କନ୍ୟାଙ୍କ ଇମୋଜି ଦେଇଥିଲେ। ତାଙ୍କର ଏଭଳି ପୋଷ୍ଟ ସାମ୍ନାକୁ ଆସିବା ପରେ ପ୍ରଭାସ ବିବାହ କରିବେ ବୋଲି ପୁଣି ଥରେ ଚର୍ଚ୍ଚା ଆରମ୍ଭ ହୋଇଥିଲା।

# ପରିବାର ସହ ବିବାଦ ମଧ୍ୟରେ ନିଜ ନାମରୁ 'ବବ୍ବର' ହଟାଇ 'ପାଟିଲ୍' ଯୋଡିଲେ ପ୍ରତୀକ୍



ଅଭିନେତା-ରାଜନେତା ରାଜ୍ ବବ୍ବରଙ୍କ ପୁଅ ପ୍ରତୀକ ବବ୍ବର ତାଙ୍କ ସ୍ୱର୍ଗତଃ ମାଆ ସ୍ମିତା ପାଟିଲଙ୍କ ସମ୍ମାନାର୍ଥେ ତାଙ୍କ ଉପନାମକୁ 'ପ୍ରତୀକ ସ୍ମିତା ପାଟିଲ'ରେ ପରିବର୍ତ୍ତନ କରିଛନ୍ତି। କିଛି ଦିନ ତଳେ ପ୍ରତୀକ୍ ବିବାହ କରିଥିଲେ। ବିବାହ ସମୟରେ ମଧ୍ୟ ସେ ରାଜ୍ ଓ ତାଙ୍କ ସାବତ ଭାଇଙ୍କୁ ଡାକି ନଥିଲେ। ସେବେଠାରୁ ପରିବାର ମଧ୍ୟରେ ଫାଟ ସୃଷ୍ଟି ହୋଇଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା। ଏବେ ପ୍ରତୀକ୍ ନିଜ ନାମରୁ ବବ୍ବର ହଟାଇ ଦେବା ପରେ ଏହା ସ୍ପଷ୍ଟ ହୋଇଛି। ଜାତୀୟ ଗଣମାଧ୍ୟମ ଟାଇମ୍ସ ଅଫ୍ ଇଣ୍ଡିଆକୁ ସାକ୍ଷାତକାର ଦେଇ ପ୍ରତୀକ୍ ପ୍ରକାଶ କରିଛନ୍ତି ଯେ, ମୁଁ ମୋ ନାମକୁ 'ପ୍ରତୀକ ବବ୍ବର'ରୁ 'ପ୍ରତୀକ ସ୍ମିତା ପାଟିଲ'କୁ ପରିବର୍ତ୍ତନ କରିଛି। ମୁଁ ପରିଣାମ ବିଷୟରେ ଚିନ୍ତା କରୁ ନାହିଁ। ମୁଁ କେବଳ ସେହି ନାମ ଶୁଣିଲେ କିପରି ଅନୁଭବ କରେ ତାହା ବିଷୟରେ ଚିନ୍ତା କରୁଛି। ମୁଁ ମୋ ମାଆ (ସ୍ମିତା ପାଟିଲ), ତାଙ୍କ ନାମ ଏବଂ ତାଙ୍କ ଐତିହ୍ୟ ସହିତ ସମ୍ପୂର୍ଣ୍ଣ ଭାବରେ ଯୋଡି ହୋଇ ରହିବାକୁ ଚାହେଁ। ମୁଁ ମୋ ବାପାଙ୍କ ପରି ନୁହେଁ, ମୋ ମାଆଙ୍କ ପରି ହେବାକୁ ଚେଷ୍ଟା କରୁଛି।' ପ୍ରତୀକଙ୍କ ଉପନାମ ପରିବର୍ତ୍ତନ ଉପରେ ପ୍ରତିକ୍ରିୟା ଦେଇ ସାବତ ଭାଇ ଆର୍ଯ୍ୟ ବବ୍ବର କହିଛନ୍ତି ଯେ, 'ସ୍ମିତା ପାଟିଲ୍ ମୋର ମଧ୍ୟ ମାଆ ଏବଂ ଏହା ପ୍ରତୀକଙ୍କ ଉପରେ ନିର୍ଭର କରେ ଯେ ସେ କେଉଁ ଉପନାମ ରଖିବାକୁ ଚାହାଁନ୍ତି। ନାମ ପରିବର୍ତ୍ତନ କରିବା ଦ୍ୱାରା ଜଣଙ୍କର ପରିଚୟ ପରିବର୍ତ୍ତନ ହୁଏ ନାହିଁ। ନାମ ପରିବର୍ତ୍ତନ ସତ୍ତ୍ୱେ, ଜଣଙ୍କର ଅସ୍ତିତ୍ୱ ଏବଂ ପରିଚୟ ପରିବର୍ତ୍ତନ ହୁଏ ନାହିଁ।'

# କନ୍ୟା ସନ୍ତାନ ସୁରକ୍ଷା ପାଇଁ ସଚେତନତା ରଥର ଶୁଭାରମ୍ଭ

ଖୋର୍ଦ୍ଧା,୨୭/୩ (ନି.ପ୍ର): ବୁଧବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଜିଲ୍ଲା ପିସିପିଏନଡିଟି ଆକ୍ଟ ,୧୯୯୪ରେ ଏକ କର୍ମଶାଳାର ଆୟୋଜିତ ହୋଇଯାଇଛି । ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ ଆନୁଷ୍ଠାନିକ ଭାବରେ ଉଦ୍ଘାଟନ କରିଥିଲେ। କନ୍ୟା ଭୃଣ ହତ୍ୟାକୁ ରୋକିବା ପାଇଁ ଏକ ସଚେତନତା ରଥ ଜିଲ୍ଲା କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିବାସହିତ ବିଭିନ୍ନ ଅଂଚଳରେ ସଚେତନତା ସୃଷ୍ଟି କରାଯାଇଥିଲା। ମୁଖ୍ୟ ଅତିଥି ଜ୍ୟୋତି ଶଙ୍କର ସାହୁ କନ୍ୟା ଭୃଣ ହତ୍ୟା ଏକ ଜଘନ୍ୟ ଅପରାଧ କହିବା ସହିତ ଏହାକୁ କିପରି ଭାବେ ସମାଜରୁ ଉଚ୍ଛେଦ କରାଯିବ ଏବଂ ଏଥିପ୍ରତି ସମସ୍ତଙ୍କ ଦାୟିତ୍ୱ ରହିଛି ବୋଲି ବକ୍ତବ୍ୟ ରଖିଥିଲେ । ତୃଣମୂଳ ସ୍ତରରୁ ବହୁଳ ପ୍ରଚାର ଓ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ ।ଡିଏସପି କହିଥିଲେ କି ଝିଅ ମାନଂକ ଉପରେ ହେଉଥିବା ପ୍ରତିଦିନ ର ଘଟଣା, ହିଂସା ଖବର ପୋଲିସ କୁ ନିର୍ଦ୍ୱନ୍ଦ୍ୱରେ ଖବର ଦେବା ଦରକାର ଯାହା ଫଳରେ କେହି ଆଇନର ହାତରୁ ଖସି ପାରିବେ ନାହିଁ । ଅତିରିକ୍ତ ସମାଜ କଲ୍ୟାଣ ଅଧିକାରୀ ସୁଷମା ମହାନ୍ତି ଅତିଥି ମାନଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଭାଷଣ ରଖିଥିଲେ ଏବଂ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ କାର୍ଯ୍ୟକ୍ରମ ଆଭିମୁଖ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପୋଷଣ ସଂଯୋଜିକା ଆଭିଲିପସା ବେହେରା ସଂଯୋଜନା କରିଥିଲାବେଳେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଚିକିତ୍ସାଧିକାରୀ ଡଃ ରାଜଶ୍ରୀ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏ ଡି ଏମ୍ ଓ, ଡଃ ବି.ଏନ୍ ପାଢ଼ୀ,ଜିଲ୍ଲା ଯୋଗାଣ ଅଧିକାରୀ ସୁଗଦା ମୁର୍ମୁ, ଡି ଏମ୍ ପି, ସ୍ମିତା ମଞ୍ଜରୀ ମଲିକ,ଡଃ ପ୍ରଣୀତା ସାବତ ,ଟେଣ୍ଡର କୋ ଅର୍ଡିନେଟର,ସମଗ୍ର ଶିଶୁ, ଅଶୋକ କୁମାର ସେଠି ଡିସିପିୟୁ, ଜିଲ୍ଲାର ସମସ୍ତ ଶିଶୁ ବିକାଶ ଯୋଜନା ଅଧିକାରୀ ଓ ମଣ୍ଡଳ ପରିଦର୍ଶିକା କାର୍ଯ୍ୟଶାଳାରେ ଉପସ୍ଥିତ ଥିଲେ ।

## ପଦ୍ମପୁର ଜଙ୍ଗଲରେ ଆଜି ଅବକାରୀ ଚଢାଉ

ଜୟପୁର,୨୭/୩ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ପଦ୍ମପୁର ଜଙ୍ଗଲରେ ଆଜି ଅବକାରି ଚଢାଉ ହୋଇଛି । ଦେଶି ମଦ ପ୍ରସ୍ ?ୁତ ସହ ଲୁଚାଇ ରଖିଥିବା ସୁଚନା ପାଇ ଜୟପୁର ଅବକାରି ନିରିକ୍ଷକ କାଯ୍ୟାଳୟ ତରଫରୁ ଚଢାଉ କରାଯାଇଛି । ଚଢାଉ ସୁଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ମଦ ଭାଟି ଭଙ୍ଗିବା ସହ ୧୮ଶହ ଲିଟର ପୋଚ ଓ ଶହେ ଲିଟର ଦେଶି ମଦ ଜବତ କରିନଷ୍ଟ କରିଛି । ମଦ ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଅବକାରି ନିରିକ୍ଷକ ଶିଶି କାନ୍ତ ଦତ ସୁଚନା ଦେଇଛନ୍ତି ।

# ରେଳରୋକୋ ପାଇଁ ସାଧାରଣ ବୈଠକରେ ନିଷ୍ପତ୍ତି

ବଲାଙ୍ଗୀର,୨୭/୩ (ନି.ପ୍ର): ସ୍ଥାନୀୟ ଟାଉନ ବାଳିକା ବିଦ୍ୟାଳୟ ଠାରେ ରେଳ ଉପଭୋକ୍ତା ସଂଘର ସାଧାରଣ ବୈଠକ ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରୁ ଉପ-ସଭାପତି ଅଶୋକ ମିଶ୍ର, ବରିଷ୍ଠ ସଦସ୍ୟ ମନୋରଂଜନ ପୁରୋହିତ ପ୍ରଭୁ ଶ୍ରୀ ଗଣେଷଙ୍କ ଠାରେ ଦୀପ ପ୍ରଜ୍ୱଳନ ମାଲ୍ୟାର୍ପଣ କଲା ପରେ ସଂପାଦକ ଦିବାକର ହୋତା ୨୦୨୪-୨୫ ର ବାର୍ଷିକ ବିବରଣୀ ପାଠ କରିଥିଲେ ଓ କୋଷାଧ୍ୟକ୍ଷ ଅଶୋକ ଚାନ୍ଦ ଆୟ ବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ଯାତ୍ରୀମାନଙ୍କୁ ଛାଡି ଆସୁଥିବା ବ୍ୟକ୍ତିମାନଙ୍କୁ ଷ୍ଟେସନ ସାମନାରେ ଗାଡି ରଖିବା ପାଇଁ ମନା କରିବା, ୨ ଓ ୩ୟ ପ୍ଲାଟଫର୍ମରେ ଭାଙ୍ଗି ଯାଇଥିବା ଫ୍ଲୋରିଙ୍ଗ ଟାଇଲମାନଙ୍କ ମରମତି ହେଉନଥିବା, ଦୁର୍ଗ -ପୁରୀ ଟ୍ରେନଟି ପୁରୀରେ ବହୁତ ବିଳମ୍ବରେ ପହଂଚୁଥିବା ତଥା ସ୍ଥାନୀୟ ନେତୃବର୍ଗମାନେ ଟ୍ରେନରେ ଆସିଲେ ଏକ ନମ୍ବର ପ୍ଲାର୍ଟଫର୍ମରେ ଗଡି ଲାଗିବା ମାତ୍ରା କୌଣସି ଗର୍ଭବତି ମହିଳା କିମ୍ବା ବୟସ୍କ ବ୍ୟକ୍ତି, ରୋଗୀମାନେ ଆସୁଥିବା ସମୟରେ ଅନୁରୋଧ କଲେ ମଧ ୨ ବା ୩ ନମ୍ବରରେ ଟ୍ରେନ ଲାଗେ, ଲିଫ୍ଟ ଓ ର୍ୟାମ୍ପ ର ବ୍ୟବସ୍ଥା ନ ହେବା ପର୍ଯ୍ୟନ୍ତ ଏକ ନମ୍ବର ପ୍ଲାର୍ଟଫର୍ମରେ ଟ୍ରେନ ଲଗାଇବା ପାଇଁ ବାରମ୍ବାର ଅନୁରୋଧ ଓ ଚିଠି ମାଧ୍ୟମରେ ଦେଲେ ମଧ ଅଣଦେଖା କରାଯିବା, ଅମୃତ ଭାରତ ଯୋଜନାରେ ମାର୍ଚ୍ଚ ଶେଷ ସୁଦ୍ଧା ଲିଫ୍ଟ ଓ ଏଫ୍.ଓ.ଭି କାର୍ଯ୍ୟ ସରିଯିବା କଥା ମାତ୍ର କୌଣସି ରେଳବାଇ ଅଫିସର ଦେଖାଶୁଣା କରୁନ ଥିବା ପରି କାର୍ଯ୍ୟଟି ମନ୍ଥରରୁ ମନ୍ଥ ଗତିରେ କାମ ଚାଲିଛି। ବିଭିନ୍ନ ଦଫାରେ ଦିଲ୍ଲୀ ଓ ପ୍ରୟାଗରାଜ ପାଇଁ ସିଧାସଳଖ ଟ୍ରେନ, ଭୁବନେଶ୍ୱର କୁ ସକାଳ ଟ୍ରେନ, ବଲାଙ୍ଗିର ରେ ପିଆଇଟି ଲାଇନ କରିବା ଆଦି ଦାବିକୁ ରେଳବାଇ ବିଭାଗ ର ଅଣଦେଖା ଓ ବୈମାତୃକ ମନୋଭାବ ପାଇଁ ଆଗାମୀ ଦିନରେ ଆଉ ଧାରଣା ନୁହେଁ ରେଲ ରୋକୋ କରିବା ପାଇଁ ସଭ୍ୟମାନଙ୍କ ସହ ସଭାପତି ମତବ୍ୟକ୍ତ କରିଛନ୍ତି। ଉକ୍ତ ଆଲୋଚନାରେ ଗୋପବନ୍ଧୁ ପୁରୋହିତ, ଶିବ ନାରାୟଣ ରଥ, ନରେନ୍ଦ୍ର ଆଚାର୍ଯ୍ୟ, ସିଦ୍ଧେଶ୍ୱର ପାଣିଗ୍ରାହୀ, ମନୋରଂଜନ ପୁରୋହିତ, ଶରତ ହୋତା ପ୍ରମୁଖ ଭାଗ ନେଇଥିଲେ ଓ ବୈଠକରେ ପ୍ରଭାକର ମିଶ୍ର, ହିତେଶ ସାହୁ, ମହେଶ୍ୱର ସାହୁ, ଯୁଧିଷ୍ଠିର ମିଶ୍ର, ପଂଚାନନ ସେଠ, ରାମ କୁମାର ମିଶ୍ର, ସୁରେନ୍ଦ୍ର ନେଗୀ, ତ୍ରିଲୋଚନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅଶୋକ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଧାନ୍ୱି ଟାଉନସିପରେ ଚୋରି

ଜୟପୁର,୨୭/୩ (ନି.ପ୍ର): ଧାନ୍ୱି ଟାଉନସିପ ରେ ଗତକାଲି ରାତିରେ ଘରେ ତାଲା ପଡିଥିବା ଦେଖି ଚୋରଦଳ ତାଲା ଭାଙ୍ଗି ଚୋରି କରିଥିବା ଜଣା ପଡିଛି। ଗତ କିଛି ଦିନ ହେଲା ଧାନ୍ୱି ଟାଉନସିପର ନିରାକାର ପରିଚ୍ଛା ଘରେ ତାଲା ପକାଇ ଭୁବନେଶ୍ୱର ଯାଇ ସେଠାରେ ବସବସ କରୁଛନ୍ତି। ତାଲା ପଡିଥିବା ସୁଯୋଗ ପାଇଁ ଚୋରଦଳ ଗତକାଲି ରାତିରେ ଘର ଭିତରେ ପଶିଥିବା ଜଣା ପଡିଛି। ସକାଳୁ ସ୍ଥାନୀୟ ଲୋକେ ଘର କବାଟ ଖୋଲା ହୋଇଥିବା ଦେଖିବା ପରେ ପୁଲିସକୁ ଖବର ଦେଇଥିଲେ। ପୁଲିସ ତାଙ୍କ ପରିଚ୍ଛାଙ୍କ ସମ୍ପର୍କୀୟଙ୍କୁ ଡାକି ଘର ଭିତରେ କଣ ସବୁ ଚୋରି ହୋଇଛି ଜାଣିବାକୁ ଚାହିଁଥିଲେ। କିନ୍ତୁ ଘର ମାଲିକ ଆସିବା ପରେ ଘରର କେଉଁ ସାମଗ୍ରୀ ଚୋରି ହୋଇଛି ତାହା ସ୍ପଷ୍ଟ ଜଣା ପଡିବ ବୋଲି ସମ୍ପର୍କୀୟ ମାନେ କହିଥିଲେ। ଏନେଇ ଟାଉନଥାନାରେ ସମ୍ପର୍କୀୟ ମାନେ ଲିଖିତ ଅଭିଯୋଗ ଦେବା ପରେ ଟାଉନ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

# ବଲାଙ୍ଗୀର ବିଶାଳ ଯୋଗ ଶିବିର ଉଦ୍‌ଯାପିତ

ବଲାଙ୍ଗୀର,୨୭/୩ (ନି.ପ୍ର): ପତଞ୍ଜଳି ପରିବାର ବଲାଙ୍ଗିର ଆନୁକୂଲ୍ୟରେ ଚାଲିଥିବା ପଂଚ ଦିବସୀୟ ବିଶାଳ ଯୋଗ ଓ ସାଧନା ଶିବରର ଉଦ୍‌ଯାପିତ ହୋଇଯାଇଛି। ଯୋଗ ଋଷି ରାମଦେବ ଜି ମହାରାଜଙ୍କ ପରମ ଶିଷ୍ୟ ପତଞ୍ଜଳି ଭାରତ ସ୍ୱାଭିମାନ କେନ୍ଦ୍ରୀୟ ପ୍ରଭାରି ସ୍ୱାମୀ ପରମାର୍ଥ ଦେବଜୀଙ୍କ ପ୍ରତ୍ୟକ୍ଷ ସାନ୍ନିଧ୍ୟରେ ଚାଲିଥିବା ଶିବିରରେ ବିଭିନ୍ନ ଦିନରେ ଉପଜିଲ୍ଲାପାଳ ବଲାଙ୍ଗିର ଆଲୋକ କୁମାର ପଟେଲ ଓ ବଲାଙ୍ଗୀର ଲୋକ ଓ ସୂଚନା ଅଧିକାରୀ ସରୋଜ ସାହୁ ଯୋଗଦାନ କରି ସୁସ୍ଥ ସମାଜ ଗଠନରେ ଯୋଗର ଆବଶ୍ୟକତା ବିଷୟରେ ନିଜର ସୁବିଚାର ରଖିଥିଲେ। ବଲାଙ୍ଗୀର ଜିଲ୍ଲାକୁ ଯୋଗ ଯୁକ୍ତ ଓ ରୋଗମୁକ୍ତ କରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେଉନ୍ତୁ ବୋଲି ସ୍ୱାମୀଜୀ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭାରତ ସ୍ୱାଭୀମାନ ରାଜ୍ୟ ପ୍ରଭାରୀ ସୁଧାଂଶୁ ଅଧିକାରୀ, ପତଞ୍ଜଳୀ ଯୋଗ ସମିତି ରାଜ୍ୟ ପ୍ରଭାରୀ ରାଧା ମାଧବ ବହିଦାର, ରାଜ୍ୟ ମହିଳା ପ୍ରଭାରି ଗିରିଜା ଦେବୀ, କିଶାନ ପ୍ରଭାରୀ ସ୍ୱୟଂ ପ୍ରକାଶ, ରାଜ୍ୟ ଯୁବ ପ୍ରଭାରୀ ଅମୃତାଂଶୁ, ରାଜ୍ୟ କାର୍ଯ୍ୟାଳୟ ପ୍ରଭାରୀ ସୂର୍ଯ୍ୟକାନ୍ତ ମହାନ୍ତି, ରାଜ୍ୟ ମିଡିଆ ପ୍ରଭାରୀ କ୍ଷିତିଶ ଜି ଯୋଗଦାନ କରିଥିବା ବେଳେ ବଲାଙ୍ଗିର ଜିଲ୍ଲା ସଂଗଠନର ଭାରତ ସ୍ୱାଭିମାନ ପ୍ରଭାରୀ ରଘୁନାଥ ଷଡଙ୍ଗୀ, ଯୋଗ ସମିତି ପ୍ରଭାରୀ ଅଶୋକ ଅଗ୍ରୱାଲ, ମହିଳା ପ୍ରଭାରୀ ସୁଜତା ଦିଶ୍ରି, ମିଡିଆ ପ୍ରଭାରୀ ସସ୍ମିତା ସାହୁ, କାର୍ଯ୍ୟକାରୀ ଅଧ୍ୟକ୍ଷ ବିରେନ୍ଦ୍ର ଅଗ୍ରୱାଲ ପ୍ରଭୃତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବାଲକିସାନ ଅଗ୍ରୱାଲ, ଶିବରାମ ପଣ୍ଡା, ପ୍ରମୋଦ, ରାମ ଶଙ୍କର ଚନ୍ଦନ, ଲେଙ୍କା, ସୁରଜ, ଉପେନ୍ଦ୍ର, ଅମ୍ବରିଶ, ନିହରିକା ଜି ଇତ୍ୟାଦି ସହଯୋଗ କରିଥିଲେ। ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ଅଞ୍ଜନା ଜି। ଯୋଗ ଶିବିରରେ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ର ଛାତ୍ରୀମାନେ ତଥା ବଲାଙ୍ଗୀର ଜନ ସାଧାରଣ ଯୋଗଦାନ କରିଥିଲେ। ସ୍ୱାମୀଜୀ କଦମପଡା ସ୍ଥିତ ଶିଶୁ ମନ୍ଦିର, ଓଡିଶା ଆଦର୍ଶ ବିଦ୍ୟାଳୟ ପଥରଚେପା ଓ ପୋଲି ଟେକନିକ କୁ ଯାଇ ଛାତ୍ର ଛାତ୍ରୀଙ୍କୁ ଯୋଗ ଓ ପ୍ରାଣାୟାମ ଶିକ୍ଷା ଦେଇ ସବୁ ସମସ୍ୟାର ସମାଧାନ ଯୋଗ ବୋଲି କହିଥିଲେ। ମାରୱାଡି ସେବା ସଦନ ଠାରେ କାର୍ଯ୍ୟକର୍ତ୍ତା ବୈଠକ ଓ ରାମ ମନ୍ଦିର ଠାରେ ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ରଖାଯାଇଥିଲା। ସ୍ୱାମୀ ହରିଶଙ୍କର ମନ୍ଦିର ଦର୍ଶନ କରିବା ସହିତ ଖପ୍ରାଖୋଲ, ପାଟଣାଗଡ ଓ ଆଗଲପୁର ଠାରେ ତହସିଲ ବୈଠକ ରଖାଯାଇଥିଲା। ବଲାଙ୍ଗୀରର ବରିଷ୍ଠ ସାମ୍ବାଦିକ ଶରତ ମିଶ୍ରଙ୍କୁ ସଂଗଠନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଯୁବ ପ୍ରଭାରୀ ଜ୍ୟୋତି ପ୍ରକାଶ ସାହୁ।

## ଛତୁଆ ତିଆରି ୟୁନିଟ୍ ଉପରେ ଚଢାଉ

ଧର୍ମଶାଳା,୨୭/୩ (ନି.ପ୍ର): କୋମଳମତି ଶିଶୁଙ୍କ ଉଦ୍ଦେଶ୍ୟରେ ସବୁ ଅଙ୍ଗନବାଡି କେନ୍ଦ୍ରରେ ଛତୁଆ ପ୍ରଦାନ କରାଯାଉଛି । ନିକଟରେ ଛତୁଆ ଖାଇ ରାଜ୍ୟରେ ୨ ଜଣ ଶିଶୁ କନ୍ୟାଙ୍କ ମୃତ୍ୟୁ ଘଟିବା ବେଳେ ପରିବାରର କିଛି ସଦସ୍ୟ ଅସୁସ୍ଥ ହୋଇପଡିଥିବା ଖବର ସାମ୍ନାକୁ ଆସିଛି । ଏହି କ୍ରମରେ ଆଜି ଯାଜପୁର ଜିଲା ଧର୍ମଶାଳା ବ୍ଲକ ପାଟପୁର ଅଂଚଳରେ ତିଆରି ହେଉଥିବା ଛତୁଆ ୟୁନିଟ୍ ଉପରେ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଚଢାଉ କରାଯାଇଛି । ଆଜି ଅପରାହ୍ନରେ ଏହି ପାଟପୁରସ୍ଥିତ ସିଦ୍ଧ ଚଣ୍ଡି ଗ୍ରୁପ ଛତୁଆ ୟୁନିଟ୍ ଉପରେ ଚଢାଉ କରାଯାଇଥିବା ଜଣାପଡିଛି । ତେବେ କଣ ପାଇଁ କେଉଁ ଉଦ୍ଦେଶ୍ୟରେ ଏଠାରେ ଚଢାଉ କରାଯାଉଛି ତାହା ସଠିକ୍ ଖବର ମିଳି ପାରି ନାହିଁ ।

# ବିଏଲଓଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୭/୩ (ନି.ପ୍ର): ନୂଆଦିଲ୍ଲୀରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର, ଡକ୍ଟର ବିବେକ ଜୋଶୀଙ୍କ ସହ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ମାନଙ୍କ ପାଇଁ ଆୟୋଜିତ ପ୍ରଥମ ତାଲିମକୁ ଉଦଘାଟନ କରିଛନ୍ତି। ଆଗାମୀ କିଛି ବର୍ଷ ମଧ୍ୟରେ ପ୍ରାୟ ୧ ଲକ୍ଷ ବୁଥ୍ ସ୍ତରୀୟ ଅଧିକାରୀଙ୍କୁ (ହାରାହାରି ପ୍ରତି ୧୦ଟି ମତଦାନ କେନ୍ଦ୍ରରେ ଗୋଟିଏ ବୁଥ୍ ସ୍ତରୀୟ ଅଧିକାରୀ) ଏପରି ତାଲିମ କାର୍ଯ୍ୟକ୍ରମରେ ପ୍ରଶିକ୍ଷିତ କରାଯିବ । ଏହି ସୁପ୍ରଶିକ୍ଷିତ ବୁଥ୍ ସ୍ତରୀୟ ଅଧିକାରୀମାନେ ଦେଶବ୍ୟାପୀ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କର ସମଗ୍ର ନେଟୱାର୍କକୁ ସୁଦୃଢ଼ କରିବା ପାଇଁ ବିଧାନସଭାସ୍ତରୀୟ ମାଷ୍ଟର ଟ୍ରେନରମାନଙ୍କ ସଂଘ ଗଠନ କରିବେ, ଯେଉଁମାନେ ୧୦୦ କୋଟି ଭୋଟର ଏବଂ ଭାରତୀୟ ନିର୍ବାଚନ ଆୟୋଗ ମଧ୍ୟରେ ପ୍ରଥମ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବେ ସାବ୍ୟସ୍ତ ହେବେ । ଏହି ଅନନ୍ୟ କ୍ଷମତା ବୃଦ୍ଧି କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ଜାରି ରହିବ ଏବଂ ପ୍ରଥମେ ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକ ଉପରେ ଧ୍ୟାନ ଦିଆଯିବ । ବର୍ତ୍ତମାନ, ବିହାର, ପଶ୍ଚିମବଙ୍ଗ ଏବଂ ଆସାମରୁ ୧୦୯ ଜଣ ବୁଥ୍ ସ୍ତରୀୟ ଅଧିକାରୀ ଏହି ୨-ଦିନିଆ ଆବାସିକ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି ।ଏହା ସହିତ ବିହାର, ପଶ୍ଚିମବଙ୍ଗ, ଆସାମ, କେରଳ, ପୁଡୁଚେରୀ ଏବଂ ତାମିଲନାଡୁରୁ ୨୪ ଜଣ ନିର୍ବାଚନ ରେଜିଷ୍ଟ୍ରେସନ ଅଧିକାରୀ ଏବଂ ୧୩ ଜଣ ଜିଲ୍ଲା ନିର୍ବାଚନ ଅଧିକାରୀ ମଧ୍ୟ ଅଂଶଗ୍ରହଣ କରୁଛନ୍ତି।

ଏହି ତାଲିମ କାର୍ଯ୍ୟକ୍ରମର ଯୋଜନା ହେଉଛି ବୁଥ୍ ସ୍ତରୀୟ ଅଧିକାରୀମାନଙ୍କୁ ଜନପ୍ରତିନିଧି ଆଇନ, ୧୯୫୦, ନିର୍ବାଚନ ପଞ୍ଜୀକରଣ ନିୟମ ୧୯୬୦ ଏବଂ ସମୟ ସମୟରେ ଜାରି ହୋଇଥିବା ମୁଖ୍ୟ ନିର୍ବାଚନ କମିଶନରଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ ସେମାନଙ୍କର ଭୂମିକା ଏବଂ ଦାୟିତ୍ୱ ସହିତ ପରିଚିତ କରାଇବା ଏବଂ ଭୋଟର ତାଲିକାର ତ୍ରୁଟିମୁକ୍ତ ଅଦ୍ୟତନ ପାଇଁ ପ୍ରାସଙ୍ଗିକ ଫର୍ମ ପୂରଣ କରିବାର ଆବଶ୍ୟକତା ସହ ମଧ୍ୟ ସେମାନଙ୍କୁ ସୁସଜ୍ଜିତ କରାଯିବ । ସେମାନଙ୍କ କାର୍ଯ୍ୟକୁ ସହାୟତା ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଥିବା ସୂଚନା ପ୍ରଯୁକ୍ତି ଆପ୍ଲିକେସନ୍ ସହିତ ମଧ୍ୟ ସେମାନଙ୍କୁ ପରିଚିତ କରାଯିବ ।

ବୁଥ୍ ସ୍ତରୀୟ ଅଧିକାରୀମାନେ ରାଜ୍ୟ ସରକାରଙ୍କ ଅଧିକାରୀ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଅନୁମୋଦନ ପରେ ନିର୍ବାଚନ ପଞ୍ଜିକରଣ ଅଧିକାରୀଙ୍କ ଦ୍ୱାରା ନିଯୁକ୍ତ ହୁଅନ୍ତି । ମୁଖ୍ୟ ନିର୍ବାଚନ କମିଶନର ଶ୍ରୀ ଜ୍ଞାନେଶ କୁମାର ଭୋଟର ତାଲିକାର ତ୍ରୁଟିମୁକ୍ତ ଅଦ୍ୟତନ କ୍ଷେତ୍ରରେ ନିର୍ବାଚନ ରେଜିଷ୍ଟ୍ରେସନ ଅଧିକାରୀ ଏବଂ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରି ଗୁରୁତ୍ୱାରୋପ କରିଥିଲେ ଯେ ରାଜ୍ୟ ସରକାରମାନେ ସବ ଡିଭିଜନାଲ ମାଜିଷ୍ଟ୍ରେଟସ୍ତରୀୟ କିମ୍ବା ସମକକ୍ଷ ଅଧିକାରୀମାନଙ୍କୁ ସେମାନଙ୍କ ବରିଷ୍ଠତାକୁ ବିଚାର କରି ନିର୍ବାଚନ ପଞ୍ଜିକରଣ ଅଧିକାରୀ ଭାବରେ ମନୋନୀତ କରିବା ଉଚିତ ଏବଂ ସେମାନଙ୍କ ଦାୟିତ୍ୱରେ ଥିବା ମତଦାନ କେନ୍ଦ୍ର ଅନୁଯାୟୀ ଏକ ସାଧାରଣ ବାସିନ୍ଦାକୁ ବୁଥ୍ ସ୍ତରୀୟ ଅଧିକାରୀ ଭାବେ ନିଯୁକ୍ତ କରିବା ଉଚିତ ।

## ହଜାରିବାଗରେ ରାମନବମୀର ମଙ୍ଗଳା ଶୋଭାଯାତ୍ରା ବେଳେ ପଥରମାଡ

ହଜାରିବାଗ,୨୭/୩ (ନି.ପ୍ର): ଝାରଖଣ୍ଡର ହଜାରିବାଗରେ ବିଳମ୍ବିତ ରାତିରେ ରାମନବମୀ ଉପଲକ୍ଷେ ବାହାରିଥିବା ଦ୍ୱିତୀୟ ମଙ୍ଗଳା ଶୋଭାଯାତ୍ରା ସମୟରେ ପଥରମାଡ ଯୋଗୁ ଅନେକ ସମୟ ଯାଏ ଉତ୍ତେଜନା ଲାଗି ରହିଥିଲା । ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଅଂଚଳରେ ପୋଲିସ ମୁତୟନ କରାଯାଇଛି । ତେବେ ସ୍ଥିତି ଏବେ ନିୟନ୍ତ୍ରଣରେ ଥିବା ଅଧିକାରୀମାନେ କହିଛନ୍ତି । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ , ମଙ୍ଗଳା ଶୋଭାଯାତ୍ରା ସମୟରେ ଝଣ୍ଡା ଛକରେ ଜାମା ମସଜିଦ ରୋଡ ନିକଟରେ ପହଂଚିବା ମାତ୍ରେ ହିଁ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ ।

# ଜାତୀୟ ସଂଖ୍ୟାଲଘୁ କମିଶନର ଅଧ୍ୟକ୍ଷଙ୍କ ସମୀକ୍ଷା

ପୁରୀ,୨୭/୩ (ନି.ପ୍ର): ଜାତୀୟ ସଂଖ୍ୟାଲଘୁ କମିଶନର ଅଧ୍ୟକ୍ଷ ଇକବାଲ ସିଂ ଲାଲପୁରା ଆଜି ପୁରୀ ଜିଲ୍ଲା ଗସ୍ତରେ ଆସି ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରତିନିଧି ମାନଙ୍କ ସହ ସର୍କିଟ ହାଉସ ଠାରେ ଆଲୋଚନା କରିଥିଲେ। ଅଧ୍ୟକ୍ଷ ଶ୍ରୀ ଲାଲପୁରା ପହଂଚିବା ପରେ ଜିଲ୍ଲା ପ୍ରଶାସନ ଓ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଭାରତ ବର୍ଷ ସର୍ବଧର୍ମ ସମନ୍ୱୟ ର ପ୍ରତୀକ। ସବୁ ବର୍ଗର ସୁରକ୍ଷା, ସମ୍ମାନ ଓ ସହବସ୍ଥାନ ଜରୁରୀ ବୋଲି ଅଧ୍ୟକ୍ଷ କହିଥିଲେ।ଆମ ଦେଶର ଗଣତନ୍ତ୍ର ରେ ସଂଖ୍ୟାଲଘୁ ମଧ୍ୟ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ହୋଇଛନ୍ତି। ତେଣୁ ସମସ୍ତଙ୍କୁ ସମାନତା ଆମ ସମ୍ବିଧାନର ମହତ୍ୱ।ଦେଶରେ ପ୍ରଣୟନ ଯୋଜନା ସମସ୍ତଙ୍କ ପାଇଁ। ଏପରିକି ସଂଖ୍ୟାଲଘୁ ଙ୍କ ପାଇଁ ଅତିରିକ୍ତ ଯୋଜନା ର ମଧ୍ୟ ବ୍ୟବସ୍ଥା ହୋଇଛି।ଏହାର ସୁବିଧା ସୁଯୋଗ ସେମାନେ ନେବା ସହ ପ୍ରଶାସନ ମଧ୍ୟ ସଂଖ୍ୟାଲଘୁ ଙ୍କ ପାଇଁ ଥିବା ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଓ ସେମାନଙ୍କ ନିକଟରେ ଯୋଜନା ପହଂଚାଇବାକୁ ସେ ପରାମର୍ଶ ଦେଇଥିଲେ।ବିଭିନ୍ନ ସମ୍ପ୍ରଦାୟର ପ୍ରତିନିଧିମାନେ ଯୋଗ ଦେଇ ନିୟମିତ ଭାବେ ବୈଠକ ଆୟୋଜନ ସହ ଉପୁଜୁଥିବା ସମସ୍ୟା ର ସମାଧାନ,ଆବଶ୍ୟକତା ପୂରଣ ଇତ୍ୟାଦି ସମ୍ପର୍କରେ ଆଲୋକପାତ କରିଥିଲେ।ଜିଲ୍ଲା ପ୍ରଶାସନ ଏଥି ପ୍ରତି ପଦକ୍ଷେପ ନେବାକୁ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ ଶରତ ଚନ୍ଦ୍ର ମହାପାତ୍ର ସମସ୍ତଙ୍କୁ ସ୍ୱାଗତ ସହ ଜିଲ୍ଲାରେ ସଂଖ୍ୟାଲଘୁ ମାନଙ୍କ ସ୍ଥିତି,ସେମାନଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ବିଷୟରେ ଅବଗତ କରାଇବା ସହ ପ୍ରଶାସନ ସେମାନଙ୍କ ସହ ସବୁ ସମୟରେ ରହିଛି ବୋଲି କହିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି ଜିଲ୍ଲାରେ ଥିବା ସଂଖ୍ୟାଲଘୁ ମାନଙ୍କ ସମ୍ପର୍କରେ ଆଲୋଚନା କରିଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଅତିରିକ୍ତ ଏସ ପି ସୁଶୀଲ କୁମାର ମିଶ୍ର, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ବିଭିନ୍ନ ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରତିନିଧି ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।ଶେଷରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ତ୍ରିଦିବସୀୟ ରାଜ୍ୟସ୍ତରୀୟ ଜୁନିୟର ରେଡ଼କ୍ରସ କାଉନସେଲର ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ସମ୍ବଲପୁର,୨୭/୩ (ନି.ପ୍ର): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସମ୍ବଲପୁର ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଜୁନିୟର ରେଡ଼କ୍ରସ କାଉନସେଲର ପ୍ରଶିକ୍ଷଣ ଶିବିର ସ୍ଥାନୀୟ ବୁଢାରଜା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଜୁନିୟର ରେଡ଼କ୍ରସ ଅଫିସର ବିଶ୍ୱାମିତ୍ର ଦୀପଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ଉଦଘାଟିତ ହୋଇଯାଇଛି। ସ୍ୱାସ୍ଥ୍ୟ, ସେବା ଓ ବିଶ୍ୱ ବନ୍ଧୁତାର ବାର୍ତ୍ତା ବହନ କରୁଥିବା ଏହି ପ୍ରଶିକ୍ଷଣର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ଯୋଗଦେଇ ରେଡ଼କ୍ରସ ପତାକା ଉତୋଳନ କରିବା ସହିତ ପ୍ରଶିକ୍ଷାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇ ବିଦ୍ୟାଳୟ ସ୍ତରରେ ପ୍ରଶିକ୍ଷିତ ଜ୍ଞାନକୁ ପ୍ରୟୋଗ କରିବା ପାଇଁ ଉତ୍ସାହିତ କରିଥିଲେ। ଉକ୍ତ ଶିବିର ବୁଢ଼ାରଜା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀଙ୍କ ତତ୍ୱାବଧାନରେ ପରିଚାଳିତ ହୋଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏଡ଼ସ ନୋଡାଲ ଅଫିସର ଡ.ସଞ୍ଜୀବ କୁମାର ତିରିଆ, ଭୀମସାର ବୁର୍ଲାର ଏଚ. ଆଇ. ଭି. କାଉନସେଲର ରୋଜାଲିନ ପଣ୍ଡା, ଆନ୍ତର୍ଜାତୀୟ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷକ ସୁମନ୍ତ ଦ୍ୱିବେଦୀ, ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷିକା ସୁଜାତା ପଟ୍ଟନାୟକ ପ୍ରମୁଖ ମଂଚାସୀନ ହୋଇଥିଲେ। ପ୍ରଥମ ଦିବସ କାର୍ଯ୍ୟକ୍ରମରେ ଡ. ତିରିଆ ଏବଂ ଶ୍ରୀମତୀ ପଣ୍ଡା ଏଚ. ଆଇ. ଭି.-ଏଡ୍ସ ସମ୍ବନ୍ଧରେ ସବିଶେଷ ପ୍ରଶିକ୍ଷଣ ପ୍ରଦାନ କରିଥିବାବେଳେ ଶ୍ରୀ ଦ୍ୱିବେଦୀ ପ୍ରାଥମିକ ଉପଚାର ଏବଂ ସିପିଆର ଦିଆଯିବାର ପ୍ରକ୍ରିୟା ପ୍ରଦର୍ଶନ କରିଥିଲେ। ବରିଷ୍ଠ କାଉନସେଲର ପଙ୍କଜିନୀ ନାୟକଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ସମ୍ବଲପୁର ଜିଲ୍ଲାର ସମସ୍ତ ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ମୋଟ ୭୦ ଜଣ କାଉନସେଲର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜୁନିୟର ରେଡ଼କ୍ରସ କାଉନସେଲର ଆନନ୍ଦ ଡନସନା, ପ୍ରତାପ ସେନାପତି, ସତ୍ୟନାରାୟଣ ପଣ୍ଡା, ରାଜାରାମ ପଣ୍ଡା, ତ୍ରିବିକ୍ରମ ରଣା, ବିକାଶ ସାହୁଙ୍କ ସମେତ ବୁଢ଼ାରଜା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ।

# ସମ୍ବଲପୁରରେ ବରିଷ୍ଠ ନାଗରିକଙ୍କ ତୀର୍ଥ ଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

ସମ୍ବଲପୁର,୨୭/୩ (ନି.ପ୍ର): ସମ୍ବଲପୁରରେ ବରିଷ୍ଠ ନାଗରିକଙ୍କ ତୀର୍ଥ ଯାତ୍ରା ଯୋଜନା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଏସଏସଏ ସମ୍ମିଳନୀ କକ୍ଷ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆହୁତ ବୈଠକ ଜିଲ୍ଲାପାଳ, ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। 'ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା' ଅନ୍ତର୍ଗତ ଏବେ ସମ୍ବଲପୁରରୁ ଅଯୋଧ୍ୟା-ବାରଣାସୀ ଅଭିମୁଖେ ଆଗାମୀ ମାର୍ଚ୍ଚ ୨୯ ତାରିଖରୁ ଯାତ୍ରା ଆରମ୍ଭ ହେବ। ସମ୍ବଲପୁରରୁ ଯିବାକୁ ଥିବା ୭୭୫ ଜଣ ଯାତ୍ରୀଙ୍କ ଯାତ୍ରା ପାଇଁ ଆଶ୍ରୟସ୍ଥଳୀର ବ୍ୟବସ୍ଥା କରାଯାଇଛି। ସେଥିରେ ସମ୍ବଲପୁର ଜିଲ୍ଲାରୁ ୮୯ ଯାତ୍ରୀ ସାମିଲ ଅଟନ୍ତି। ସୂଚନାନୁଯାଇ ଯାତ୍ରୀ ମାନଙ୍କ ପାଇଁ ଖାଦ୍ୟ, ପାନୀୟ, ଏବଂ ଆଶ୍ରୟସ୍ଥଳୀର ବ୍ୟବସ୍ଥା କରାଯାଇଛି। ସମ୍ବଲପୁରର ୮୯ ଜଣ, ସୁବର୍ଣ୍ଣପୁରର ୫୨ ଜଣ ଓ ଦେଓଗଡ଼ର ୨୭ ଜଣ ଯାତ୍ରୀଙ୍କ ପାଇଁ ସମ୍ବଲପୁରର ପାନ୍ଥନିବାସ ଠାରେ ବ୍ୟବସ୍ଥା ହୋଇଛି । ସମ୍ବଲପୁର ରେଲୱେ ତାଲିମ୍ କେନ୍ଦ୍ରଠାରେ ଅନୁଗୁଳର ୧୦୯ ଜଣ ଯାତ୍ରୀଙ୍କ ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ସମ୍ବଲପୁର ରେଲୱେ କମ୍ୟୁନିଟି ହଲଠାରେ ଝାରସୁଗୁଡ଼ାର ୫୦ ଜଣ, ସୁନ୍ଦରଗଡ଼ର ୧୮୦ ଜଣ, ବଲାଙ୍ଗୀରର ୧୪୧ ଜଣ ଯାତ୍ରୀଙ୍କ ପାଇଁ ବ୍ୟବସ୍ଥା ହୋଇଛି । ସେହିପରି ସମ୍ବଲପୁର କ୍ଷେତରାଜପୁର ସ୍ଥିତ ମାରୱାଡି ପଂଚାୟତି ଧର୍ମଶାଳା ଠାରେ ବରଗଡର ୧୨୭ ଜଣ ଯାତ୍ରୀଙ୍କ ପାଇଁ ଆଶ୍ରୟସ୍ଥଳୀର ବ୍ୟବସ୍ଥା କରାଯାଇଛି ବୋଲି ଆଜିର ଏହି ପ୍ରସ୍ତୁତି ବୈଠକରୁ ଜଣାପଡ଼ିଛି ।

# ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟାଳୟରେ ଝୁଲୁଛି ତାଲା

କେନ୍ଦ୍ରାପଡ଼ା,୨୭/୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପରିସରରେ ଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ ପୋଗ୍ରାମ ମ୍ୟାନେଜମେଣ୍ଟ କର୍ମଚାରୀ କାର୍ଯ୍ୟାଳୟ ରେ ୧୫ ଦିନ ହେବ ତାଲା ଝୁଲୁଛି । ଓଡିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ନିର୍ଦ୍ଦେଶରେ ଭୁବନେଶ୍ୱର ର ଲୋୟର ପିଏମଜି ଛକରେ ଧାରଣା ଚାଲୁ ଥିବାରୁ ସଂଘର ନିର୍ଦ୍ଦେଶରେ ଏହି କର୍ମଚାରୀ ମାନେ ସେଠାରେ ଯୋଗ ଦେଇ ଗଣ ଧାରଣା ରେ ସାମିଲ ହୋଇଛନ୍ତି । ଜାତୀୟ ସ୍ୱାସ୍ଥ୍ୟ ମିଶନ ପୋଗ୍ରାମ ମ୍ୟାନେଜମେଣ୍ଟ କର୍ମଚାରୀ ମାନଙ୍କର ୨ ଦଫା ଦାବିକୁ ସରକାର ମାନି ନେବା ପାଇଁ କର୍ମଚାରୀ ମାନେ ଧାରଣା ରେ ସାମିଲ ହୋଇଛନ୍ତି । ଯାହା ଫଳରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ରେ ଅଚଳ ଅବସ୍ଥା ଦେଖା ଦେଇଛି । ଏହି ଧାରଣାରେ ସଭାପତି ପ୍ରଶାନ୍ତ କୁମାର ଜେନା, ସଂପାଦକ ଅନିଲ କୁମାର ଧଳ, କୋଷାଧ୍ୟକ୍ଷ ଆଶୁତୋଷ ଜେନା, ଉପଦେଷ୍ଟା ଗୀତାଞ୍ଜଳୀ ଦାସ ଓ ସର୍ବେଶ୍ୱର ପ୍ରଧାନଙ୍କ ସହିତ ସମସ୍ତ କର୍ମଚାରୀ ସାମିଲ ହୋଇଛନ୍ତି ।

# ବାର୍ଷିକ ଉତ୍ସବ ପାଳିତ

ଜୟପୁର,୨୭/୩ (ନି.ପ୍ର): ସରକାରୀ ଉଚ୍ଚବିଦ୍ୟାଳୟ ବଡପଡା ଠାରେ ପ୍ରଥମ ଥର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅମିତାଭ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଗୋଷ୍ଠୀ ଶିକ୍ଷା ସମ୍ପଯୋଜକ ଭାଗିରଥୀ ବାରିକ ଉପସ୍ଥିତ ରହି ୧୯୫୪ ମସିହାରୁ ଏହି ବିଦ୍ୟାଳୟରେ ପ୍ରଥମରୁ ୮ମ ଶ୍ରେଣୀ ଛାତ୍ର ଛାତ୍ରୀ ମାନେ ଅଧ୍ୟୟନ କରୁଥିବା ବେଳେ ପ୍ରଥମଥର ପାଇଁ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଡମ୍ବୁରୁଧର ପଟ୍ଟନାୟକ,ନାଏବ ସରପଂଚ ରାମପ୍ରସାଦ ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଙ୍ଗାଧର ସରାବୁ, ସହକାରୀ ଶିକ୍ଷକ ମନୋଜ ପଟ୍ଟନାୟକ, ଯତୀନ୍ଦ୍ର ନାଥ ଦାସ, ସହ ଶିକ୍ଷୟତ୍ରୀ ଶ୍ରୀଦେବୀ ଚେଟ୍ଟୀ, ରିତାଞ୍ଜଳୀ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ବିଗତ ଦିନରେ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାର କୃତି ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲ। ଶେଷରେ ଶିକ୍ଷକ ମନୋଜ ପଟ୍ଟନାୟକ ମଞ୍ଚ ପରିଚାଳନା କରି ଧନ୍ୟବାଦ ଅର୍ପଣ କରିଥିଲେ।

# ୧୩ ଜଣ ରେଳ କର୍ମଚାରୀ ରେଳ ସେବା ପୁରସ୍କାରରେ ସମ୍ମାନିତ

ଭୁବନେଶ୍ୱର,୨୭/୩ (ନି.ପ୍ର): ଅନୁକରଣୀୟ ସେବା, ନିଷ୍ଠା ଏବଂ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ ପୂର୍ବତଟ ରେଳପଥ ମୁଖ୍ୟାଳୟ ଏବଂ ମଂଚେଶ୍ୱର ରେଳଡବା ମରାମତି କାରଖାନାର ୧୩ ଜଣ ରେଳ କର୍ମଚାରୀଙ୍କୁ ପ୍ରତିଷ୍ଠିତ ରେଳ ସେବା ପୁରସ୍କାର ୨୦୨୪ ରେ ସମ୍ମାନିତ କରାଯାଇଛି । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଏହି ଅବସରରେ ଯୋଗ ଦେଇ କର୍ମଚାରୀମାନଙ୍କୁ ସେମାନଙ୍କ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଓ କାର୍ଯ୍ୟଦକ୍ଷତା ପାଇଁ ପୁରସ୍କାର ପ୍ରଦାନ କରିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଶ୍ରୀ ଫୁଙ୍କୱାଲ କହିଛନ୍ତି ଯେ, ଉତ୍ସର୍ଗୀକୃତ କର୍ମଚାରୀମାନେ ରେଳ ବ୍ୟବସ୍ଥାର ମେରୁଦଣ୍ଡ ଅଟନ୍ତି । ସେମାନଙ୍କର କଠିନ ପରିଶ୍ରମ, ପ୍ରତିବଦ୍ଧତା ଏବଂ ଉତ୍କର୍ଷତା ଆମ ସମସ୍ତଙ୍କୁ ଅଧିକ ଉଚ୍ଚତା ହାସଲ କରିବାକୁ ପ୍ରେରଣା ଦେଇ ଆସୁଅଛି । ମହାପ୍ରବନ୍ଧକ ମଧ୍ୟ ପୁରସ୍କାର ବିଜେତାମାନଙ୍କୁ ନିଷ୍ଠାପର ସେବା ଏବଂ ନବସୃଜନର ମନୋଭାବ ବଜାୟ ରଖିବାକୁ ପରାମର୍ଶ ଦେଇଛନ୍ତି ।

# ମହିଳାଙ୍କୁ ନିର୍ଯ୍ୟାତନା ନେଇ ଅଭିଯୋଗ

ଜୟପୁର,୨୭/୩ (ନି.ପ୍ର): ମହିଳାଙ୍କୁ ନିଯ୍ୟାତନା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । ଦୁଇଟି ମହିଳା ଅଭିଯୋଗ କରିଛନ୍ତି । ପୋଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଜୟପୁର ସହର ବିଜୁରାଜନଗରରେ ରହୁଥିବା ନବନିତା ବେନିଆ ଲିଖିତ ଅଭିଯୋଗ କରିଛନ୍ତି । ତାଙ୍କ ଅଭି ଯୋଗ ପତ୍ର ରେ ଉଲ୍ଲେଖ କରିଛନ୍ତି ଯେ ସେ ନରେନ୍ଦ୍ର ବେନିଆକୁ ବିବାହ କରିଥିଲେ । ଏମାନଙ୍କର ୨ଟି ଶନ୍ତାନ ରହିଛି । ନରେନ୍ଦ୍ର ସବୁ ଦିନ ଶାରିରିକ ଓ ମାନସିକ ନିଯ୍ୟାତନା ଦେଉଥିବ ନେଇ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସେହିପରି ମହିଳାଙ୍କୁ ଶାରିରିକ ମାନସିକ ନିଯ୍ୟାତନା ସହ ଯୌତୁକ ନିଯ୍ୟାତନା ନେଇ ଜୟପୁର ମହିଳା ଥାନାରେ କୋରାପୁଟ ଅଂଚଳର ବିମଳା ହରିଜନ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ର ରେ ଉଲ୍ଲେଖ କରିଛନ୍ତି ଯେ ସେ ୨୦୧୬ ମସିହାରେ ଖିରଣ ଖୁରାକୁ ବିବାହ କରିଥିଲେ । ବର୍ତ୍ତମାନ ଶାଶୁ ଓ ସ୍ୱାମୀ ମିଶି ଯୌତୁକ ନିଯ୍ୟାତନା ଦେଉଥିବା ନେଇ ଅଭି ଯୋଗ କରିଛନ୍ତି ।

# ଦକ୍ଷିଣପ୍ରହରାଜପୁର ଗ୍ରାମ ପଞ୍ଚାୟତରୁ ଏଲଇଡି ଟିଭି ସହିତ ମୂଲ୍ୟବାନ ଆସବାପତ୍ର ଚୋରି



ଜଳେଶ୍ୱର , ୨୭/୩ (ନି.ପ୍ର): ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଏବେ ଚୋର ମାନଙ୍କର କବଜାରେ ଗତ ୧ ବର୍ଷ ମଧ୍ୟରେ ଜଳେଶ୍ୱର ବ୍ଲକର ପାଖା ପାଖି ୧୦ରୁ ଉର୍ଦ୍ଧ୍ୱ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରୁ ମୂଲ୍ୟବାନ ଏଲଇଡି ଟିଭି ଆସବା ପତ୍ର ଚୋରି ହୋଇଛି ଏ ନେଇ ସ୍ଥାନୀୟ ପୋଲିକ ଓ ଡୋଗ ସ୍କ୍ୱାଡ ତଦନ୍ତ ଜାରି ରଖିଛି ବିଗତ ଦିନରେ ଖୁଆଡ୍, କଳମା, ଗୋବରଘାଟା, ଶ୍ରୀରାମପୁର, ମହମ୍ମଦନଗରପାଟଣା , ଖୁଦୀଆମାଝୀ ସାହି, ଆରୁହା, କୋଟସାହି, ସାଙ୍ଗକୁ ବିଭିନ୍ନ ଗ୍ରାମ ପଞ୍ଚାୟତରେ ଚୋରି ହୋଇ ଥିବା ବେଳେ ଗତ ରାତିରେ ଦକ୍ଷିଣ ପ୍ରହରାଜପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରୁ ଏଲଇଡି ଟିଭି ସାଙ୍ଗକୁ ଅନ୍ୟାନ ମୂଲ୍ୟବାନ ଜିନିଷଚୋରି ହୋଇ ଥିବାର ରାଇବଣିଆ ଥାନରେ ସରପଞ୍ଚ ପଦ୍ମାବତୀ ବେହେରା ଲିଖିତ ଅଭିଯୋଗ କରିଛନ୍ତି। ରାଇବଣିଆ ପୋଲିସ ଏ ଦିଗରେ କେତେ ସଫଳ ହେଉଛନ୍ତି ତାହା ତଦନ୍ତ ପରେ ଜଣାପଡ଼ିବ। ଏହି ପରି ଜଳେଶ୍ୱର ଅଞ୍ଚଳରେ ବିଭିନ୍ନ ପଞ୍ଚାୟତରୁ ଚୋରି ହୋଇଥିବା ଚୋରଙ୍କୁ ଧରାନଗଲେ ପୋଲିସ ପ୍ରତି ସାଧାରଣ ଲୋକଙ୍କ ବିଶ୍ୱାସ ଓ ଭରଷା ଉଠିଯିବ । କାରଣ ସରକାରୀ ଜିନିଷ ଚୋରି କରୁଥିବା ଚୋରଙ୍କୁ ଧରିବାରେ ବିଫଳ ପୋଲିସ ସାଧାରଣ ଲୋକଙ୍କୁ ପୋଲିସ କିପରି ନ୍ୟାୟ ଦେବେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ଏ ନେଇ ଜଳେଶ୍ୱର ଏସଡିପିଓ ଦିଲ୍ଲୀପ କୁମାର ସାହୁଙ୍କୁ ପଚାରିବାରୁ ଚୋରଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରହିଛି ।

# ପି ଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା




ବାସୁଦେବପୁର, ୨୭/୩ (ନି.ପ୍ର): ପିଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରାଜ କିଶୋର ମଲ୍ଲିକ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମୀୟ କୁମାର ମହାଳିକ, ବିନା ୟକପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ପାତ୍ର,ବିଦ୍ୟାଳୟ ପରିଚାଳନା କମିଟିର ପ୍ରାକ୍ତନ ସଭାପତି ରବି ନାରାୟଣ ଦାସ । ସମସ୍ତ ଅତିଥି ଏହି ଉତ୍ସବରେ ଯୋଗ ଦେଇଥିଲେ ଓ ଛାତ୍ରୀ ମାନଙ୍କୁ ଖୁବ୍ ସୁନ୍ଦର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଶିକ୍ଷକ ଶିକ୍ଷୟତ୍ରୀ ଜ୍ଞାନେଶ ଚନ୍ଦ୍ର ସାହୁ, କନକ ଲତା ଦାସ, ଖେଳ ଶିକ୍ଷକ ରମାକାନ୍ତ ବାରିକ, ଦମୟନ୍ତୀ ପାଢ଼ୀ, ସୌମ୍ୟା ସୁଚରିତା ବାରିକ, ମହେଶ୍ୱର ରାଉତ,ରତିକାନ୍ତ ସାହୁ, ପ୍ରଣୟ କୁମାର ମହାପାତ୍ର, ପ୍ରକାଶ ଖଟୁଆ, ଶିକ୍ଷା କର୍ମଚାରୀ ପ୍ରଶାନ୍ତ ମିଶ୍ର, ସଂଜୁଲତା ବାରିକ ପ୍ରମୁଖ ଯୋଗ ଦେଇଥିଲେ ଓ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ଏହି ବିଦ୍ୟାଳୟଟି ବାସୁଦେବପୁର ପୌର ପାଳିକାର ପ୍ରଥମ ପି ଏମ ଶ୍ରୀ ମାନ୍ୟତା ପାଇ ଥିବାରୁ ଏହି ଅବସରରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉତ୍ସବ ଅନୁଷ୍ଠିତ ହୋଇ ଥିଲା।

# ଆତ୍ମସମୀକ୍ଷା କରୁ କଂଗ୍ରେସ: ମନମୋହନ ସାମଲ

ଭୁବନେଶ୍ୱର, ୨୭/୩ (ନି.ପ୍ର): ରାଜ୍ୟରେ ବିଧାନସଭାକୁ ନେଇ କିଛି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। କୌଣସି ପ୍ରସଙ୍ଗ ନ ଥାଇ ଅପ୍ରସଙ୍ଗକୁ ପ୍ରସଙ୍ଗ କରିବାକୁ ଅପଚେଷ୍ଟା କରୁଛି କଂଗ୍ରେସ। ପବିତ୍ର ବିଧାନସଭାରେ ମର୍ଯ୍ୟାଦାର ଉଲ୍ଲଂଘନ କରାଯାଇଛି। ବାଚସ୍ପତିଙ୍କୁ ଯେଉଁଭଳି ବ୍ୟବହାର ପ୍ରଦର୍ଶନ କରାଗଲା, ତାହା ମଧ୍ୟ କୌଣସି ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ପାଖରୁ ଆଶା ଓ ଅପେକ୍ଷା କରାଯାଇପାରିବ ନାହିଁ। ଗଠନମୂଳକ ପ୍ରସ୍ତାବ ଦେବା ବା ସମାଲୋଚନା କରିବାକୁ ବିରୋଧୀ ଦଳକୁ କେହି ମନା କରିନାହାଁନ୍ତି। ଏଥିପାଇଁ ସହଯୋଗ ଓ ବିରୋଧ ମଧ୍ୟ ଗଠନମୂଳକ ହେବା ଦରକାର। ବିଭିନ୍ନ ବିଷୟରେ ସରକାରଙ୍କୁ ଗଣତନ୍ତ୍ରରେ ସମାଲୋଚନା କରାଯାଏ। ବିରୋଧୀ ଦଳ ଯଦି ଠିକ୍ କଥା କହୁଛି କିମ୍ବା ସରକାରଙ୍କ କୌଣସି ଭୁଲ୍ ଥିଲେ ଏହାର ସଂଶୋଧନ କରିବା ପାଇଁ ମନା ନାହିଁ। ତେବେ କୌଣସି ଆଧାର ଓ ବିଷୟବସ୍ତୁ ନ ଥାଇ ବିରୋଧୀ ଦଳ ଯେପରି ଆଚରଣ ପ୍ରଦର୍ଶନ କରୁଛି, ତାହା ଅତ୍ୟନ୍ତ ନିନ୍ଦନୀୟ। ସରକାର ବିଧାନସଭାରେ ସବୁ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ ଥିଲାବେଳେ ବିରୋଧୀ ଦଳ କେବେଳ ମିଛ ଅପପ୍ରଚାର କରି 'ସର୍ଟକଟ୍ ରାଜନୀତି' କରିବାକୁ ଚେଷ୍ଟା କରୁଛି। ଆଲୋଚନ ନ କରି ପ୍ରଶ୍ନୋତର କାର୍ଯ୍ୟକ୍ରମରେ ହୋ-ହଲ୍ଲା କରିବା ସହ ଗୃହର ମଧ୍ୟଭାଗରେ ଘଂଟ ବାଡେଇ ବାଧା ସୃଷ୍ଟି କରିଥିଲା। ଏଥିରେ ସମ୍ପୃକ୍ତ ବିଧାୟକମାନଙ୍କୁ ନିଲମ୍ବିତ କରାଯିବା ପରେ ସେମାନେ ଏବେ ଗୁଣ୍ଡାଗର୍ଦ୍ଦି କରୁଛନ୍ତି। ସେଥିରୁ ଜଣାପଡୁଛି ବିରୋଧୀ ଦଳ ନିଜର ଭୂମିକା ଏପର୍ଯ୍ୟନ୍ତ ବୁଝିପାରିନାହାଁନ୍ତି। ଏପରିକି ନିଜ ଦାୟିତ୍ୱ ନିର୍ବାହ କରିବାକୁ ସେମାନେ ଏପର୍ଯ୍ୟନ୍ତ ମାନସିକସ୍ତରରେ ପ୍ରସ୍ତୁତ ମଧ୍ୟ ନୁହଁନ୍ତି। ଏବେବି ସେମାନେ ସରକାରରେ ରହିଛନ୍ତି ବୋଲି ବୋଧହୁଏ ଭାବୁଛନ୍ତି।

# ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିରରେ ଅଭିଯୋଗ: ଜାଲ୍ ଜାତି ସାର୍ଟିଫିକେଟ ବଳରେ ଚାକିରି ଅଭିଯୋଗର କାର୍ଯ୍ୟାନୁଷ୍ଠାନ ହେଉନାହିଁ

ଜଳେଶ୍ୱର, ୨୭/୩ (ନି.ପ୍ର): ଜଳେଶ୍ୱର ବ୍ଲକ ମହମ୍ମଦ ନଗର ପାଟଣା ପଞ୍ଚାୟତର ଚକରଡା ଗ୍ରାମର ବିଷ୍ଣୁପ୍ରିୟା ମଣ୍ଡଳ ନାମକ ଜଣେ ମହିଳା ଜାଲ ଜାତି ପ୍ରମାଣପତ୍ର ବଳରେ ଚାକିରି କରିଛନ୍ତି ବୋଲି ପ୍ରଶାସନ ନିକଟରେ ଅଭିଯୋଗ କରା ଯାଇଥିଲେ ମଧ୍ୟ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ବାଲେଶ୍ୱର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି।୨୪ ତାରିଖ ଜଳେଶ୍ୱର ବ୍ଲକ ପରିସରରେ ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନ ଶୁଣାଣି ଶିବିରରେ ଏହି ଅଭିଯୋଗ ଆଣିଛନ୍ତି ସେହି ଚକରଡା ଗ୍ରାମର ରଞ୍ଜନ କୁମାର ମାଝୀ।ରଞ୍ଜନଙ୍କ ଅଭିଯୋଗ ଅନୁଯାୟୀ ଗତ ୨୦୨୪ ମସିହା ଡିସେମ୍ବର ୯ ତାରିଖରେ ସେ ଜିଲ୍ଲାପାଳଙ୍କ ଜନ ଶୁଣାଣି ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରିଥିଲେ କି ବିଷ୍ଣୁପ୍ରିୟା ଜାଲ ଜାତିଗତ ପ୍ରମାଣପତ୍ର ବଦଳରେ ଶିକ୍ଷୟିତ୍ରୀ ଚାକିରି ହାତେଇଛନ୍ତି।ଏହି ଅଭିଯୋଗ ଆଧାରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ତଦନ୍ତର ରିପୋର୍ଟ ପତ୍ର ସଙ୍ଖ୍ୟା ୪୯୯ ତା ୧୧.୨.୨୫ ରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରଦାନ କରାଯାଇଥିଲା।ହେଲେ ଏହି ତଦନ୍ତ ରିପୋର୍ଟ ଆଧାରରେ ଆଇନ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି ରଞ୍ଜନ ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି।ତେବେ ରଞ୍ଜନଙ୍କ ଏହି ଅଭିଯୋଗ ଯଦି ସତ୍ୟ ହୋଇଥାଏ ତେବେ ବିଷ୍ଣୁପ୍ରିୟାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଉନି ଓ ଯଦି ଅଭିଯୋଗର ସତ୍ୟତା ନାହିଁ ତେବେ ବିଷ୍ଣୁପ୍ରିୟାଙ୍କୁ କ୍ଲିନଚିଟ ଦେବାକୁ ସାଧାରଣରେ ଦାବି ହୋଇଛି।

# ଆଉ ନାହାନ୍ତି ଶତାୟୁ ପୁରୁଷ କ୍ଷୀରୋଦ ଚନ୍ଦ୍ର ମହାନ୍ତ



ବେତନଟୀ , ୨୭/୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଶାମାଖୁଣ୍ଟା ବ୍ଲକର ଭାଲୁକି ଗ୍ରାମ ନିବାସୀ ବିଶିଷ୍ଟ ସମାଜସେବୀ କ୍ଷୀରୋଦ ଚନ୍ଦ୍ର ମହାନ୍ତ ଗତ ୨୬ ତାରିଖ ଦିନ ଅପରାହ୍ନ ୧୩ଘଣ୍ଟା ୪୦ ମିନିଟ ସମୟରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କୁ ୧୦୩ ବର୍ଷ ବୟସ ହୋଇଥିଲା । ସେ ଜଣେ ଉଦାରମନା, ସରଳ ଓ ନିଷ୍କପଟ ମଣିଷ ଥିଲେ । ଶାମାଖୁଣ୍ଟା ଅଞ୍ଚଳରେ ସେ ଖଗେନ ଭାଇ ନାମରେ ପରିଚିତ ଥିଲେ । ୧୯୭୦ ମସିହାରେ ସେ 'ଭାଲୁକି ମହୋତ୍ସବ ' ଆରମ୍ଭ କରିଥିଲେ ଯାହା ଏବେ ମଧ୍ୟ ଶାମାଖୁଣ୍ଟା ବ୍ଲକର ସବୁଠାରୁ ବଡ ମହୋତ୍ସବ ଭାବରେ ପାଳିତ ହେଉଛି । ଖଗେନ ଭାଇ ନିଜେ ଚାଟଶାଳୀରେ ପାଠ ପଢ଼ିଥିଲେ ମଧ୍ୟ ନିଜ ଗ୍ରାମ ତଥା ନିଜ ଅଞ୍ଚଳରେ ଶିକ୍ଷାର ବିକାଶ କଥା ଚିନ୍ତା କରି ୧୯୮୦ ମସିହାରେ ନିଜର ତିନି ଏକର ବାସ୍ତରୀ ଡେସିମିଲ ଜାଗା ଦାନ କରି ଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ କରିଥିଲେ । ତାହା ଆଜି ସରକାରୀ ମାନ୍ୟତା ପାଇ 'କ୍ଷୀରୋଦ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ଭାଲୁକି 'ନାମରେ ପରିଚିତ ହୋଇଛି । ଏହି ଉଚ୍ଚ ବିଦ୍ୟାଳୟ ବର୍ତ୍ତମାନ ଶାମାଖୁଣ୍ଟା ବ୍ଲକରେ ଶିକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାଜିଛି । ଖଗେନ ଭାଇଙ୍କ ଏହି ଅବଦାନ ତାଙ୍କୁ ଅମର କରି ରଖିବ । ଖଗେନ ଭାଇଙ୍କ ଜନ୍ମ ୧୯୨୨ ମସିହା ଫେବୃଆରୀ ମାସ ୨୦ତାରିଖ ଦିନ । ଦୀର୍ଘ ଦିନ ଧରି ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥାଇ ନିଜ ବାସଭବନରେ ହିଁ ଚିକିତ୍ସିତ ହେଉଥିଲେ । ତାଙ୍କ ବିୟୋଗରେ ତାଙ୍କ ପରିବାର ଓ ଭାଲୁକି ତଥା ଅସନବଣୀ ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ତିନି ପୁତ୍ର ଅଲେଖ, ଶଶାଙ୍କ, ପରିମଳ ଓ କନ୍ୟା ମହିମା ଉପସ୍ଥିତ ଥିଲେ । ସେ 'ଅଲେଖ ଧର୍ମ ' ଗ୍ରହଣ କରିଥିବାରୁ ସେହି ଧର୍ମର ନୀତି ଓ ନିୟମ ଅନୁସାରେ ତାଙ୍କର ଶବ ସତ୍କାର କରାଯାଇଛି ।

GOVERNMENT OF ODISHA "e" PROCUREMENT NOTICE
Bid Identification No. 26 of 2024-25 Dt. 26.03.2025
****************************************

The Executive Engineer RWS&S Division, Balangir on behalf of Governor of Odisha invites Percentage bid through e - Procurement in Single cover system according to norm of e - Procurement system in online mode for the different work in different blocks under Balangir District.

01. Nature of Work: - Supply all materials, labour, T&P, erection, testing and commissioning of external power supply for different Rural Piped Water Supply Schemes under Balangir District.

02. Total No of work : - 08 Nos.

03. Estimated Cost : - Rs. 10.42 to 19.68 Lakh

04. Eligible Class of Contractor: - "H.T "Electrical License Holder Contractor.

05. Period of Completion: - 45 days.

06. Other Details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, RWSS Division, Balangir | 26 of 2024-25 | Dt. 05.04.2025 At. 11.00 Hrs | Dt. 15.04.2025 Up to. 17.00 Hrs |

Further details can be had in the DTCN available in the website www.tendersodisha.gov.in

OIPR: 25033/11/0016/2425

Superintending Engineer
RWS &S Division, Balangir

# ବଜ୍ରପାତକୁ ରୋକିବାପାଇଁ ଲାଗିଲାଣି ୧୯ଲକ୍ଷ ତାଳ ଗଛ ଚାରା

ଭୁବନେଶ୍ୱର, ୨୭/୩ (ନି.ପ୍ର): ବ୍ରଜପାତରୁ ସୁରକ୍ଷା ପାଇଁ ଜଙ୍ଗଲ, ପରିବେଶ ଓ ଜଳବାୟୀ ପରିବର୍ତ୍ତନ ବିଭାଗ ତରଫରୁ ୨୦୨୪-୨୫ ଆର୍ଥିକ ବର୍ଷରେ ତାଳ ଗଛ ଚାରା ରୋପଣ ପାଇଁ ହୋଇଥିବା ଯୋଜନାରେ ବର୍ତ୍ତମାନ ସୁଦ୍ଧା ୫୧ଟି ବନଖଣ୍ଡରେ ୧୯ଲକ୍ଷ ତାଳ ଗଛ ଚାରା ରୋପଣ କରାଯାଇଛି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତରରେ ଏହି ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଏହି ଯୋଜନାରେ ଦୁଇ ବର୍ଷ ଯଥା ୨୦୨୪-୨୫ ଏବଂ ୨୦୨୫-୨୬ ବର୍ଷ ପାଇଁ ୭କୋଟି ୫୯ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥବଲା । ବଜ୍ରପାତକୁ ରୋକିବାପାଇଁ ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ୨୩ଲକ୍ଷ ତାଳଗଛ ଚାରା ରୋପଣ ପାଇଁ ୭.୫୯କୋଟି ଟଙ୍କା ପ୍ରଦାନ କରାଯାଥିଲା । ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଲଗାଯାଇଥିବା ତାଳଗଛ ଚାରା ମଧ୍ୟରୁ ସର୍ବାଧିକ ୧ଲକ୍ଷ ଚାରା କଳାହାଣ୍ଡି ଦକ୍ଷିଣ ବନଖଣ୍ଡରେ ଲଗାଯାଇଥିବାବେଳେ ନଗୟୟାଗଡ ଓ ସୁନ୍ଦରଗଡର ବଣାଇ ବନଖଣ୍ଡରେ ୮୦ହଜାର କରି ତାଳଗଛ ଚାରା ଲଗାଯାଇଛି । ସବୁଠାରୁ କମ ମାତ୍ର ୧ହଜାର ତାଳ ଚାରା କଟକ ସିଟି ବନଖଣ୍ଡରେ ଲଗାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଅଧାରେ ଅଟକିଲା...

ପରିସ୍ଥିତି ଶାନ୍ତ ପଡିଥିଲା । ରେଡକ୍ରସରୁ ୩୦ ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯାଇଥିବାବେଳେ ତଦନ୍ତ ପରେ ଡାକ୍ତରଙ୍କ ଅବହେଳା ସାମ୍ନାକୁ ଆସିଲେ,କାର୍ଯ୍ୟାନୁଷ୍ଠାନ ନିଆଯିବାର ପ୍ରତିଶ୍ରୁତି ଦେଇଛନ୍ତି ଉପଜିଲ୍ଲାପାଳ। ଅନ୍ୟପଟେ ଘଟଣା ନେଇ ଶୋକ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ । ଏଥିସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରିଛନ୍ତି । ସୂଚନାଯୋଗ୍ୟ, ଗତକାଲି ଅପରାହ୍ଣରେ ହୋମଗାର୍ଡ ଚାକିରୀ ପାଇଁ ଶାରୀରିକ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ ସାହେବ । ସେ ଦୌଡରେ ଅଂଶଗ୍ରହଣ କରି ଦୌଡିବା ସମୟରେ ହଠାତ୍ ଗୁରୁତର ହୋଇ ତଳେ ପଡିଯାଇଥିଲେ । ପୋଲିସ ତାଙ୍କୁ ଉଦ୍ଧାରକରି ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା । ଏହାପରେ ଚିକିତ୍ସା ଚାଲିଥିବା ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉତ୍ତେଜନା ଦେଖିବାକୁ ମିଳିଥିଲା । ଅପରପକ୍ଷେ ଚାକିରୀ ଆଶାରେ ଆସିଥିବା ରୋଜଗାରିଆ ପୁଅକୁ ହରାଇ ଦୁଃଖ ଭାଙ୍ଗି ପଡିଛନ୍ତି ପରିବାର ଲୋକେ । ତେଣୁ ମୃତ୍ୟୁବରଣ କରିଥିବା ସାହେବର ପରିବାର ଲୋକଙ୍କୁ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି ।

### ଲୋୟର ପିଏମଜି ...

ଲୋୟର ପିଏମଜିରେ ବଡ ଧରଣର ସଭା ପରେ କଂଗ୍ରେସ କର୍ମୀମାନେ ବିଧାନସଭା ଆଡକୁ ଅଗ୍ରସର ହୋଇଥିଲେ। ୧୬୩ ଧାରା ଭାଙ୍ଗିବାକୁ ପୋଲିସ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ପ୍ରଥମେ ଧସ୍ତାଧସ୍ତି ହୋଇଥିଲା । ନାରୀ ସୁରକ୍ଷା ପ୍ରସଙ୍ଗରେ ବିଧାନସଭା ଘେରାଉ ପାଇଁ ଯାଇଥିବା ଶତାଧିକ କଂଗ୍ରେସ କର୍ମୀ ହଠାତ ପୋଲିସର ପ୍ରଥମ ସୁରକ୍ଷା ବଳୟ ଭାଙ୍ଗି ବିଧାନସଭା ଅଭିମୁଖେ ବଢ଼ିଥିଲେ। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ରାଜ୍ୟବାସୀଙ୍କୁ ଆହ୍ୱନ ଦେଇ କହିଥିଲେ ଯେ, ଓଡ଼ିଶାର ନାରୀ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ କଂଗ୍ରେସ ତା'ର ଆନ୍ଦୋଳନ ଜାରି ରଖିବ। ରାଜ୍ୟରେ ବିଜେପି ସରକାର ସମୟରେ ପ୍ରତିଦିନ ୮ ଜଣ ମହିଳା ଧର୍ଷିତା ହେଉଛନ୍ତି। ରାଜ୍ୟରେ ୪୪,୮୨୪ ମହିଳା ଓ ଅପ୍ରାପ୍ତ ବୟସ୍କା ଛାତ୍ରୀମାନେ ନିଖୋଜ ଅଛନ୍ତି। ଏ ସରକାର ସେମାନଙ୍କ ପ୍ରତି ଟିକେ ଚିନ୍ତା ନାହିଁ। ରାଜ୍ୟରେ ଘଟିଯାଇଥିବା ଏବଂ ଘଟୁଥିବା ଧର୍ଷଣ ଓ ଗଣଧର୍ଷଣ କୁ ତଦନ୍ତ କରିବା ପାଇଁ କଂଗ୍ରେସ ବିଧାୟକ ଦଳ ଏକ ଗୃହ କମିଟି ଦାବି କଲା। ଏହାର କ'ଣ ଆମର ଭୁଲ ଥିଲା କି ? ଦୀର୍ଘ ଦିନ ଧରି ମହିଳାମାନେ ଅତ୍ୟାଚାରିତ ହେଉଛନ୍ତି। ରାଜ୍ୟ ଆଜି ଏକ ହିଂସା ପ୍ରବଣ ରାଜ୍ୟ ରୂପେ ହୋଇସାରିଛି। ମହିଳାମାନଙ୍କ ପାଇଁ ଆଜି ଏ ରାଜ୍ୟ ଆଦୌ ନିରାପଦ ନୁହେଁ। ଓଡ଼ିଶା ପ୍ରଭାରୀ ଶ୍ରୀ ଅଜୟ ଲଲ୍ଲୁ ଜୀ କଂଗ୍ରେସ କର୍ମୀମାନଙ୍କ ଉଦ୍ଦେ୍ୟଶରେ କହିଥିଲେ ଯେ, ଓଡ଼ିଶା ଆଜି ମହିଳାମାନଙ୍କ ପାଇଁ ଏକ ନିରାପଦ ନୁହେଁ। ବିଜେପିର ବେଟି ପଢ଼ାଓ ଓ ବେଟି ବଚାଓ ନାରା ଓଡ଼ିଶାରେ କେବଳ ନାରାବାଜିରେ ହିଁ ରହିଯାଇଛି। ଏଠାରେ ପାଞ୍ଚ ଓ ସାତ ବର୍ଷର ଝିଅମାନେ ଗଣଦୁଷ୍କର୍ମରେ ଶିକାର ହେଉଛନ୍ତି। ଓଡ଼ିଶା ଦୁଷ୍କର୍ମକାରୀମାନଙ୍କ ଚରାଭୂଇଁ ପାଲଟିଛି। ପୋଲିସ କଂଗ୍ରେସ କର୍ମୀଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲା । ତେବେ ଏତିକି ବେଳେ କଂଗ୍ରେସ କର୍ମୀ ମାନେ ପୋଲିସ ଉପରକୁ ଚେୟାର ମାଡ଼ କରିଥିଲେ । ଏହା ପରେ ପରେ ପୋଲିସ ଉପରକୁ ଟେକା ପଥର, ଅଣ୍ଡା, ଟମାଟୋ, ପାଣି ବୋତଲ ମାଡ଼ କରିଥିଲେ । ସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିବା ଦେଖି ପୋଲିସ ପ୍ରଥମେ ପାଣି ମାଡ଼ ଓ ପରେ ଭିଡ଼ ହଟାଇବାକୁ ଟିୟର ଗ୍ୟାସ୍ ମାଡ଼ କରିଥିଲା। ଏହାପର ବି କଂଗ୍ରେସ କର୍ମୀଙ୍କୁ ନିୟନ୍ତ୍ରଣ କରିବାରେ ବିଫଳ ହେବାରୁ ପୋଲିସ ଆନ୍ଦୋଳନକାରୀଙ୍କ ଉପରେ ଲାଠି ମାଡ଼ କରିଥିଲା। ଆନ୍ଦୋଳନକାରୀ କଂଗ୍ରେସ କର୍ମୀଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଥିଲା ପୋଲିସ। ଶେଷରେ ପୋଲିସ ଆନ୍ଦୋଳନର ନେତୃତ୍ୱ ନେଉଥିବା ପିସିସି ସଭାପତି ଭକ୍ତ ଦାସ, ବରିଷ୍ଠ କଂଗ୍ରେସ ନେତା ତାରା ବାହିନୀପତି, ମହମ୍ମଦ ମୋକିମଙ୍କ ସମେତ ଅନ୍ୟ କିଛି ନେତାଙ୍କୁ ଆନ୍ଦୋଳନ ସ୍ଥଳରୁ ଉଠାଇ ନେଇଥିଲା । କଂଗ୍ରେସ କର୍ମୀଙ୍କ ଆକ୍ରମଣରେ ୧୫ ପୋଲିସ କର୍ମଚାରୀ ଆହତ ହେବା ସହ ପୋଲିସର ପାଲଟା କାର୍ଯ୍ୟାନୁଷ୍ଠାନରେ ମଧ୍ୟ ବହୁ କଂଗ୍ରେସ କର୍ମୀ ଆହତ ହୋଇଥିବା ଦଳ ଅଭିଯୋଗ କରିଛି। ଲୋୟର ପିଏମ୍‌ଜି କଂଗ୍ରେସ ଓ ସୁରକ୍ଷାକର୍ମୀ ମୁହାଁମୁହିଁ ଘଟଣାରେ ୧୨ ପୋଲିସ ଆହତ ହୋଇଥିବା ଭୁବନେଶ୍ୱର ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆହତ ୧୨ ପୋଲିସ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଆନ୍ଦୋଳନକାରୀ ଗୋଟିଏ ପୋଲିସ ଭ୍ୟାନ୍ କୁ ପୋଡ଼ିବାକୁ ଉଦ୍ୟମ କରୁଥିଲେ। ଆନ୍ଦୋଳନକାରୀ ବ୍ୟାରିକେଡ୍ ଭାଙ୍ଗି ଆଇନ ଉଲ୍ଲଙ୍ଘନ କରିଛନ୍ତି। ଏ ନେଇ କାର୍ଯ୍ୟାନୁଷ୍ଠାନ ହେବ। ସ୍ଥିତି ନିୟନ୍ତ୍ରଣାଧୀନ ରହିଛି, ସିସିଟିଭି ଯାଂଚ ଚାଲିଛି ବୋଲି କହିଛନ୍ତି ଡିସିପି । ମୁଣ୍ଡ ଫାଟିଲା ଗଣମାଧ୍ୟମ ପ୍ରତିନିଧିଙ୍କର । ଓଟିଭି ପ୍ରତିନିଧି ପ୍ରଭାତ ବିଷୋୟୀଙ୍କ ମୁଣ୍ଡ ଫାଟି ଯାଇଛି । ଖବର ସଂଗ୍ରହ କରୁଥିବା ସମୟରେ କଂଗ୍ରେସ କର୍ମୀଙ୍କ ଚେୟାର ମାଡ଼ରେ ଓଟିଭି ପ୍ରତିନିଧି ପ୍ରଭାତ ବିଷୋୟୀଙ୍କର ମୁଣ୍ଡ ଫାଟିଥିବା ସୂଚନା । ସେପଟେ ଲୋୟର ପିଏମ୍‌ଜିରେ ଟେକା ପଥର ମାଡ଼ ଯୋଗୁଁ ସେଠାରେ ଉପସ୍ଥିତ ଥିବା ଗଣମାଧ୍ୟମ ପ୍ରତିନିଧି ଚେୟାରକୁ ମୁଣ୍ଡରେ ସୁରକ୍ଷା କବଚ ଭାବେ ବ୍ୟବହାର କରିଥିଲେ ।

### ଆଗାମୀ ୩ ଦିନ ପାଇଁ ...

ସେହିପରି ୨୯ ତାରିଖରେ ଝାରସୁଗୁଡ଼ା, ସମ୍ବଲପୁର, ବୌଦ୍ଧ, ସୁବର୍ଣ୍ଣପୁର, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୩୦ ତାରିଖ ପାଇଁ ବରଗଡ଼, ସୁନ୍ଦରଗଡ, ଝାରସୁଗୁଡ଼ା, ସମ୍ବଲପୁର, ବୌଦ୍ଧ, ସୁବର୍ଣ୍ଣପୁର, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାକୁ ରହିଛି ୟେଲୋ ୱାର୍ଣ୍ଣିଂ । ଆସନ୍ତା ୩୦ ତାରିଖ ପରେ ତାପମାତ୍ରା ୨ ଡିଗ୍ରୀ କମିବ । ସେହିପରି ୨ ତାରିଖ ବେଳକୁ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

### ନବମ, ଦଶମ ଶ୍ରେଣୀ...

କାଲିର ନିର୍ଦ୍ଦେଶନାମାରେ ପରିବର୍ତ୍ତନ ନେଇ ଗଣଶିକ୍ଷା ବିଭାଗର ସୂଚନା । ସୋମବାର, ବୁଧବାର, ଶୁକ୍ରବାର ପିଲାଙ୍କୁ ଅଣ୍ଡା ଦିଆଯିବ । ସେହିପରି ମଙ୍ଗଳବାର, ଗୁରୁବାର, ଶନିବାର ପୋଷଣଯୁକ୍ତ ଲଡ୍ଡୁ ମିଳିବ । ଶିଶୁବାଟିକାଠୁ ଦଶମ ପର୍ଯ୍ୟନ୍ତ ସବୁ ପିଲାଙ୍କୁ ଏହା ମିଳିବ । ପିଏମ୍ ପୋଷଣ ଓ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଅନୁସାରେ ପିଲାଙ୍କୁ ଲଡୁ ଓ ଅଣ୍ଡା ମିଳିବ ।

### ଖୁବ୍‌ଶୀଘ୍ର ଭାରତ...

ପୁଟିନ ଗସ୍ତରେ ଆସି ମୋଦୀଙ୍କ ସହ ସାମରିକ, ଶକ୍ତି, ବାଣିଜ୍ୟ କ୍ଷେତ୍ରରେ ଦ୍ୱିପାକ୍ଷିକ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି । ଦୁଇ ଦେଶ ମଧ୍ୟରେ ୨୦୩୦ରୁ ଦୃଷ୍ଟିରେ ରଖି ନୂଆ ଅର୍ଥନୈତିକ ରୋଡମ୍ୟାପ ପ୍ରସ୍ତୁତ ହେବ ବୋଲି କୁହାଯାଇଛି । ଯାହାଦ୍ୱାରା ଋଷ-ଭାରତ ମଧ୍ୟରେ ବାଣିଜ୍ୟ କାରବାର ଦୁଇ ଗୁଣା ବୃଦ୍ଧି ହେବା ସହ ୧୦୦ ବିଲିୟନ ଡଲାର ଅର୍ଥାତ୍ ୯ ଲକ୍ଷ କୋଟି ଟଙ୍କା ଛୁଇଁବ ବୋଲି ଆକଳନ କରାଯାଉଛି । ଏହା ପୂର୍ବରୁ ୨୦୨୧ ଡିସେମ୍ବର ୬ ତାରିଖରେ ରୁଷ୍ ରାଷ୍ଟ୍ରପତି ପୁଟିନ୍ ଭାରତ ଗସ୍ତରେ ଆସିଥିଲେ । ସେ ମାତ୍ର ୪ ଘଣ୍ଟା ପାଇଁ ଭାରତ ଆସିଥିଲେ । ଏହି ସମୟରେ ଭାରତ ଓ ରୁଷ୍ ମଧ୍ୟରେ ୨୮ଟି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ୨୦୨୫ ସୁଦ୍ଧା ଦୁଇ ଦେଶ ବାର୍ଷିକ ୫୦ ବିଲିୟନ ଡଲାର ବାଣିଜ୍ୟ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ।

### ୟୁକ୍ରେନକୁ ଝଟକା ...

ଅନେକ ଦେଶର ପୂର୍ବରୁ ସୀମିତ ସାମରିକ ବଜେଟ୍ ଅଛି ଏବଂ ସେମାନେ ଯୁଦ୍ଧ ପାଇଁ ଅତିରିକ୍ତ ସମ୍ବଳ ସଂଗ୍ରହ କରିପାରିବେ ନାହିଁ। ଆମେରିକା ବର୍ତ୍ତମାନ ତାର ବୈଦେଶିକ ନୀତି ପରିବର୍ତ୍ତନ କରୁଛି, ଯାହା କାରଣରୁ ୟୁରୋପକୁ ତାର ରଣନୀତି ପରିବର୍ତ୍ତନ କରିବାକୁ ପଡୁଛି। ଜଣେ ୟୁରୋପୀୟ କୂଟନୀତିଜ୍ଞଙ୍କ ମତରେ, 'ଯେତେବେଳେ ୟୁକ୍ରେନର ସ୍ଥିତି ଦୃଢ଼ ଥିଲା ସେତେବେଳେ ସୈନ୍ୟ ପଠାଇହେଉ ଥିଲା, କିନ୍ତୁ ଏବେ ପରିସ୍ଥିତି ବଦଳି ଯାଇଛି।' ୟୁକ୍ରେନର ଭବିଷ୍ୟତ ସୁରକ୍ଷା ଗ୍ୟାରେଣ୍ଟି ଭାବରେ ନାଟୋ ଏବେ ବିକଳ୍ପ ପଦକ୍ଷେପଗୁଡ଼ିକୁ ଦେଖୁଛି। ଉଦାହରଣ ସ୍ୱରୂପ: ଯୁଦ୍ଧବିରତି ପରେ, ରୁଷ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ସାମୁଦ୍ରିକ ଏବଂ ଆକାଶ ମାର୍ଗରେ ନଜର ରଖିବା କାମ ବୃଦ୍ଧି କରାଯିବ। ନାଟୋ ସୈନ୍ୟମାନେ ସିଧାସଳଖ ଯୁଦ୍ଧରେ ସାମିଲ ହେବେ ନାହିଁ, କିନ୍ତୁ ସେମାନେ ୟୁକ୍ରେନୀୟ ସୈନିକମାନଙ୍କୁ ତାଲିମ ଦେଇ ସେମାନଙ୍କର ସାମରିକ କ୍ଷମତା ବୃଦ୍ଧି କରିବା ପାଇଁ କାର୍ଯ୍ୟ କରିବେ। ଆପଣଙ୍କୁ କହି ରଖୁଛୁ ଯେ ଫ୍ରାନ୍ସ ଏବଂ ବ୍ରିଟେନର ସାମରିକ ଅଧିକାରୀମାନେ ଏହି ରଣନୀତି ଉପରେ କାମ କରୁଛନ୍ତି। ନିକଟରେ, ବ୍ରିଟିଶ ପ୍ରଧାନମନ୍ତ୍ରୀ କୀର ଷ୍ଟାରମର କହିଛନ୍ତି, 'ଆମେ ୟୁକ୍ରେନର ଆକାଶ, ସମୁଦ୍ର ଏବଂ ସୀମାର ସୁରକ୍ଷା ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେଉଛୁ।'

### ରାଜ୍ୟରେ ୨୭ ...

ମୁଖ୍ୟମନ୍ତ୍ରୀ ତାଙ୍କ ଉତରରେ ଉଲ୍ଲେଖ କରିଛନ୍ତି ଯେ ୨୦୨୩ ତୁଳନାରେ ୨୦୨୪ ବର୍ଷରେ ରାଜ୍ୟର ୨୩ଟି ଜିଲ୍ଲାରେ ଭୂତଳ ଜଳସ୍ତର ହ୍ରାସ ପାଇଛି । ମାତ୍ର ୭ଟି ଜିଲ୍ଲା ବାଲେଶ୍ୱର, ଭଦ୍ରକ, କଟକ, କେନ୍ଦ୍ରାପଡା, ମାଲକାନଗିରି, ନୂଆପଡା ଓ ସମ୍ବଲପୁର ଜିଲ୍ଲାରେ ଜଳସ୍ତର ବୃଦ୍ଧି ପାଇଛି । ତେବେ ଭୂତଳ ଜଳସ୍ତର ହ୍ରାସ ପାଉଥିବା ଜିଲ୍ଲା ମଧ୍ୟରେ ସବୁଠାରୁ ଆଗରେ ରହିଛି ଗଜପତି ଜିଲ୍ଲା ରହିଛି । ଏଠାରେ ଭୂତଳ ଜଳସ୍ତର ଭୂମିଠାରୁ ୮.୦୩ ମିଟର ତଳେ ରହିଛି, ଯାହାକି ପୂର୍ବବର୍ଷ ତୁଳନାରେ ପାଖପାଖି ୪ ମିଟର ହ୍ରାସ ପାଇଛି । ଏହା ପଛକୁ ରହିଛି ରାୟଗଡା ଜିଲ୍ଲାରେ ଏଠାରେ ଜଳସ୍ତର ୨ ମିଟରରୁ ଅଧିକ ତଳକୁ ଖସିଯାଇଛି । କେତେକ ଉପକୂଳ ଜିଲ୍ଲା ଯଥା ଜଗତସିଂହପୁର, ପୁରୀରେ ଭୂତଳ ଜଳସ୍ତର ହ୍ରାସ ପାଇଥିବା ମୁଖ୍ୟମନ୍ତ୍ରୀଙ୍କ ଉତରରୁ ଜଣାପଡିଛି । ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ଭୂତଳ ଜଳସ୍ତର ବୃଦ୍ଧି ପାଇଁ ୨୦୨୨-୨୩ ରୁ ୨୦୨୬-୨୭ ପର୍ଯ୍ୟନ୍ତ ଦୁଇଟି ଯୋଜନା ଯଥା "ଛାତ" ଏବଂ "ଅରୁଆ" କାର୍ଯ୍ୟକାରୀ କରାଯାଉଛି । ଛାତ ଯୋଜନା ମାଧ୍ୟରେ ରାଜ୍ୟରେ ୨୭ଟି ସହରାଂଚଳ ଏବଂ ୫୨ଟି ବ୍ଲକରେ ୨୯,୫୦୦ଟି ବେସରକାରୀ କୋଠା ଏବଂ ୧୯୨୫ଟି ସରକାରୀ କୋଠାରେ ବର୍ଷାଜଳର ସଂରକ୍ଷଣ ଯୋଜନା କରାଯାଇଛି । ଅରୁଆ ଯୋଜନାରେ ୨୪୦୦ଟି ରିଚାର୍ଜ ସାଫ୍ଟ ମାଧ୍ୟମରେ ବର୍ଷା ଜଳର ସଂରକ୍ଷଣ ନିମିତ ପଦକ୍ଷେପ ନିଆଯାଇଛି । ସେହିଭଳି ବିଭିନ୍ନ ନଦୀମାନଙ୍କରେ ଅନ୍ତଃ ନଦୀ ଜଳାଶୟ ପ୍ରକଳ୍ପ ଓ ବିଭିନ୍ନ ପ୍ରାକୃତିକ ନାଳଗୁଡିକରେ ଆଡିବନ୍ଧ ତିଆରି କରି ଭୂତଳ ଜଳସ୍ତର ବୃଦ୍ଧି ପାଇଁ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନା ହାତକୁ ନିଆଯାଇଛି ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା ✓

# ପ୍ରଧାନମନ୍ତ୍ରୀ ଆବାସ ଗୃହ ସମ୍ପୂର୍ଣ୍ଣ କରି ମଧ ଦୀର୍ଘ ତିନି ବର୍ଷ ଧରି ବିଲ୍ ପାଇବାରୁ ବଞ୍ଚିତ ଅସହାୟ ମାଳତୀ

ଜଳେଶ୍ୱର , ୨୭/୩ (ନି.ପ୍ର): ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲାର ଏକ ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବରେ ପରିଗଣିତ ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ଠାରୁ ୩୫ କିଲୋ ମିଟର ଦୂରରେ ଅବସ୍ଥିତ ସର୍ଦ୍ଦାରବନ୍ଧ ଗ୍ରାମ ପଞ୍ଚାୟତ ଏହି ଗ୍ରାମ ପଞ୍ଚାୟତର ଶଙ୍ଖାଭଙ୍ଗା ଗ୍ରାମର ରାଜେନ୍ଦ୍ର ମହାନ୍ତଙ୍କ ପୁତ୍ର ଗଙ୍ଗାଧର ମହାନ୍ତ ଅତନ୍ତ୍ୟ ଗରିବ ପରିବାର ହୋଇ ଥିବାରୁ ୧୪ଫେବ୍ରୁଆରୀ ୨୦୨୨ ମସିହାରେ କାର୍ଯ୍ୟଦେଶ ନମ୍ବର ୧୫୩୧୬୨୨୨୩ ରେ ଜଳେଶ୍ୱର ପଞ୍ଚାୟତ ସମିତି ପକ୍ଷରୁ



ତାଙ୍କୁ ଏକ ପ୍ରଧାନମନ୍ତ୍ରୀ ଆବାସ ଗୃହ ମିଳିଥିଲା ଏବଂ ପ୍ରଥମ କିସ୍ତିରେ ୪୦ ହଜାର ଟଙ୍କା ମିଳିଥିଲା ଓ ଗୃହ କାର୍ଯ୍ୟ ଆରମ୍ଭ କରିଥିଲେ କିନ୍ତୁ ଗଙ୍ଗାଧର ମହାନ୍ତଙ୍କ ଜୀବନରେ ହଟାତ୍ କଳାବାଦଲ ଘୋଟି ଆସିଲା ୧୨/୮/୨୩ ରେ ଅକାଳ ବିୟୋଗ ହେଲା ପରେ ତାଙ୍କ ସ୍ତ୍ରୀ ମାଳତୀ ମହାନ୍ତ ଛୋଟ ଛୋଟ ଦୁଇଟି ପିଲା ମାନଙ୍କୁ ନେଇ ଦୁଃଖ କଷ୍ଟରେ ଧାର ଉଦ୍ଧାର କରି ଆବାସ ଗୃହଟି ଦୀର୍ଘ ଦିନ ଧରି ସମ୍ପୂର୍ଣ୍ଣ କରି ଥିଲେ ମଧ ଏବଂ ସ୍ୱାମୀର ମୃତ୍ୟୁ ପରେ ମାଳତୀର ବ୍ୟାଙ୍କ ଆକାଉଣ୍ଟ ନମ୍ବର ପରିବର୍ତନ କରି ବ୍ଲକ କାର୍ଯ୍ୟାଳୟରେ ଦେଇଥିଲେଅଧ ଆଜିକୁ ତିନି ବର୍ଷ ଧରି ବିଲ୍ ପାଇବାରୁ ବଞ୍ଚିତ ହୋଇ ବ୍ଲକ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ଅସହାୟ। ବିଧବା ମାଳତି ନୟାନ୍ତ ହେବାକୁ ବସିଲାଣି ତାଙ୍କୁ ବ୍ଲକ ପ୍ରଶାସନ କେବେ ତାଙ୍କ ଦୁଃଖଶୁଣିବେ ଓ ତାଙ୍କ ବାକି ଥିବା ବିଲ ପ୍ରଦାନ କରିବେ। ଏ ବାବଦରେ ଆମେ ଗ୍ରାମ ପଞ୍ଚାୟତର ପିଇଅ କ୍ରୀଷ୍ଣା ଘଡ଼େଇଙ୍କୁ ପଚାରିବାରୁ ସେ କହିଥିଲେ କି ଆମେ ବ୍ଲକ ଗୃହବିଭାଗକୁ ଜଣାଇଛୁ ତା ପରେ ମଧ ସେମାନେ କିଛି ନ କରିବା ହେତୁ ବିଲ୍ ପାଇବାରେ ବିଳମ୍ବ ହେଉଛି ।

# ଜିଲ୍ଲାସ୍ତରୀୟ ସିଏମ ଟ୍ରଫି ଫୁଟବଲ ଚାମ୍ପିୟନସିପ୍ ପ୍ରତିଯୋଗିତା ଆୟୋଜନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୨୭/୩ (ନି.ପ୍ର): ଜିଲ୍ଲାରେ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ ତଥା ତୃଣମୂଳ ସ୍ତରରେ କ୍ରୀଡ଼ାବିତମାନଙ୍କୁ ଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରିବା ସହ କ୍ରୀଡ଼ା ପ୍ରତିଭା ବିକାଶ କରିବା ନିମନ୍ତେ ଭୀମପୁରାସ୍ଥିତ କ୍ରୀଡା ହଷ୍ଟେଲ ପଡ଼ିଆଠାରେ ଆସନ୍ତା ଏପ୍ରିଲ ତା ୨ ରିଖ ଠାରୁ ୯ ରିଖ ପର୍ଯ୍ୟନ୍ତ ସିଏମ ଟ୍ରଫି ଫୁଟବଲ ଚାମ୍ପିୟନସିପ୍ ପ୍ରତିଯୋଗିତା ଆୟୋଜିତ ହେବାକୁ ଯାଉଅଛି ଓ ଉକ୍ତ ପ୍ରତିଯୋଗିତା ୧୫ ବର୍ଷରୁ କମ୍ କ୍ରୀଡ଼ାବିତ୍ ବର୍ଗ ପାଇଁ (ଅଣ୍ଡର-୧୫ କ୍ୟାଟାଗୋରିରେ) ଆୟୋଜିତ କରାଯାଉଛି। ଜିଲ୍ଲାସ୍ତରୀୟ ସିଏମ ଟ୍ରଫି ଫୁଟବଲ ଚାମ୍ପିୟନସିପ୍ ର ଆୟୋଜନ ହେବା ସମ୍ବନ୍ଧରେ ଆଜି ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଉକ୍ତ ବୈଠକରେ ଜିଲ୍ଲା କ୍ରୀଡା ଅଧିକାରୀ




ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ପ୍ରାଚୀ ତନୟା ଗିରି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତଙ୍କ ସମେତ ବିଭିନ୍ନ କ୍ରୀଡା ଆସୋସିଏସନର ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଜିଲ୍ଲାର ମୋଟ ୭ ଗୋଟି ଫୁଟବଲ କ୍ଲବ ଏହି ପ୍ରତିଯୋଗିତାରେ ଭାଗ ନେବେ ଓ ନିଉ ଏନଏସି ରେମୁଣା, ଟାଉନ କ୍ଲବ, ବିଏସକେ ଆରମଳା ଫୁଟବଲ କ୍ଲବ, ମାର୍କୋଣା ଫୁଟବଲ କ୍ଲବ, ବଣଭୁଇଁ ଫୁଟବଲ କ୍ଲବ, ଓଏସଏଲ ଫୁଟବଲ କ୍ଲବ ଏବଂ ବାଲେଶ୍ୱର ଫୁଟବଲ କ୍ଲବ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ପ୍ରକାଶଯୋଗ୍ୟ ଯେ, ତୃଣମୂଳ ସ୍ତରରୁ କ୍ରୀଡ଼ା ପ୍ରତିଭାମାନଙ୍କୁ ଚୟନ କରାଯାଇ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ ଦ୍ୱାରା ସଶକ୍ତ କରାଇବା ଏବଂ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ ଦିଗରେ କାର୍ଯ୍ୟ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ସିଏମ ଟ୍ରଫି ଚାମ୍ପିୟନସିପ୍ ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଆଗାମୀ ଭବିଷ୍ୟତରେ କ୍ରୀଡ଼ାବିତମାନେ ଯେପରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆୟୋଜିତ ହେଉଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଅର୍ଜନ କରିବେ ତାହା ଲକ୍ଷ୍ୟ ରଖାଯାଇଛି।

## ଭୟଙ୍କର ସଡକ ଦୁର୍ଘଟଣାରେ ତିନିଜଣଙ୍କ ମୃତ୍ୟୁ

ଗୌହାଟୀ, ୨୭/୩ : ଗୌହାଟୀର ଉପକଣ୍ଠ ଅଞ୍ଚଳ ସୋନାପୁରରେ ଗୁରୁବାର ସକାଳେ ହୋଇଥିବା ଏକ ଦୁଃଖଦ ସଡକ ଦୁର୍ଘଟଣାରେ ତିନିଜଣ ବ୍ୟକ୍ତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ପୋଲିସ କହିଛି ଯେ ସୋନାପୁର ଅଞ୍ଚଳର ଜୁଗଦଲରେ ଭୟାବହ ସଡକ ଦୁର୍ଘଟଣାରେ ତିନିଜଣଙ୍କ ମୃତ୍ୟୁ ସେହି ସମୟରେ ହୋଇଥିଲା ଯେତେବେଳେ ତିନିଜଣ ଛୋଟ ମାଲବାହୀଗାଡି (ଏଏସ-୨୧ଏସୀ-୩୩୦୯)ରେ ବସି ଜାଗିରୋଡରୁ ଗୁୱାହାଟୀ ଅଭିମୁଖେ ଆସୁଥିଲେ। ଦୁର୍ଘଟଣାରେ ଡ୍ରାଇଭରର ମଧ ମୃତ୍ୟୁ ଘଟିଛି। ପୋଲିସ ସୁତ୍ରରୁ ପ୍ରକାଶ ଯେ ଗାଡି ସୋନପୁରର ଜୁଗଦଲରେ ସଡକ କଡରେ ଠିଆ ହୋଇଥିବା ଟ୍ରକ(ଏଏସ-୦୧ପୀସୀ-୫୬୧୫)ପଛପଟୁ ଧକ୍କା ଦେଇଥିଲା ,ଯେଉଁ କାରଣରୁ ଗାଡି ଡ୍ରାଇଭର ସମେତ ତିନିଜଣଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ସେଠାକାର ଛୋଟ ଛୋଟ ଗାଡି ସମ୍ପୂର୍ଣ୍ଣ ଭାବରେ କ୍ଷତିଗ୍ରସ୍ତ ହୋଇଛି।

# ଶାନ୍ତିକାନନରେ କବି ରମାକାନ୍ତ ରଥଙ୍କୁ ଶ୍ରଦ୍ଧାଞ୍ଜଳି




ବାଲେଶ୍ୱର, ୨୭/୩ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ବୁଧବାର ସନ୍ଧ୍ୟାରେ କବିତୀର୍ଥ ଶାନ୍ତିକାନନଠାରେ ଦିବଂଗତ କବି ରମାକାନ୍ତ ରଥଙ୍କ ଉଦ୍ଦେଶ୍ୟରେ ପରିଷଦର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତି ରମାକାନ୍ତ ରଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧା ନିବେଦନ କରିଥିଲେ। ପରିଷଦର ସଂପାଦକ ଡ. ରତ୍ନାକର ସିଂହ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଯଶସ୍ୱୀ ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା ବକ୍ତା ଭାବରେ ମଞ୍ଚାସୀନ ଥିଲେ। ଏହି ଅବସରରେ ରମାକାନ୍ତ ରଥଙ୍କ ସ୍ମୃତି ସମ୍ୱଳିତ 'ହିରଣ୍ମୟ ରମାକାନ୍ତ' ପୁସ୍ତକ ଉନ୍ମୋଚିତ ହୋଇଥିଲା। କୋଡ଼ିଏରୁ ଉର୍ଦ୍ଧ୍ୱ ସଦସ୍ୟ ଦିବଂଗତ କବିଙ୍କ ପ୍ରତି ନିଜନିଜର ଶ୍ରଦ୍ଧାଞ୍ଜଳି ବାଢ଼ି କହିଲେ ଯେ ପାଠକ ଶ୍ରେଣୀ ନିର୍ମାଣ କରିବାରେ ରମାକାନ୍ତ ସିଦ୍ଧହସ୍ତ। ସେ ପ୍ରଚଣ୍ଡ ଆଶାବାଦୀ ଥିଲେ। ତାଙ୍କ କଲମର କୁହୁକ ସ୍ପର୍ଶ ପାଠକ ସମାଜ ହୃଦୟରେ ଶିହରଣ ଆଣିଦେଇଥିଲା। ରମାକାନ୍ତ ରଥ ନିଜର ପାର୍ଥିବ ଶରୀର ତ୍ୟାଗ କରିଛନ୍ତି ସତ, ମାତ୍ର ସେ କାଳକାଳକୁ ଜୀବିତ ରହିବେ ପାଠକଙ୍କର ମାନସରେ, ହୃଦୟରେ ଓ ଚେତନାରେ। ଯେଉଁମାନେ କବି ରଥଙ୍କ ପ୍ରତି ଶ୍ରଦ୍ଧା ନିବେଦନ ବାଢ଼ିଥିଲେ, ସେମାନେ ହେଲେ ହରିଶ୍ଚନ୍ଦ୍ର ବେହେରା, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ବିମଳ ଜେନା, ଯଶୋଧାରା ଦାସ, ଅରୁଣା ରାୟ, ଅଞ୍ଜଳି ପଣ୍ଡା, ରମାକାନ୍ତ ନାୟକ, ସନ୍ତୋଷ କୁମାର ନାୟକ, ସାରଙ୍ଗଧର ତ୍ରିପାଠୀ, ଦୀପକ ବୋଷ, ଦୀନବନ୍ଧୁ ଲେଙ୍କା, ପ୍ରଦୀପ ଚାଟ୍ଟାର୍ଜୀ, ଦେବଯାନୀ ଦାସ, ଉଦୟ ନାରାୟଣ ଦାସ, ଉତ୍ପଳ ମହାନ୍ତି, ମମତା ମହାପାତ୍ର, ରାଧାରଂଜନ ପଟ୍ଟନାୟକ, ପ୍ରଶାନ୍ତ ଦାସ, ସିତାଂଶୁ ଲେଙ୍କା, ଅଭୟ ଦାସ, କାଳିକିଙ୍କର ଦାସ, ସ୍ମୃତି ଦାସ, ନିବାରଣ ଜେନା, ଚିତ୍ରାରାଣୀ ପାତ୍ର। ଯୁଗ୍ମ ସଂପାଦକ ରାଜେଶ ଗିରି ମଞ୍ଚଆବାହନ କରିଥିବାବେଳେ ଅନ୍ୟତମ ଯୁଗ୍ମ ସଂପାଦକ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ହତ୍ୟା ମାମଲାରେ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

ନୀଳଗିରି , ୨୭/୩ (ନି.ପ୍ର): ଏକ ହତ୍ୟା ମାମଲାର ଶୁଣାଣି କରି ବାଲେଶ୍ୱର ସ୍ୱତନ୍ତ୍ର ଓପିଆଇଡି କୋର୍ଟ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ସହିତ ୫ହଜାର ଟଙ୍କା ଜୋରିମାନା ପାଇଁ ରାୟ ଶୁଣାଇଛନ୍ତି। ସୂଚନା ଅନୁଯାୟୀ ନୀଳଗିରି ଥାନା ଔପଦା ବ୍ଲକ୍ ଈଶ୍ୱରପୁର ପଞ୍ଚାୟତ ପିଞ୍ଛାବଣିଆ ଗ୍ରାମର ଆସାମୀ ସମରେନ୍ଦ୍ର ମଲ୍ଲିକ ଉକ୍ତ ଗ୍ରାମର ବାଇଧର ବରସଲକୁ ଏକ ଜମିର ହିଡହଣା ଘଟଣାକୁ କେନ୍ଦ୍ରକରି ହତ୍ୟା କରିଥିଲା। ଏନେଇ ନୀଳଗିରି ଥାନାରେ ୨୦୨୨ମସିହା ଜୁଲାଇ ୮ତାରିଖରେ ୨୨୧ନଂ କେସ ରୁଜୁ ହୋଇଥିଲା। ୧୫ଜଣ ସାକ୍ଷୀ ଏବଂ ୧୮ଟି ଦଲିଲ ଓ ଦସ୍ତାବିଜକୁ ଆଧାର କରି ବାଲେଶ୍ୱର ମାନ୍ୟବର ସ୍ୱତନ୍ତ୍ର ଓପିଆଇଡି ଜଜ୍ ବିଶ୍ୱଜିତ୍ ଦାସ ଅଭିଯୁକ୍ତ ସମରେନ୍ଦ୍ର ମଲ୍ଲିକକୁ ଆଜୀବନ କାରାଦଣ୍ଡ ସହିତ ୫ହଜାର ଟଙ୍କା ଜୋରିମାନା ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ ପଣ୍ଡା ମକଦ୍ଦମା ପରିଚାଳନା କରୁଥିବା ବେଳେ ନୀଳଗିରି ପୋଲିସ ପକ୍ଷରୁ ବିରଞ୍ଚି ସାହୁ ତଦନ୍ତକାରୀ ଅଫିସର ଭାବେ ମାମଲାର ତଦନ୍ତ କରିଥିଲେ।

# ପଖାଳ ସପ୍ତାହ ଅବସରରେ ଖାଦ୍ୟ ସଚେତନତା କାର୍ଯ୍ୟକ୍ରମ

ନୀଳଗିରି, ୨୭/୩ (ନି.ପ୍ର): ବିଶ୍ୱ ପଖାଳଦିବସ ଅବସରରେ ନୀଳଗିରି ସିଆଡ଼ିମାଳ ପଞ୍ଚାୟତ କୁମ୍ଭକ୍ଷେତ୍ରରେ ପାଳିତ ହେଉଥିବା ପଖାଳ ସପ୍ତାହର ଅନ୍ତିମ ଦିବସରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଆଇନବିଭାଗ ଦ୍ୱାରା ଏକ ସୁସ୍ଥ ଖାଦ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏଥିରେ ମୁଖ୍ୟଅତିଥି ଭାବରେ ବିଶିଷ୍ଟ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଯୋଗଦେଇ ଶରୀରରେ ରୋଗ କାରଣ ଓ ସମାଧାନ ବିଷୟରେ ଆଲୋକପାତ କରିବା ସହ ପଖାଳର ଔଷଧୀୟ ଗୁଣ ବିଷୟରେ ଜଣାଇଥିଲେ। ଅନ୍ୟତମ ଅତିଥିଭାବେ କୁମ୍ଭକ୍ଷେତ୍ରର ମୁଖ୍ୟ ଶିକ୍ଷୀ କେଶୁଦାସ ପଖାଳର ପାରମ୍ପରିକ,




ଆଧାତ୍ମିକ ଓ ସାଂସ୍କୃତିକ ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ । ଆଇନ ବିଭାଗର ଡିନ ବିନୟ କୁମାର ଦାସ ପ୍ରାକୃତିକ ପରିବେଶରେ ପଖାଳ ଦିବସ ପାଳନ କରିବାର ଆଭିମୁଖ୍ୟ ବକ୍ତବ୍ୟରେ ପରିପ୍ରକାଶ କରିଥିଲେ । ବିଭାଗର ପଦ୍ମଲୋଚନ ଖଟୁଆ ମଞ୍ଚକୁ ପରିଚାଳନା କରିଥିବା ବେଳେ ହେମନ୍ତ କୁମାର ଜେନା, ଓମକାର ଦାଶ ପ୍ରମୁଖ ପଖାଳ ବିଷୟରେ ମତବ୍ୟକ୍ତ କରିଥିଲେ। ଶେଷରେ ଉମାଶଙ୍କର କର ଧନ୍ୟବାଦ ପ୍ରଦାନ କରିଥିଲେ। ୪୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇ ପଖାଳ ଖାଇଥିଲେ । ଫକୀରମୋହନ ମେଡ଼ିକାଲ କଲେଜ ଓ ହସପିଟାଲର ଛାତ୍ରମାନେ ଯୋଗଦେଇ ପଖାଳ ଦିବସ ଉପରେ ନିଜ ନିଜର ମତାମତ ରଖିଥିଲେ।

# ରଜନୀରଞ୍ଜନଙ୍କୁ କଳାଭାସ୍କର ସମ୍ମାନ



କଟକ, ୨୭/୩ (ନି.ପ୍ର): ବିଶ୍ୱ ନାଟ୍ୟଦିବସ ଥିଏଟର ମୁମେଣ୍ଟ ଆନୁକୂଲ୍ୟରେ ପାଳିତ ହୋଇଯାଇଛି । ଆଇନଜୀବୀ ଧରଣୀଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଡାକ୍ତର ଜୟନ୍ତ ପଣ୍ଡା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ସଭାପତି ପ୍ରଫେସର ଡ. ନାରାୟଣ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ସିନେ ଲେଖକ ନାଟ୍ୟକାର ଡ. ରଜନୀରଞ୍ଜନଙ୍କୁ କଳାଭାସ୍କର ଉପାଧିରେ ସମ୍ମାନିତ କରାଯାଇଥିଲା । ପରିଶେଷରେ ସମ୍ପାଦକ ଗୋଲଖ ବିହାରି ଦାଶମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୫ ବର୍ଷରେ ବଜ୍ରପାତରେ ରାଜ୍ୟରେ ୧୪୧୮ ଲୋକଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୭/୩ (ନି.ପ୍ର): ୫ ବର୍ଷରେ ବଜ୍ରପାତରେ ରାଜ୍ୟରେ ୧୪୧୮ ଲୋକଙ୍କ ମୃତ୍ୟୁ ହୋଇଛି। ୨୦୨୦-୨୧ରେ ୩୩୯ ଜଣଙ୍କ ଜୀବନ ଯାଇଥିବା ବେଳେ ସର୍ବାଧିକ ମୟୂରଭଞ୍ଜ ଜିଲ୍ଲାରେ ୩୯ ଜଣଙ୍କ ମୃତ୍ୟୁ ହୋଇଛି । ୨୦୨୧-୨୨ରେ ୨୯୬ ଜଣଙ୍କ ଜୀବନ ଯାଇଥିବା ବେଳେ ସର୍ବାଧିକ କେନ୍ଦୁଝରରେ ୨୬ ଜଣଙ୍କ ମୃତ୍ୟୁ। ୨୦୨୨-୨୩ରେ ୩୦୬ ଜଣଙ୍କ ଜୀବନ ଯାଇଥିବା ବେଳେ ସର୍ବାଧିକ ମୟୂରଭଞ୍ଜରେ ୩୫ ଜଣଙ୍କ ମୃତ୍ୟୁ ହୋଇଛି ।

# ୧୬ ଓ ୧୯ ବର୍ଷରୁ କମ ଜୁନିୟର ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ୨୮ରୁ ୦୩ ତାରିଖ ମଧ୍ୟରେ ନାମ ପଞ୍ଜିକରଣ

ବାରିପଦା , ୨୭/୩ (ନି.ପ୍ର): ମୟୂରଭଞ୍ଜ ଏଥଲେଟିକ ଏସୋସିଏସନ ଆନୁକୂଲ୍ୟରେ ୧୬ ଓ ୧୯ ବର୍ଷରୁ କମ ଓ ସି ଏ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବାକୁ ଯାଉଅଛି ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସଙ୍କ ସୂତ୍ରରୁ ପ୍ରକାଶ ଓ ଏଥିପାଇଁ ଇଚ୍ଛୁକ ଖେଳାଳି ମାନେ ଚଳିତ ମାସ ୨୮ ତାରିଖରୁ ଏପ୍ରିଲ ୩ ତାରିଖ ମଧ୍ୟରେ ବାରିପଦା ଷ୍ଟାଡିୟମ ଅଫିସରେ ନିଜ ନିଜର ନାମ ପଞ୍ଜିକରଣ କରିପାରିବେ ଓ ୧୬ ବର୍ଷରୁ କମ ଖେଳାଳିଙ୍କ ଜନ୍ମ ୦୧/୦୯/୨୦୦୯ ରୁ ୩୧/୦୮/୨୦୧୧ ମଧ୍ୟରେ ଏବଂ ୧୯ ବର୍ଷରୁ କମ ଖେଳାଳିଙ୍କ ଜନ୍ମ ୦୧/୦୯/୨୦୦୬ ରୁ ୦୧/୦୯/୨୦୦୯ ମଧ୍ୟରେ ହୋଇଥିବା ଆବଶ୍ୟକ ଓ ପଞ୍ଜିକରଣ ସମୟରେ ଡିଜିଟାଲ ଜନ୍ମ ପ୍ରମାଣ ପତ୍ର, ଆଧାର କାର୍ଡ, ମାଟ୍ରିକ ସାର୍ଟିଫିକେଟ୍, ପଢୁଥିବା ଶିକ୍ଷାନୁଷ୍ଠାନ ମୁଖ୍ୟଙ୍କ ପ୍ରମାଣ ପତ୍ର ଦାଖଲ କରିବାକୁ ହେବବୋଲି କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଜଣାଇଛନ୍ତି ।

# ଡଗରା ଓ ଯମୁନାଶୁଳ ବେଳାଭୂମିରେ ବାରୁଣୀ ସ୍ନାନ: ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

ବାଲିଆପାଳ , ୨୭/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ଡଗରା, ଚଉମୁଖ ଓ ଯମୁନାଶୂଳ ର ସମୁଦ୍ର ବେଳାଭୂମି ଆଜି ବାରୁଣୀସ୍ନାନ ପାଇଁ ଚଳଚଞ୍ଚଳ ହୋଇଉଠିଛି କ୍ଷଜିଲ୍ଲା ତଥା ଜିଲ୍ଲା ବାହାର ସହିତ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗରୁ ହଜାର ହଜାର ଲୋକ ସମୁଦ୍ର ରେ ବୁଡ଼ ପକାଇଛନ୍ତି। ପ୍ରାୟତଃ ଡଗରା ବେଳାଭୂମିରେ ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା । ।ଆଜିର ଦିନରେ ମହୋଦଧିରେ ସ୍ନାନ କଲେ କୋଟି ପୂଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ଗତକାଲି ରାତ୍ରୀରୁ ବିଭିନ୍ନ ଚାରିଚକିଆ ଗାଡି, ଅଟୋ ,ମଟର ସାଇକେଲ, ସାଇକେଲ ପ୍ରଭୃତିରେ ହଜାର ହଜାର ଲୋକଙ୍କର ଶ୍ରୋତ ବାରୁଣୀ ମେଳା ପର୍ଯ୍ୟନ୍ତ ଲାଗିଥିଲା । ପ୍ରାତଃରୁ ଶ୍ରଦ୍ଧାଳୁମାନେ ବାଲୁକା ଥାପି ସୂର୍ଯ୍ୟପୂଜା କରିବା ସହ ମହୋଦଧିରେ ବୁଡ ପକାଇଥିଲେ ।



ସ୍ନାନ ପରେ ଅନେକ ଶ୍ରଦ୍ଧାଳୁ ଦାନ ଧର୍ମ କରୁଥିବା ଦେଖିବାକୁ ମିଳିଥିଲା । ବହୁ ମହିଳା ଏବଂ ଝିଅ ତଥା ଛୋଟଛୋଟ ପିଲା ମାନେ ମଧ ସମୁଦ୍ରରେ ଗାଧୋଇ ଭରପୁର ମଜା ଉଠାଇଥିଲେ । ଏହି ଅବସରରେ ସମୁଦ୍ରକୁଳରେ ଲାଗିଥିବା ମେଳାରେ ଘରକରଣା ଜିନିଷ ଠାରୁ ଆରମ୍ଭକରି ଅନେକ ଜଳଖିଆ ଦୋକାନ ଖୋଲିଥିଲା । ସମୁଦ୍ରକୂଳ ତଥା ବିଭିନ୍ନ ଛକ ସ୍ଥାନ ମାନଙ୍କରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପକ୍ଷରୁ ଜଳଛତ୍ର ଖୋଲାଯାଇଥିଲା । ଆଜି ଖରା ଏତେ ପ୍ରଖର ନଥିବାରୁ ଅପରାହ୍ନ ପର୍ଯ୍ୟନ୍ତ ମେଳାରେ ଲୋକଙ୍କ ଭିଡ ଲାଗିରହିଥିଲା । ଡଗରା ପଞ୍ଚାୟତର ସରପଞ୍ଚ ,ପଞ୍ଚାୟତ କମିଟି ସମେତ ମେଳା କମିଟିର ସଦସ୍ୟମାନେ ବାରୁଣୀ ଯାତ୍ରାକୁ ପରିଚାଳନା କରିଥିଲେ । ସେହିପରି ଚଉମୁଖ ଓ ଯମୁନାଶୂଳ ବେଳାଭୂମିରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ସ୍ନାନ ସମୟରେ କୌଣସି ପ୍ରକାରର ଅଘଟଣ ନ ଘଟିବା ପାଇଁ ଏବଂ ମେଳା ଓ ଟ୍ରାଫିକ ବ୍ୟବସ୍ଥାକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ବାଲିଆପାଳ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିର, ନୂଆଗାଁର ବିରାଟ ଜଳଛତ୍ର ଶିବିର

ବାଲିଆପାଳ/ଲଙ୍ଗଳେଶ୍ୱର , ୨୭/୩ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ନୂଆ ଗାଁ ପଞ୍ଚାୟତର ଯମୁନାଶୂଳ ବାରୁଣୀ ମେଳା ଅବସରରେ ନୂଆ ଗାଁ ସ୍ଥିତ ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିର ଆନୁକୂଲ୍ୟରେ ଏକ ବିଶାଳ ଜଳଛତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିର ସମ୍ପାଦକ ଶ୍ରୀ ଯୁକ୍ତ ରଂଜନ କୁମାର ବେହେରା ମହୋଦୟଙ୍କର ପୃଷ୍ଠପୋଷକତାରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ମାନଙ୍କ ଦ୍ୱାରା ଏହି ଜଳ ଦାନ ପ୍ରକ୍ରିୟାର ଶୁଭାରମ୍ଭ କରାଯାଇଥିଲା।ଜଳ ହିଁ ଜୀବନ ଜଳ ହିଁ ସୃଷ୍ଟିର ମୂଳାଧାର ତଥା ଜଳ ଦାନ




ମହତ ଦାନ ବୋଲି ଯେଉଁ ଆର୍ଯ୍ୟ ବାକ୍ୟ ରହିଛି , ସେହି ଆର୍ଯ୍ୟ ବାକ୍ୟକୁ ଚରିତାର୍ଥ କରିବାର ଏହା ହେଉଛି ଛାତ୍ର ଛାତ୍ରୀ ମାନଙ୍କର ମାନସିକ ଓ ଆତ୍ମିକ ପ୍ରୟାସ । ସକାଳ ୭ ଘଟିକାରୁ ଆରମ୍ଭ କରି ଅପରାହ୍ନ ପ୍ରାୟ ୩ ଘଟିକା ପର୍ଯ୍ୟନ୍ତ ଶତାଧିକ ବାରୁଣୀ ସ୍ନାନ ଶ୍ରଦ୍ଧାଳୁମାନଙ୍କୁ ଗ୍ଲାସ୍ ଲେମ୍ବୁ , ଜଳଜିରା ପ୍ରଭୃତି ପ୍ରଦାନ କରାଯାଇଥିଲା। ପିଲାମାନେ ଉତ୍ସାହିତ ଭାବରେ ଏହି କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀ ଯୁକ୍ତ ପ୍ରଭାକର ବେହେରା, ଗୁରୁଜୀ ଶ୍ରୀ ଯୁକ୍ତ ପରମାନନ୍ଦ ପରିଡା , ଶ୍ରୀ ଯୁକ୍ତ ନୀଆସି ରଣଜିତ୍, ଶ୍ରୀ ଯୁକ୍ତ ବସନ୍ତ ପ୍ରଧାନ , ଶ୍ରୀ ମାନ୍ ସାଇ ବିକାଶ ବେହେରା, ଶ୍ରୀ ଯୁକ୍ତ ଉମା ଶଙ୍କର ପଣ୍ଡା, , ଗୁରୁମା ଶ୍ରୀମତୀ ଅଞ୍ଜୁବାଳା ମିଶ୍ର ,ଛବି ରାଣୀ ପରିଡା, ଶାନ୍ତି ଲତା ଜେନା, ରସ୍ମିତା ପାଢୀ, ଜୟନ୍ତୀ ଦାସ, ସାଇପ୍ରିୟା ସାମନ୍ତରାୟ, ପ୍ରମୁଖ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳିତ କରିଥିଲେ।

# ମନ୍ତ୍ରୀଙ୍କ ନିକଟରେ ସୂଚନା ପହଂଚାଉଛନ୍ତି ୨୦ଜଣ ଅଧିକାରୀ

ଭୁବନେଶ୍ୱର, ୨୭/୩ (ନି.ପ୍ର): ବିଭିନ୍ନ ଗଣମାଧ୍ୟମର ପ୍ରକାଶିତ ଖବରଗୁଡିକ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ଶାସନ ସଚିବ ଆଦିଙ୍କ ଦୃଷ୍ଟିକୁ ଆଣିବାପାଇଁ ଓଡିଶା ସୂଚନା ଦେବା ବର୍ଗର ୨୦ଜଣ ଅଧିକାରୀ ଓ ୩ଜଣ କର୍ମଚାରୀ କାର୍ଯ୍ୟ କରୁଛନ୍ତି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ ଉଲ୍ଲେଖକରିଛନ୍ତି ଯେ ଛାପା ଗଣମାଧ୍ୟମ, ବୈଦ୍ୟୁତିକ ଗଣମାଧ୍ୟମ ଓ ବିଭିନ୍ନ ସୋସିଆଲ ମିଡିଆରେ ପ୍ରକାଶିତ ଖବରଗୁଡିକ ପ୍ରକାଶିତ ହେବା ଦିନ ହିଁ ସୂଚନା/ଲୋକସମ୍ପର୍କ ଅଧିକାରୀମାନେ ଖବରକାଗଜର ସମ୍ପୃକ୍ତ ଅଂଶକୁ ସଂଗ୍ରହ କରି କାର୍ଯ୍ୟାନୁଷ୍ଠାନ ପାଇଁ ଉପରୋକ୍ତ ମନ୍ତ୍ରୀଙ୍କ ଦପ୍ତର ଓ ନିଜ ନିଜ ବିଭାଗକୁ ପଠାଇଥାନ୍ତି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida